୬ ମିଳିଲା ଅନୁମତି : ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ ଆଇପିଏଲ୍ ମ୍ୟାଚ୍




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା, 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୪୬ ● ୧୭ ମାର୍ଚ୍ଚ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-46 ● 17th March 2026, Tuesday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


# ଏସ୍‌ସିବି ମେଡ଼ିକାଲରେ ଭୟାବହ ଅଗ୍ନିକାଣ୍ଡ : ୧୦ ମୃତ

କଟକ, ୧୬।୩

ନ୍ୟୁଜ୍ ବ୍ୟୁରୋ

ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସସିବି) ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ରବିବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟଣାରେ ୧୦ ଜଣ ରୋଗୀଙ୍କର ମୃତ୍ୟୁ ଘଟିଥିଲା ବେଳେ ଅନ୍ୟ ୫ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କର ଚିକିତ୍ସା ଜାରି ରହିଛି। ଏହି ସମ୍ବେଦନଶୀଳ ଘଟଣା ଏବେ ଦେଶର ପ୍ରମୁଖ ଖବର ହୋଇଛି। ଦେଶର ଅନ୍ୟତମ ପୁରାତନ ଚିକିତ୍ସାଳୟରେ କେଉଁଭଳି ଭାବରେ ଅଗ୍ନିକାଣ୍ଡ ଘଟିଲା ସେନେଇ ସବୁଆଡ଼େ ଚର୍ଚ୍ଚା ହେଉଛି। ଏହାରି ମଧ୍ୟରେ ମୃତକମାନଙ୍କର ନାମ ଜାରି ହୋଇଛି। ଅଗ୍ନିକାଣ୍ଡରେ ମୃତକଙ୍କ ମାନେ ହେଲେ, ରମେଶ ଚନ୍ଦ୍ର ପରିଡ଼ା, ଦାର୍ଶୁ ମୁଣ୍ଡା, ଏମଡି ନ୍ୟୁମ୍, ଗୌରାଙ୍ଗ ଚନ୍ଦ୍ର ବାରିକ, ଶେଖ୍ ଅବଦୁଲ୍ ସତାର, ମଧୁସୂଦନ ଦଳାଇ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ଦାଶ, ଚେରୁ ପରିଡ଼ା, ମେନକା ରାଉତ। ଏହି ୧୦ ଜଣଙ୍କର ମୃତ୍ୟୁ ହୋଇଥିବା ପ୍ରାଥମିକ ସୂଚନା ମିଳିଛି। ଅନ୍ୟ ୫ ଜଣ ରୋଗୀଙ୍କ ଅବସ୍ଥା ଗୁରୁତର ଅଛି। ଏହି ଅଭାବନୀୟ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି ପୁଲିସ କମିଶନର। ସୂଚନା ଅନୁସାରେ ମଧ୍ୟରାତ୍ରୀରେ ଯେତେବେଳେ ଏସସିବିର ରୋଗୀ, ରୋଗୀ ସମ୍ପର୍କୀୟମାନେ ଶୋଇ ପଡ଼ିଥିଲେ, ସେହି ସମୟରେ ଅଗ୍ନିକାଣ୍ଡ ହୋଇଥିଲା। ହଠାତ ଅଗ୍ନିକାଣ୍ଡ ହେବାରୁ ରୋଗୀ ଓ ରୋଗୀଙ୍କ (ପୃଷ୍ଠା ୭ରେ)





## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କ ଦୁଃଖ ପ୍ରକାଶ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୬।୩

ନ୍ୟୁଜ୍ ବ୍ୟୁରୋ

କଟକ ଏସସିବି ଅଗ୍ନିକାଣ୍ଡରେ ଦୁଃଖ ପ୍ରକାଶ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏନେଇ ସୋସିଆଲ ମିଡିଆ ଏକ୍ସରେ ରାଷ୍ଟ୍ରପତି କହିଛନ୍ତି ଓଡ଼ିଶାର କଟକ ଏସ୍‌ସିବି ହସ୍ପିଟାଲରେ ଦୁଃଖଦ ଅଗ୍ନିକାଣ୍ଡ ଘଟିଥିବା ଖବର ଶୁଣି ମୁଁ (ପୃଷ୍ଠା ୭ରେ)

# ରାଜ୍ୟସଭା ନିର୍ବାଚନ ଜିତିଲେ ବିଜେପିରୁ ମନମୋହନ, ସୁଜିତ୍, ବିଜେଡ଼ିରୁ ସନ୍ତୃପ୍ତ, ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ



ଭୁବନେଶ୍ୱର, ୧୬।୩

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ଶେଷ ହୋଇଛି। ସୋମବାର ସକାଳ ୯ରୁ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଆରମ୍ଭ ହୋଇଥିବା ଭୋଟିଂ ଅପରାହ୍ନ ୪ଟାରେ ଶେଷ ହୋଇଥିଲା। ସନ୍ଧ୍ୟାରେ ଭୋଟ୍ ଗଣତି ପରେ ବିଜୟୀ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି। ଏହି ନିର୍ବାଚନରେ ବିଜେପିର ୨ ପ୍ରାର୍ଥୀ ମନମୋହନ ସାମଲ ଓ ସୁଜିତ୍ କୁମାର ବିଜୟୀ ହୋଇଥିବା ବେଳେ ବିଜେଡିର ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ମଧ୍ୟ ବିଜୟୀ ହୋଇଛନ୍ତି। ଚତୁର୍ଥ ଆସନରେ ବିଜେପି ସମର୍ଥନରେ ଲଢ଼ିଥିବା ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ଜିତିଛନ୍ତି।

ରାଜ୍ୟସଭା ନିର୍ବାଚନରେ ମନମୋହନ, ସୁଜିତ ଓ ସନ୍ତୃପ୍ତ ସହଜରେ ବିଜୟୀ ହୋଇଥିବା ବେଳେ ଚତୁର୍ଥ ସିଟରେ ରୋଚକ ଲଢ଼େଇ ଦେଖିବାକୁ ମିଳିଥିଲା। ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ଦ୍ୱିତୀୟ ପସନ୍ଦ ଭୋଟରେ ବିଜୟୀ ହୋଇଛନ୍ତି।

ଘୋଷଣା କରାଯାଇଥିବା ରାଜ୍ୟସଭା ନିର୍ବାଚନ ଫଳାଫଳ ଅନୁସାରେ ବିଜେପି ପ୍ରାର୍ଥୀ ମନମୋହନ ସାମଲ : ୩୫୦୦ ଭୋଟ ପାଇ ବିଜୟଲାଭ କରିଥିବା ବେଳେ ବିଜେପିର ଦ୍ୱିତୀୟ ପ୍ରାର୍ଥୀ ସୁଜିତ କୁମାର ୩୫୦୦ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେହିପରି ବିଜେଡ଼ି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ୩୧୦୦ ଭୋଟ ପାଇ ବିଜୟୀ ହୋଇଛନ୍ତି। ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିବା ଦିଲୀପ ରାୟ ୩୪୧୮ ଭୋଟ ପାଇ ବିଜୟ ଲାଭ କରିଥିବା ବେଳେ ବିଜେଡ଼ି ଏବଂ କଂଗ୍ରେସର ମିଳିତ ପ୍ରାର୍ଥୀ ବା କମନ କ୍ୟାଣ୍ଡେଟ୍ ଭାବେ ନିର୍ବାଚନ ଲଢ଼ିଥିବା ଡା. ଦତ୍ତେଶ୍ୱର ହୋତା ୨୩୦୦ ଭୋଟ ପାଇ ପରାଜୟବରଣ କରିଛନ୍ତି।

ରାଜ୍ୟସଭାକୁ ଦ୍ୱିତୀୟଥର ପାଇଁ ସୁଜିତ କୁମାର ଓ ଦିଲୀପ ରାୟ ଯାଇଥିବା ବେଳେ ମନମୋହନ ସାମଲ ଏବଂ ସନ୍ତୃପ୍ତ ମିଶ୍ର ପ୍ରଥମ ଥର ନିର୍ବାଚିତ ହୋଇଛନ୍ତି।

ଅନ୍ୟପଟେ ପ୍ରଥମଥର ପାଇଁ ଏହି ନିର୍ବାଚନ ଲଢୁଥିବା ଡା. ଦତ୍ତେଶ୍ୱର ହୋତାଙ୍କୁ ଶକ୍ତ ଝଟକା ଲାଗିଛି। କ୍ରସ ଭୋଟିଂ ଯୋଗୁଁ ଦତ୍ତେଶ୍ୱରଙ୍କ ପାଇଁ ଫଳାଫଳ ସକରାତ୍ମକ ଆସି ନାହିଁ ବୋଲି ବିଜେଡି ଏବଂ କଂଗ୍ରେସ ନେତୃବୃନ୍ଦ କହିଛନ୍ତି।

ରାଜ୍ୟସଭା ନିର୍ବାଚନରେ ବିଜୟୀ ବିଜେପିର ପ୍ରାର୍ଥୀମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ନିର୍ବାଚନ ଫଳାଫଳ ଘୋଷଣା ପରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିବା ମନମୋହନ ସାମଲ, ସୁଜିତ କୁମାର ଏବଂ ବିଜେପି ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିବା ଦିଲ୍ଲୀପ ରାୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।

ଏକ୍ସରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ରାଜ୍ୟସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିବା ଦଳର ରାଜ୍ୟ ସଭାପତି ମନମୋହନ ସାମଲ, ଦଳର ବରିଷ୍ଠ ନେତା ସୁଜିତ କୁମାର ଏବଂ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଆମ ସରକାରର 'ସମୃଦ୍ଧ ଓଡ଼ିଶା' ଗଠନର ସଂକଳ୍ପକୁ ପରିପୂର୍ଣ୍ଣ କରିବା ଦିଗରେ ଏହି ବିଜୟ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ସଂସଦର ଉଚ୍ଚ ସଦନରେ ସେମାନଙ୍କ ଉପସ୍ଥିତି ଓଡ଼ିଶାର (ପୃଷ୍ଠା ୭ରେ)

# ଆଜି ଓଡ଼ିଶା ଇତିହାସରେ ସ୍ମରଣୀୟ ଦିନ

ଭୁବନେଶ୍ୱର, ୧୬।୩ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟସଭା ନିର୍ବାଚନ ଫଳାଫଳ ଘୋଷଣା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତିକ୍ରିୟାବ୍ୟକ୍ତ କରି କହିଛନ୍ତି ଆଜି ଓଡ଼ିଶା ଇତିହାସରେ ସ୍ମରଣୀୟ ଦିନ। ରାଜ୍ୟସଭା ନିର୍ବାଚନରେ ବିଜେପିର ପ୍ରାର୍ଥୀ ମନମୋହନ ସାମଲ, ସୁଜିତ କୁମାର ଏବଂ ବିଜେପି ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ପ୍ରଚଣ୍ଡ ବିଜୟ ହୋଇଛି। ଏହି ବିଜୟ ପାଇଁ ସେମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ମୁଖ୍ୟମନ୍ତ୍ରୀ କହିଛନ୍ତି ଏହି ବିଜୟ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଓ ପ୍ରଭାବଶାଳୀ ଜନନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱ ଓ ମାର୍ଗ ଦର୍ଶନର ପ୍ରତିଫଳନ। ଆଗାମୀ ଦିନରେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ପ୍ରକ୍ରିୟାକୁ ଆଗକୁ ନେବାର ପ୍ରତିବଦ୍ଧତାକୁ (ପୃଷ୍ଠା ୭ରେ)



# ବିଜେପି ଘୋଡା ବେପାର କରିଛି : ନବୀନ

ଭୁବନେଶ୍ୱର, ୧୬।୩

ନ୍ୟୁଜ୍ ବ୍ୟୁରୋ

ସୋମବାର ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ହୋଇଛି ଏବଂ ବିଜେପି ପକ୍ଷରୁ ଏପରି କରାଯିବାକୁ ଯେଉଁ ଉଦ୍ୟମ କରାଯାଇଥିଲା ସେଥିରେ ସେମାନେ ସଫଳ ହୋଇଛନ୍ତି। ଏହି ନିର୍ବାଚନରେ ବିଜେପି ଘୋଡା ବେପାର କରିଛି ବୋଲି ବିରୋଦୀ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୋମବାର ପୁନର୍ବାର



ଶାସକ ଦଳ ଆଡକୁ ଏପରି କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ, ଅପରାଧିକ ପୃଷ୍ଠଭୂମି ଥିବା ବିଧାୟକ କ୍ରସ୍ ଭୋଟିଂ କରିଛନ୍ତି। ବିଜେଡି ଗଣତାନ୍ତ୍ରିକ ମୂଲ୍ୟବୋଧ ପାଇଁ ଲଢ଼ିବ। ବିଜେପି ଘୋଡ଼ା ବେପାର କରୁଛି ଆଗରୁ କହିଥିଲି ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ନିର୍ବାଚନ ପୂର୍ବରୁ ଦଳୀୟ ବିଧାୟକମାନଙ୍କୁ ଡକାଇ ବାରମ୍ବାର ଆଲୋଚନା ବୈଠକ କରାଯାଇଥିଲେ ମଧ୍ୟ ଦଳୀୟ ନିଷ୍ପତ୍ତିକୁ ନମାନି କେତେକ ବିଧାୟକ ବିପକ୍ଷ ଦଳର (ପୃଷ୍ଠା ୭ରେ)

## ଏକାଳ ପଖାଳ



ରାଇଜସଭା ଫଳ ବାହାରିଲା
ଜିତିଲା ଫୁଲିଆ ଦଳ
ସ୍ୱାଧୀନ ବାବୁଟି ଏକ ରକମର
ଯୋଗଇବେ ତାଙ୍କୁ ଜଳ
ବିରୋଧୀ ହାରିଲା ହଳ
ହେଲେ କହୁଥାଏ ଝୁଣ୍ଟିବା ପଛରେ
କରିଦେଲେ ସବୁ ଛଳ ।

# କ୍ରସ ଭୋଟିଂ କଲେ ବିଜେଡ଼ିରୁ ୮, କଂଗ୍ରେସରୁ ୩



ଭୁବନେଶ୍ୱର, ୧୬।୩ : ନ୍ୟୁଜ୍ ବ୍ୟୁରୋ

ସୋମବାର ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ହୋଇଥିବାର ସ୍ପଷ୍ଟ ସୂଚନା ମିଳିଛି। ବିଜେଡ଼ିରୁ ୮ଜଣ ବିଧାୟକ ଓ କଂଗ୍ରେସର ୩ ଜଣ କ୍ରସ ଭୋଟିଂ କରିଥିବା ସ୍ପଷ୍ଟ ହୋଇଛି।

ରାଜ୍ୟସଭା ନିର୍ବାଚନ ପାଇଁ ନିଯୁକ୍ତ ବିଜେଡ଼ିର ଏଜେଣ୍ଟ ଥିବା ବରିଷ୍ଠ ବିଧାୟକ ପ୍ରତାପ ଦେବ ନିର୍ବାଚନ ଫଳାଫଳ ସମ୍ପର୍କରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଦଳର ୮ ଜଣ ବିଧାୟକ କ୍ରସ୍ ଭୋଟିଂ କରିଛନ୍ତି। କ୍ରସ୍ ଭୋଟିଂ କରିଥିବା ଏହି ବିଧାୟକମାନେ ହେଲେ ଚକ୍ରମଣି କହଁର, ସୁବାସିନୀ ଜେନା, ସୌଭିକ ବିଶ୍ୱାଳ ଏବଂ ନବ ମଲ୍ଲିକ, ରମାକାନ୍ତ ଭୋଇ, ଦେବୀରଞ୍ଜନ ତ୍ରିପାଠୀ। (ପୃଷ୍ଠା ୭ରେ)






# ଅନଲାଇନ୍‌ରେ ଗ୍ୟାସ୍ ବୁକିଂ ୯୦%କୁ ବଢ଼ିଛି



ନୂଆଦିଲ୍ଲୀ, ୧୬।୩

ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଏଲପିଜି ଯୋଗାଣ ପ୍ରଭାବିତ ହୋଇଛି। ଏଥିଯୋଗୁ ଗତ କିଛିଦିନ ହେଲା ଭାରତରେ ଏଲପିଜି ବ୍ୟବହାରକାରୀମାନେ ଅସୁବିଧା ଭୋଗୁଛନ୍ତି। ଏଭଳି ସ୍ଥିତିରେ ସରକାର ଏଲପିଜି ଉପଭୋକ୍ତାଙ୍କୁ ଗ୍ୟାସ ଏଜେନ୍ସିଗୁଡ଼ିକୁ ନଯାଇ ଅନଲାଇନ୍‌ରେ ବୁକିଂ କରିବାକୁ ପରାମର୍ଶ ଦେଇଥିଲେ। ଫଳସ୍ୱରୂପ ଅନଲାଇନ୍‌ରେ ଗ୍ୟାସ ବୁକିଂ ୯୦ ପ୍ରତିଶତକୁ ବୃଦ୍ଧି ପାଇଛି ବୋଲି ସୋମବାର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ସୂଚନା ଦେଇଛନ୍ତି। ସେ କହିଛନ୍ତି, ବର୍ତ୍ତମାନର ଭୂରାଜନୈତିକ ପରିସ୍ଥିତିରେ ଏଲପିଜି ସଂକଟ ସରକାରଙ୍କ ପାଇଁ ଚିନ୍ତାଜନକ ରହିଛି। ଏହା ସତ୍ତ୍ୱେ ଘରୋଇ ଏଲପିଜି ଗ୍ରାହକମାନେ ଗ୍ୟାସ୍ ପାଉଛନ୍ତି ଏବଂ କୌଣସି ଏଜେନ୍ସିରେ ଗ୍ୟାସ୍ ସଂପୂର୍ଣ୍ଣ ଖାଲି ହୋଇଯାଇ ନାହିଁ। ଯେଉଁସବୁ ଉତ୍ସରୁ ସମ୍ଭବ ସେଠାରୁ ଏଲପିଜି ଆଣିବା ଏବଂ ଘରୋଇ ଯୋଗାଣକୁ ବଢ଼ାଇବା ପାଇଁ ଉଦ୍ୟମ କରାଯାଉଛି ବୋଲି ସେ କହିଛନ୍ତି। ଭାରତରେ ଯଥେଷ୍ଟ ମାତ୍ରାରେ ଅଶୋଧିତ ତେଲ ରହିଛି। ବିଶୋଧାନାଗାରଗୁଡ଼ିକ ପୂର୍ଣ୍ଣ କ୍ଷମତାରେ ଚାଲିଛି। ଆବଶ୍ୟକତା ପୂରଣ ପାଇଁ ଦେଶରେ ପର୍ଯ୍ୟାପ୍ତ ମାତ୍ରାରେ ପେଟ୍ରୋଲ ଓ ଡିଜେଲ ଉତ୍ପାଦନ ହେଉଛି। ତେଣୁ ଆମଦାନୀ କରିବାର କୌଣସି ଆବଶ୍ୟକତା ନାହିଁ। (ପୃଷ୍ଠା ୭ରେ)





# ବଢୁଛି ଦୁର୍ଘଟଣା ଓ ମୃତ୍ୟୁ ହାର, କଡ଼ାକଡ଼ି ହେବ ଏନ୍‌ଫୋର୍ସମେଣ୍ଟ୍

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍‌ଙ୍କ ଅଧ୍ୟକ୍ଷତାରେ ଛତ୍ରପୁରସ୍ଥିତ ଗଞ୍ଜାମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଠାରେ ଜିଲ୍ଲାରେ ବଢୁଥିବା ଦୁର୍ଘଟଣା ଓ ମୃତ୍ୟୁହାରକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି । ଏହା ଉପରେ ରୋକ୍ ଲଗାଇବାକୁ ଏନ୍‌ଫୋର୍ସମେଣ୍ଟ୍ କଡ଼ାକଡ଼ି କରିବାକୁ ନିଷ୍ପତି ହୋଇଛି । ପ୍ରକାଶ ଯେ, ଜିଲ୍ଲାରେ ଚଳିତ ବର୍ଷ ୨୦୨୬ ଜାନୁଆରୀରୁ ଫେବୃଆରୀ ସୁଦ୍ଧା ପୂର୍ବ ବର୍ଷ ଅପେକ୍ଷା ୭୫ ପ୍ରତିଶତ ସଡ଼କ ଦୁର୍ଘଟଣା ମୃତ୍ୟୁହାର ଏବଂ ୩୪ ପ୍ରତିଶତ ଦୁର୍ଘଟଣା ହାର ବୃଦ୍ଧି ପାଇଛି ଯାହାକି ଏକ ଚିନ୍ତାର ବିଷୟ । ୨୦୨୫ ଜାନୁଆରୀରୁ ଫେବୃଆରୀ ମଧ୍ୟରେ ୧୨୭ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୬୦ ଲୋକଙ୍କ ମୃତ୍ୟୁ ହୋଇଛି ଓ ୭୧ ଜଣ ଆହତ ହୋଇଛନ୍ତି । ସେହି ତୁଳନାରେ ୨୦୨୬ ରେ ଜାନୁଆରୀ ଓ ଫେବୃଆରୀ ମଧ୍ୟରେ ୧୭୦ ଟି ଦୁର୍ଘଟଣା ହୋଇଥିବା ବେଳେ ୧୦୫ ଜଣଙ୍କ ମୃତ୍ୟୁ ଓ ୧୦୬ ଜଣ ଆହତ ହୋଇଥିବା ବୈଠକରେ ଗଞ୍ଜାମ ଆରଟିଓ ଇ. ଦେବାଶିଷ ସ୍ୱାଇଁ ସୂଚନା ଦେଇଥିଲେ । ବିଶେଷ କରି ରାଜପଥ ଗୁଡ଼ିକରେ ଅଧିକ ଦୁର୍ଘଟଣା ଘଟୁଥିବାରୁ ଏହା ଉପରେ ରୋକ୍ ଲଗାଇବାକୁ ଏନ୍‌ଫୋର୍ସମେଂଟ୍ କଡ଼ାକଡ଼ି କରିବାକୁ କୁହାଯାଇଛି । ଏଠାରେ ହେଲମେଟ୍ ଯାଞ୍ଚ ଓ ମଦ୍ୟପାନ କରୁଥିବା ଚାଳକଙ୍କ ଯାଞ୍ଚକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଦୁର୍ଘଟଣା ପ୍ରବଣ ସ୍ଥାନରେ କଣ ସବୁ ପଦକ୍ଷେପ ନେବା ଆବଶ୍ୟକ ସେ ଉପରେ ଗୁରୁତ୍ୱ ଦିଆଯାଇଛି । ଜାତୀୟ ରାଜପଥ ଉପରେ ବିଭିନ୍ନ ସ୍ଥାନରେ ଯେପରି ବ୍ୟାରିକେଟ୍ ଲଗାଯାଇଛି ସେହିପରି ପୁରୁଷୋତମପୁର ଠାରୁ କୋଦଳା ରାସ୍ତାରେ ମଧ ଲଗାଯିବ । ବେପାରୁଆ ଗାଡ଼ି ଚାଳକ ପାଇଁ ଅଧିକ ଦୁର୍ଘଟଣା ଘଟୁଥିବାରୁ ଦୁଇ ମାସରେ ୭୬୧ଟି ଡ୍ରିଏଲ୍ ସସ୍‌ପେଣ୍ଡ କରାଯାଇଥିବା ବେଳେ କେବଳ ଜାନୁଆରୀ ମାସରେ ୧୦ ହଜାର ୧୧ଟି ଚାଲାଣ କରାଯାଇଥିବା ସ୍ଥଳେ କେବଳ ୬୯୫୫ଟି ହେଲମେଟ୍ ପିନ୍ଧି ନଥିବା ଗାଡ଼ି ଚାଳକଙ୍କ ଫାଇନ୍ କଟାଯାଇଛି । ଗଞ୍ଜାମ ଜିଲ୍ଲାରେ ସଡ଼କ ଦୁର୍ଘଟଣା ହାର ଓଡ଼ିଶାରେ ୩ୟ ସ୍ଥାନ ରହିଥିବା ବେଳେ ଜାତୀୟ ସ୍ତରରେ ୯୦। ଏହାକୁ ରୋକିବା ଉପରେ ଜିଲ୍ଲାପାଳ ଅଧିକ ଗୁରୁତ୍ୱ ଦେଇଥିଲେ । ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ଯେଉଁ ଥାନା ଅଞ୍ଚଳରେ ଅଧିକ ଦୁର୍ଘଟଣା ଘଟୁଛି ରୋକିବାକୁ କଣ ସବୁ ପଦକ୍ଷେପ ନେବା ଆବଶ୍ୟକ ବୈଠକରେ ଆଲୋଚନା ହୋଇଥିଲା । ଛତ୍ରପୁର କଲେଜ ଛକ ଓ ଡ଼ିଆରଡ଼ିଏ ଓଭର ବ୍ରିଜ୍ ପାଇଁ ଅନୁମୋଦନ ମିଳିଥିବା ବେଳେ ତାହା ତୁରନ୍ତ କାମ ଆରମ୍ଭ ହେବ ଏବଂ ହୁମ୍ମା ଓଭର ବ୍ରିଜ୍ କାମ କୌଣସି ଏକ କାରଣରୁ ଅଟକି ରହିଥିବା ବେଳେ ତାହା ମଧ ତୁରନ୍ତ କାମ ଆରମ୍ଭ ହେବ ବୋଲି ବୈଠକରେ ଜିଲ୍ଲାପାଳ କହିଥିଲେ । ଜାତୀୟସ୍ତରର ରାହା ଭୀର ଓ ପିଏମ୍ ରାହାତ୍ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ଦୁଇ ଯୋଜନାରେ କଣ ସବୁ ଲାଭ ରହିଛି ସେ ସମ୍ପର୍କରେ ବିଭିନ୍ନ ଜାତୀୟ ରାଜପଥରେ ହୋର୍ଡ଼ିଂ ଲଗାଯିବାକୁ ଜିଲ୍ଲାପାଳ ଆରଟିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । କୌଣସି ଲୋକ ଯଦି ସଡ଼କ ଦୁର୍ଘଟଣାରେ ଆହତ ହୁଅନ୍ତି ତେବେ ପିଏମ ରାହତଯୋଜନାରେ ଯେକୌଣସି ମେଡ଼ିକାଲ୍‌ରେ ୧ ଲକ୍ଷ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ତାର ମାଗଣାରେ ଚିକିତ୍ସା କରାଯିବ ସେହିପରି ରାହ ଭୀର ଯୋଜନାରେ ଦୁର୍ଘଟଣା ସମୟରେ ସାହାଯ୍ୟକାରୀଙ୍କୁ ୨୫ ହଜାର ଟଙ୍କା ପୁରସ୍କାର ମିଳିବ । ଏହାର ଅଧିକରୁ ଅଧିକ ଲୋକ ଜାଣିବା ଆବଶ୍ୟକ। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ୫୦ଟି ଟ୍ରାଫିକ୍ ୱାର୍ଡ଼େନ୍ ଆସିବେ ଓ ୨୦ଟି ମଦ୍ୟପାନ ଯାଞ୍ଚ୍ ମେସିନ୍ ଏବଂ ବଡ଼ି କ୍ୟାମେରା ମଧ ଆସିବ ବୋଲି ବୈଠକରେ କୁହାଯାଇଛି । ଦୁର୍ଘଯଣା କିପରି ହ୍ରାସ ପାଇବ ସେ ନେଇ ଯେଉଁ ଆକ୍ସନ୍ ପ୍ଲାନ୍ କରାଯାଇଛି ସେ ଉପରେ ପୋଲିସ, ଆରଟିଓ କାମ କରିବାକୁ କୁହାଯାଇଛି । ଛତ୍ରପୁର କଲେଜ ଛକ ଓ ଡ଼ିଆରଡ଼ିଏ ଛକ ଏହିପରି ୩ ଭିୟୁପି ପାଇଁ ଅନୁମୋଦନ ହେବା ସହ ଟେଣ୍ଡର ହୋଇସାରିଥିବା ବୈଠକରେ କୁହାଯାଇଥିଲା। ଖୁବ୍ ଶୀଘ୍ର ଏହାର କାମ ଆରମ୍ଭ ହେବ ବୋଲି ବୈଠକରେ ପିନ୍‌ଏନ୍‌ଏଚ୍ ଏଆଇ ଜେ.ପି ବର୍ମା କହିଥିଲେ । ବୈଠକରେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେ ଅରବିନ୍ଦ ରାଜସିର୍କେ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଏନ୍‌ଏଚ୍‌ଏଆଇ ପିଡ଼ି ଜେ.ପି. ବର୍ମା, ଗଞ୍ଜାମ ଆରଟିଓଙ୍କ ଦେବାଶିଷ ସ୍ୱାଇଁ, ଭଞ୍ଜନଗର ଆରଟିଓ ଭାଗିରଥି ନାୟକଙ୍କ ସମେତ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀ ଉପସ୍ଥିତଥିଲେ ।



# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ 'କଣ୍ଡାଡିନୋ-୨୦୨୬' ଉଦ୍‌ଘାଟିତ

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କୃଷି ବିଭାଗର ବାର୍ଷିକ ଉତ୍ସବ 'କଣ୍ଡାଡିନୋ ୨୦୨୬' ଗୁରୁବାର ବିଶ୍ୱବିଦ୍ୟାଳୟର ମଲ୍ଟି ପର୍ପୋଜ୍ ହଲଠାରେ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଓଲିଉଡ୍ ଦମ୍ପତି ସବ୍ୟସାଚୀ ମିଶ୍ର ଏବଂ ଅର୍ଚ୍ଚିତା ସାହୁ ଯୋଗଦେଇଥିଲେ। ପ୍ରତ୍ୟକ୍ଷ ଇଷ୍ଟେଟ୍ସ ପ୍ରାଇଭେଟ୍ ଲିମିଟେଡର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପ୍ରଭାତ କୁମାର ପ୍ରଧାନ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। କୃଷି ବିଭାଗ ପ୍ରାଧାପିକା ଡ. ମୈତ୍ରେୟୀ ତ୍ରିପାଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହାପରେ ବିଦ୍ୟାର୍ଥୀମାନେ ଅତିଥିମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଅତିଥିମାନଙ୍କ ଦ୍ୱାରା ବିଭାଗୀୟ ବାର୍ଷିକ ମୁଖପତ୍ର 'ବର୍ତ୍ତିକା-୨୦୨୬' ଉନ୍ମୋଚିତ ହୋଇଥିଲା। କୁଳପତି ପ୍ରଫେସର ଡ. ତେଜପ୍ରତାପ, କୃଷି ବିଭାଗ ଅଧ୍ୟକ୍ଷ ପ୍ରଫେସର ଡ. ଏସ୍. କୁମାରସ୍ୱାମୀ ଏବଂ କ୍ରୀଡ଼ା ଓ ସାଂସ୍କୃତିକ କମିଟି ସଂଯୋଜକ ଡ. ଅଭିନବ ମିଶ୍ର ମଧ୍ୟ ଉପସ୍ଥିତ ରହି ବିଦ୍ୟାର୍ଥୀମାନଙ୍କୁ ପ୍ରେରଣା ଯୋଗାଇଥିଲେ। ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ଫ୍ୟାଶନ୍ ଶୋ', ଏକକ ନୃତ୍ୟ ଓ ସଙ୍ଗୀତ, ସ୍କିଟ୍, ରଙ୍ଗୋଲି ଏବଂ କୁଇଜ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ ପ୍ରତିଯୋଗିତାରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀମାନେ ଉତ୍ସାହର ସହ ଭାଗନେଇ ନିଜ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ।



# ସରକାରୀ ଜମି ଜବରଦଖଲ ଅଭିଯୋଗ

# ଲୋକେ ପ୍ରଶାସନର ଦ୍ୱାରସ୍ଥ

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ସମ୍ବଲପୁର ମହାନଗର ଅନ୍ତର୍ଗତ ୧୫, ଦୁର୍ଗାପାଲିରେ ରହିଥିବା ଖଡିଆପଡାରେ ସରକାରୀ ଜମି ଜବରଦଖଲ ନେଇ ଅଭିଯୋଗ ହୋଇଛି । ଏନେଇ ଗୁରୁବାର ପଡା ବାସିନ୍ଦା ସମ୍ବଲପୁର ତହସିଲଦାରଙ୍କ ସମେତ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ପଡାବାସୀ କରିଥିବା ଅଭିଯୋଗ ଅନୁସାରେ ସମ୍ବଲପୁର ତହସିଲ ଅନ୍ତର୍ଗତ ୟୁନିଟ ନମ୍ବର ୧୦ ଦୁର୍ଗାପାଲିରେ ପ୍ଲଟ ନମ୍ବର ୧୦୯୯ ରେ ୪ ଡେସିମିଲ ସରକାରୀ ଜମିରହିଛି । ଏହି ଜମିରେ ସ୍ଥାନିୟ ଖଡିଆପଡା ବସିନ୍ଦା ସାମୁହିତ ଭୋଜିଆଦି ଆୟୋଜନ କରିଆସୁଛନ୍ତି । ତେବେ କିଛି ସମୟ ହେବ ଜଣେ ଜମି ବ୍ୟାପାରୀ ଏହାକୁ ଲାଗି ରହିଥିବା ଜମି କ୍ରୟ କରିବା ସହ ଏହି ସରକାରୀ ଜମିକୁ ହଡପ କରିବାକୁ ଉଦ୍ୟମ କରି ଆସୁଛି । ଏହାକୁ ନେଇ କିଛି ମାସ ହେବ ସଂପୃକ୍ତ ବ୍ୟକ୍ତି ଏବଂ ସ୍ଥାନିୟ ଲୋକଙ୍କ ଭିତରେ ବାରମ୍ବାର ଗଣ୍ଡଗୋଳ ସୃଷ୍ଟୀ ହେବା ସହ ଅସନ୍ତୋଷର ବାତାବରଣ ସୃଷ୍ଟୀ ହୋଇଛି । ତେଣୁ ସ୍ଥାନିୟ ଆଦିବାସୀ ଲୋକମାନେ ଆଜି ସମ୍ବଲପୁର ତହସିଲଦାର ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପହଞ୍ଚି ଦାବିପତ୍ର ପ୍ରଦାନ କରିବା ସହ ଜାଗା ଚିହ୍ନଟ କରିବାକୁ ଦାବି କରିଛନ୍ତି । ଏହାସହ ସ୍ଥାନିୟ ଲୋକେ ଯେମିତି ପୂର୍ବଭଳି ସାମୁହିକ କାର୍ଯ୍ୟ ବିନା ସମସ୍ୟାରେ କରିପାରିବେ ସେନେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି । ଏନେଇ ସମ୍ବଲପୁର ତହସିଲଦାରଙ୍କ ତରଫରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି ।



# ଜିଲ୍ଲା ସ୍ତରୀୟ ଜମି ମୂଲ୍ୟାଙ୍କନ କମିଟି ବୈଠକ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ଜମି ମୂଲ୍ୟାଙ୍କନ କମିଟି ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲପାଳ ରବିନ୍ଦ୍ର କୁମାର ମଲିକ (ରାଜସ୍ୱ), ଉପ ଜିଲ୍ଲପାଳ ଅରୁଣ କୁମାର ନାୟକ, ଜିଲ୍ଲା ସବ୍ ରେଜିଷ୍ଟ୍ରାର, ଜିଲ୍ଲାର ସମସ୍ତ ତହସିଲଦାର, ଆଡସିନାଲ ତହସିଲଦାର, ରାଜସ୍ୱ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଜମି ମୂଲ୍ୟାଙ୍କନ ପାଇଁ କୋଣସି ଆପତି ଅଭିଯୋଗ ଥିଲେ ତାହା ୧୪ ଦିନ ଭିତରେ ଜବାବ ଦେବାକୁ ଅନୁରୋଧ କରାଯାଇ ଥିଲା । ଏଥିରେ ମୋଟ୍ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୨୦ ଗୋଟି ଅଭିଯୋଗ ଆସିଥିଲା । ପ୍ରତ୍ୟେକ ଅଭିଯୋଗ ଗୁଡିକୁ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରି କମିଟିର ସୁପାରିଶ କ୍ରମେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।



# ୮ ମାମଲା ତୁରନ୍ତ ସମାଧାନ କଲେ ଜାତୀୟ ଓ ରାଜ୍ୟ ମହିଳା ଆୟୋଗ

**ବାଲେଶ୍ୱର, ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲ ଠାରେ ଜାତୀୟ ମହିଳା ଆୟୋଗ ଓ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଆନୁକୂଲ୍ୟରେ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମହିଳା ଆୟୋଗର ଅଧ୍ୟକ୍ଷା ଶୋଭନା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ସହିତ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜ୍ୟୋତ୍ସ୍ନା ମହାନ୍ତି, ଓଡ଼ିଶା ମହିଳା ଆୟୋଗ ସଭ୍ୟା ପ୍ରତିଭା ସତପଥି ଓ ମୁକ୍ତା ସାହୁ ଏବଂ ଆବାହକ ଶ୍ରୀମତୀ ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଓ ସନ୍ଦନା ମହାନ୍ତି ମଞ୍ଚାସୀନ ଥିଲେ । ଅତିଥିମାନେ ମହିଳାଙ୍କ ଘରୋଇ ହିଂସା, ନିର୍ଯ୍ୟାତନା, ଯୌତୁକ, ସମ୍ପତ୍ତି ବିବାଦ, କାର୍ଯ୍ୟସ୍ଥଳରେ ନିର୍ଯ୍ୟାତନା, ବୈବାହିକ ବିବାଦର ସମାଧାନ ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ କିପରି ଶୀଘ୍ର ସମାଧାନ ହୁଏ, ସେହି ବାବଦରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ବାମଦେବ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ । ସାଧାରଣ ସଭା ଶେଷ ହେଲା ପରେ ଜନଶୁଣାଣୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ସର୍ବମୋଟ ୪୧ ଗୋଟି ମାମଲାର ପଞ୍ଜିକରଣ ହୋଇଥିଲା । ସେଥି ମଧ୍ୟରୁ ୩୦ ଗୋଟି ମାମଲା ଜନଶୁଣାଣୀ ପୋର୍ଟାଲରେ ପଞ୍ଜିକରଣ ହୋଇଥିବା ବେଳେ ୧୧ ଗୋଟି ମାମଲା ଆଜି ନୂଆ ଭାବେ ଜନଶୁଣାଣୀ ସ୍ଥାନରେ ପଞ୍ଜିକରଣ ହୋଇଛି । ଆଜି କେବଳ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ୩୦ ଗୋଟି ମାମଲାରୁ ୨୮ ଗୋଟି ମାମଲାର ହିଁ ବିଚାର କରାଯାଇଥିବା ବେଳେ ୨ ଗୋଟି ମାମଲା ଅନୁପସ୍ଥିତ କାରଣରୁ ବିଚାର କରାଯାଇନଥିଲା । ଆଜି ନୂତନ ଭାବେ ପଞ୍ଜୀକୃତ ହୋଇଥିବା ୧୧ ଗୋଟି ମାମଲାର କୌଣସି ବିଚାର କରାଯାଇନଥିଲା । ବିଚାର କରାଯାଇଥିବା ମାମଲା ଗୁଡ଼ିକ ମଧ୍ୟରୁ ୧୧ ଗୋଟି ମାମଲାର ଉଭୟ ପକ୍ଷ ଥିବାବେଳେ ୧୫ ଗୋଟି ମାମଲାର କେବଳ ଅଭିଯୋଗକାରୀ ଥିଲେ ଏବଂ ୨ ଗୋଟି ମାମଲାର କେବଳ ବିପକ୍ଷ ଦଳ ଥିଲେ । ବିଚାର କରାଯାଇଥିବା ମାମଲା ଗୁଡିକ ମଧ୍ୟରୁ ୮ ଗୋଟି ମାମଲାର ତତକାଳ ସମାଧାନ ହୋଇଥିଲା । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବକରଙ୍କ ପାଖକୁ ୬ ଗୋଟି ମାମଲା ହସ୍ତାନ୍ତର କରାଯାଇଥିବା ବେଳେ ୧ ଗୋଟି ମାମଲା ଜିଲ୍ଲା ସୁରକ୍ଷା ଅଧିକାରିଣୀ ଯୁଥିକାରଣୀ ରାୟ ଏବଂ ୬ ଗୋଟି ମାମଲା ଜିଲ୍ଲା ଆଇନ ସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି । ୭ ଗୋଟି ମାମଲାକୁ ପୁନର୍ବାର ପରବର୍ତ୍ତୀ ଜନଶୁଣାଣୀ କାର୍ଯ୍ୟକ୍ରମରେ ଉପସ୍ଥିତ ହେବାକୁ ନିର୍ଦ୍ଦେଶ ଦିଆଯାଇଛି ।



# ପାଇକା ମହୋତ୍ସବ ବନ୍ଦକୁ ବିରୋଧ କରି ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ, ମହାକାଳପଡା ପାଟକୁରା ଥାନା ଅନ୍ତର୍ଗତରେ ଦୀର୍ଘ ୧୦ ବର୍ଷ ହେଲା ପାଇକା ମହୋତ୍ସବ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇ ଆସୁଛି । ଚଳିତ ବର୍ଷ ସମସ୍ତ ପ୍ରଶାସନିକ ଏବଂ ପାଇକା ମହୋତ୍ସବ ସମିତି ପକ୍ଷରୁ ସମସ୍ତ ପ୍ରସ୍ତୁତି ସମାପ୍ତ ହୋଇଥିବା ବେଳେ ୨ ଦିନ ମହୋତ୍ସବ ଚାଲିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପ ଜିଲ୍ଲାପାଳ, ଥାନା ଅଧିକାରୀ, ତହସିଲଦାର ପ୍ରମୁଖ ଘଟଣା ସ୍ଥଳକୁ ଯାଇ ଏହାକୁ ବନ୍ଦ କରିଥିବାରୁ ଏହାର ତୀବ୍ର ବିରୋଧ କରି ଶତାଧିକ ମହିଳା ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା ରେ ବସି ରହିଛନ୍ତି । ମହୋତ୍ସବ ପାଇଁ ମାର୍ଶାଘାଇ, ମହାକାଳପଡା ତଥା ଜଗତସିଂହପୁର ଜିଲ୍ଲାର କୁଜଙ୍ଗ, ତିର୍ତୋଲ ଅଧିନସ୍ଥ ପ୍ରାୟ ୧୦୦ ଗୋଟି ଗ୍ରାମର ଜନ ସାଧାରଣ ଏହି ମହୋତ୍ସବରେ ଅଂଶ ଗ୍ରହଣ କରିଥାନ୍ତି । ଉପ ଜିଲ୍ଲାପାଳଙ୍କ ଠାରୁ ସ୍ୱୀକୃତି ମିଳିବା ପରେ ଜିଲ୍ଲା ଏବଂ ଜିଲ୍ଲା ବାହାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଦୋକାନୀ ନିଜର ବ୍ୟବସାୟ ଅନୁଷ୍ଠାନ ମେଲାଇବା ପରେ ହଠାତ୍ ଏହି ମହୋତ୍ସବକୁ ବନ୍ଦ କରିବା ଫଳରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତେଜନା ପ୍ରକାଶ ପାଇଛି । ତୁରନ୍ତ ଏହି ମହୋତ୍ସବକୁ ଚାଲୁ କରିବା ପାଇଁ ରଞ୍ଜନ କୁମାର ସୁତାର, କୁନମୁନ ନାୟକ, ଜ୍ୟୋତି ପ୍ରସନ୍ନ ନାୟକ, ଜଗନ୍ନାଥ ନାୟକ, ହିମାଂଶୁ ନାୟକ, ତ୍ରିଲୋଚନ ଦାସ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।



# ଜଗତସିଂହପୁର ଜିଲ୍ଲା ମହୋତ୍ସବ କଲ୍ଲୋଳ -୨୦୨୬

# ସଫଳତା ପାଇଁ ସମସ୍ତଙ୍କ ସହଯୋଗ ଲୋଡିଲା ପ୍ରଶାସନ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ମହୋତ୍ସବ କଲ୍ଲୋଳ – ୨୦୨୬ ନିମନ୍ତେ ସାଂସ୍କୃତିକ ସବ୍-କମିଟିର ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲପାଳ(ରାଜସ୍ୱ)ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲପାଳ ସମ୍ବିତ କୁମାର ରାଉତ ଅଧ୍ୟକ୍ଷତା କରି ଜିଲ୍ଲା ମହୋତ୍ସବ ଅନୁଷ୍ଠିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଜଗତସିଂହପୁର ଜିଲ୍ଲା ମହୋତ୍ସବ 'କଲ୍ଲୋଳ-୨୦୨୬' ଆସନ୍ତା ତା.୦୧.୦୪.୨୦୨୬ରିଖ ଠାରୁ ତା.୦୫.୦୪.୨୦୨୬ରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିସରରେ ମହା ସମାରୋହରେ ପାଳନ କରାଯିବ । ବୈଠକରେ ସ୍ଥାନୀୟ ସାଂସ୍କୃତିକ ଦଳମାନଙ୍କୁ କାର୍ଯ୍ୟକ୍ରମ ପରିବେଷଣ କରିବା ଉପରେ ପ୍ରାଧାନ୍ୟ ଦିଆଯିବାକୁ ନେଇ ଆଲୋଚନା ହୋଇଛି। ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଲୋକନୃତ୍ୟ, ଶାସ୍ତ୍ରୀୟନୃତ୍ୟ, ସଙ୍ଗୀତ ଓ ଅନ୍ୟାନ୍ୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଇଚ୍ଛୁକ ଅନୁଷ୍ଠାନ ମାନେ ତା.୨୦.୦୩.୨୦୨୬ରିଖ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟରେ କିମ୍ବା ଇ-ମେଲ ମାଧ୍ୟମରେ (cultureofficejspur @gmail.com)ରେ ଆବେଦନ କରିପାରିବେ। ଉକ୍ତ ବୈଠକରେ ସାଂସ୍କୃତିକ ସବ୍ କମିଟିର ସମସ୍ତ ସଭ୍ୟ ବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



# ଫେଣା ମହୁ ଉତ୍ପାଦନ ନିମନ୍ତେ ପ୍ରଶିକ୍ଷଣ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ସର୍ବଭାରତୀୟ ସଂଯୋଜିତ ମହୁମାଛି ଓ ପରାଗ ସଂଗମକାରି କୀଟ ପ୍ରକଳ୍ପ, ଓୟୁଏଟି ଓ କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁର ର ମିଳିତ ପ୍ରୟାସରେ ଦୁଇ ଦିନିଆ ଫେଣା ମହୁର ଉତ୍ପାଦନ କୌଶଳ ଏବଂ ଚାଷୀ ମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ତାଲିମ ଶିବିର କୃଷି ବିଜ୍ଞାନ କେନ୍ଦ୍ର, ପରିସରରେ ରେ ମାର୍ଚ୍ଚ ୧୨ ଓ ୧୩ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜଗତସିଂହପୁର ଜିଲ୍ଲାର ୨୦ ଜଣ ଅଗ୍ରଣୀ ମହୁ ଚାଷୀ ଅଂଶଗ୍ରହଣ କରିଥିଲେ । "ଫେଣା ମହୁ ପ୍ରକଳ୍ପ" ଦ୍ୱାରା ଆୟୋଜିତ ଏହି ତାଲିମ କାର୍ଯ୍ୟରେ ଶୁଦ୍ଧ ମହୁର ଗୁଣବତ୍ତା ଯଥା – ଏହାର ଔଷଧୀୟ ଗୁଣ, ଉତ୍ତମ ପ୍ୟାକେଜିଙ୍ଗ ଓ ବଜାର ଚାହିଦା ସମ୍ବନ୍ଧରେ ପୂର୍ବତନ ଏମେରିଟସ୍ ବୈଜ୍ଞାନିକ ଡ଼ଃ. ସି.ଆର୍. ଶତପଥୀ ଆଲୋକପାତ କରିଥିଲେ । ଫେଣା ମହୁର ଜାତୀୟ ଓ ଆନ୍ତର୍ଜାତୀୟ ବଜାରରେ ଅଧିକ ଚାହିଦା ଥିବାରୁ ଚାଷୀ ମାନଙ୍କ ଆର୍ଥିକ ବୃଦ୍ଧି ପାଇଁ ଏହାର ବୈଜ୍ଞାନିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ଗୁରୁତ୍ୱ ଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ଃ. ଜୀବନଜିତ୍ ସେନ୍ ଚାଷୀ ଓ ଲୋକଙ୍କ ମଧ୍ୟରେ ଫେଣା ମହୁର ପ୍ରସାର, ଆଦୃତ ବୃଦ୍ଧି ଓ ଆୟ ବୃଦ୍ଧି ନିମନ୍ତେ ଆହ୍ୱାନ କରିଥିଲେ । ପ୍ରକଳ୍ପର ମୁଖ୍ୟ ଗବେଷିକା ଡ଼ଃ. ପ୍ରଭାସିନୀ ବେହେରା ସ୍ୱାଗତ ଭାଷଣ ଦେବା ସହିତ ଏହାର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଧାରଣା ଦେଇଥିଲେ । ପ୍ରକଳ୍ପର ବୈଜ୍ଞାନିକ ଡ଼ଃ. ଉତ୍ତମ କୁମାର ବେହେରା ଫେଣା ମହୁର ପରିଚାଳନା ବିଷୟରେ ବୈଜ୍ଞାନିକ ବକ୍ତବ୍ୟ ଦେଇଥିଲେ ଓ ପରିଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଦେବାଶିଷ୍ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ । ଏଥିରେ ମହୁମାଛି ବୈଷୟିକ ସହାୟକ, ଯୁଧିଷ୍ଠିର ସ୍ୱାଇଁ ଓ ପୀତବାସ ଗଉଡ଼ ସହଯୋଗ କରିଥିଲେ।



# ସୁନ୍ଦରଗଡ ଜିଲ୍ଲାରେ ସମ୍ଭାବ୍ୟ ଅଂଶୁଘାତର ମୁକାବିଲା ପାଇଁ ଗୁରୁତ୍ୱାରୋପ

**ରାଉରକେଲା, ନ୍ୟୁଜ ବ୍ୟୁରୋ**

ଗତ ୧୧ ତାରିଖରେ ସୁନ୍ଦରଗଡ଼ ଠାରେ ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିକାଶ ଭବନ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ବୈଠକରେ ଜିଲ୍ଲାପାଳ ଶ୍ରୀ ମହାପାତ୍ର ଅଂଶୁଘାତର ମୁକାବିଲା ସହିତ ଜଳ ସମସ୍ୟାର ସମାଧାନ ଦିଗରେ ବିଶେଷ ଧ୍ୟାନ ଦିଆଯିବାକୁ ଗୁରୁତ୍ୱାରୋପ କରିଥିଲେ। ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ଅପାତକାଳୀନ ପରିସ୍ଥିତି ଉପୁଜିଲେ ତୁରନ୍ତ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସମସ୍ତ ଅଧିକାରୀଙ୍କୁ କହିଛନ୍ତି। ରାଉରକେଲା ମହାନଗର ନିଗମ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ୱାଟକୋ ଏବଂ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପୌରପାଳିକାର ନିର୍ବାହୀ ଅଧିକାରୀ ମାନଙ୍କୁ ନିଜ ନିଜ ଅଞ୍ଚଳରେ ଜଳ ସମସ୍ୟା ଦୁରୀକରଣ ନିମନ୍ତେ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ, ଜଳ ଛତ୍ର କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଅଚଳ କିମ୍ବା ଖରାପ ହୋଇଯାଇଥିବା ନଳକୂପ ଗୁଡିକ ଶୀଘ୍ର ମରାମତି କରାଯିବାକୁ ଏବଂ ଜଳ ସମସ୍ୟା ଥିବା ଅଞ୍ଚଳଗୁଡିକ ବିଶେଷ ଧ୍ୟାନ ଦେବା ପ୍ରମୁଖ ସ୍ଥାନ ମାନଙ୍କରେ ଜଳଛତ୍ରମାନ ଖୋଲା ଯିବା ସହିତ ଜଙ୍ଗଲ ନିଆଁ ପ୍ରତି ବିଶେଷ ଧ୍ୟାନ ଦେବା ତଥା ପ୍ରାଣୀ ଓ ପକ୍ଷୀଙ୍କ ନିମନ୍ତେ ଜଳ ବ୍ୟବସ୍ଥା, ତାଙ୍କ ଆବଶ୍ୟକୀୟ ଔଷଧ ମହଜୁଦ ରଖିବା, ଗ୍ରୀଷ୍ମ ସମୟରେ ଗୃହ ପାଳିତ ପ୍ରାଣୀମାନଙ୍କର କିଭଳି ଯତ୍ନ ନିଆଯିବ ତାହା ନେଇ ସଚେତନତା ସୃଷ୍ଟି କରିବା ଆଦି ନେଇ ବୈଠକରେ ଆଲୋଚନା କରାଯାଇଛି । ସେହିପରି ଅଂଶୁଘାତର ମୁକାବିଲା ନିମନ୍ତେ ସମସ୍ତ ଡାକ୍ତରଖାନାମାନଙ୍କରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା, ସ୍ୱତନ୍ତ୍ର ଅଂଶୁଘାତ ୱାର୍ଡ ପ୍ରସ୍ତୁତ ରଖିବା, ଆବଶ୍ୟକୀୟ ପରିମାଣରେ ଓ.ଆର୍.ଏସ୍.ପ୍ୟାକେଟ୍, ଆବଶ୍ୟକୀୟ ଔଷଧ ଆଦି ମହଜୁଦ ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କୁହାଯାଇଛି । କଣ୍ଟ୍ରୋଲ ରୁମ ମଧ୍ୟ କାର୍ଯ୍ୟକାରୀ ହେଉଥିବା ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅବଗତ କରାଇଥିଲେ। ସେହିଭଳି ଏହି ସ୍ୱତନ୍ତ୍ର ୱାର୍ଡମାନଙ୍କରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଓ ଏସି ବ୍ୟବସ୍ଥା କରିବାକୁ କୁହାଯାଇଛି। ଗୋଷ୍ଠି ଉନ୍ନୟନ ଅଧିକାରୀ ଏବଂ ତହସିଲଦାର ମାନେ ଗସ୍ତ କରି ନିଜ ନିଜ ଅଞ୍ଚଳ ସବୁ ବ୍ୟବସ୍ଥା ଆଦିକୁ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସକାଳୁଆ ସ୍କୁଲ ଓ ସକାଳୁଆ ଅଙ୍ଗନୱାଡ଼ି ବିଷୟରେ ଆଲୋଚନା କରାଯାଇଥିଲା ଓ ସମସ୍ତ ସ୍କୁଲ, ଅଙ୍ଗନୱାଡ଼ି ମାନଙ୍କରେ ଯଥେଷ୍ଟ ପରିମାଣରେ ପାନୀୟ ଜଳ ଓ. ଆର୍. ଏସ୍ ବ୍ୟବସ୍ଥା କରିବାକୁ କୁହାଯାଇଥିଲା ଓ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀମାନଙ୍କର ଗ୍ରୀଷ୍ମ ପ୍ରବାହ ସମୟରେ ବାହାରକୁ ନ ବାହାରିବାକୁ ସଚେତନ କରିବା ଆଲୋଚନା କରାଯାଇଥିଲା। ସେହିପରି ଅଂଶୁଘାତରୁ ବର୍ତ୍ତିବା ପାଇଁ ଶ୍ରମିକମାନେ ଯେପରି ଅତ୍ୟଧିକ ଖରା ସମୟ ରେ କାମ ନକରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲା ଶ୍ରମ ଅଧିକାରୀ ନିୟମିତ କାର୍ଯ୍ୟସ୍ଥଳମାନଙ୍କରେ ଶ୍ରମିକମାନଙ୍କ ପାଇଁ ବ୍ୟବସ୍ଥା ଓ କାର୍ଯ୍ୟ ସମୟ ଠିକ୍ ଭାବରେ କାର୍ଯ୍ୟକାରୀ କରୁଛନ୍ତି କି ନାହିଁ ତଦାରଖ କରିବାକୁ କହିଛନ୍ତି । ସେହିପରି ଅତ୍ୟାବଶ୍ୟକ ନହେଲେ ବାହାରକୁ ନ ବାହାରିବା ନିମନ୍ତେ ଜନସଚେତନତା କରାଯିବାକୁ ଆଲୋଚନା କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ସଦର ଉପଜିଲ୍ଲାପାଳ ତେଜସ୍ୱୀ ନି ବେହେରା, ଏସି ଏଫ ରାଜ କୁମାର ସେଠୀ, ଡେପୁଟି କଲେକ୍ଟର (ଅପାତକାଳୀନ) ଅଶ୍ୱିନୀ ପଣ୍ଡା, ଡିପିଏଚଓ ଡା ଶ୍ରୀନିବାସ ମହାରଣା ସହିତ ସମସ୍ତ ବିଭାଗୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର, ସମସ୍ତ ପୌର ପାଳିକାର ନିର୍ବାହୀ ଅଧିକାରୀ ମାନେ ଯୋଗ ଦେଇଥିଲେ।




# ମହିଳାଙ୍କ ଅଧିକାର ଓ ଯୋଜନା ଉପରେ ସଚେତନତା କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ସୁବର୍ଣ୍ଣପୁର ଜିଲ୍ଲାର ବିନିକା ବ୍ଲକ ଠାରେ ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ବିନିକା ବ୍ଲକର ଚନ୍ଦ୍ରମା ହୋଟେଲଠାରେ ଓ ଅପରାହ୍ନ ୩.୦୦ ଘଟିକା ସମୟରେ ସୋନପୁର ସ୍ଥିତ ନୂତନ ଟାଉନ ହଲ ଠାରେ ସୋନପୁର ବ୍ଲକ ସ୍ତରୀୟଠାରେ ମହିଳାଙ୍କ ଅଧିକାର ଓ ମହିଳାଙ୍କ ସମ୍ପର୍କିତ ବିଭିନ୍ନ ସରକାରୀ ଯୋଜନାଗୁଡ଼ିକ ଉପରେ ଲିଗାଲ ବା ନ୍ୟାୟିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଭୟ ସଚେତନତା କାର୍ଯ୍ୟକ୍ରମରେ ଓଡ଼ିଶା ମହିଳା କମିଶନର ସଦସ୍ୟା ମୁକ୍ତା ସାହୁଙ୍କ ଅଧ୍ୟକ୍ଷତାରେ ଉଭୟ ବ୍ଲକର ଅଙ୍ଗନବାଡ଼ି କର୍ମୀ, ସହାୟିକା, ମହିଳା ସ୍ୱୟଂ ସହାୟକା ଗୋଷ୍ଠୀର ସଦସ୍ୟାମାନଙ୍କୁ ଓ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ଅଞ୍ଜଳିନା ପ୍ରଧାନ, ବିନିକା ବ୍ଲକର ସଚେତନତା କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ବେଳେ, ସୋନପୁର ବ୍ଲକର ସଚେତନତା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ ଯୋଗଦାନ କରିଥିଲେ। ଏତଦବ୍ୟତୀତ ଉଭୟ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ବୀଣାପାଣି ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ, ସଂପୃକ୍ତ ସମ୍ବନ୍ଧିତ ଶିଶୁ ବିକାଶ ପ୍ରକଳ୍ପର ଅଧିକାରୀମାନଙ୍କ ସହିତ ମହିଳା ପରିଦର୍ଶିକାମାନେ ଉପସ୍ଥିତ ଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ସଚେତନ କରାଇବା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଚତୁର୍ଭୁଜ ଦାଶ, ଆଇନଜିବି ତଥା ଯୁବିନାଇଲ ଜଷ୍ଟିସ ବୋର୍ଡ, ସୁବର୍ଣ୍ଣପୁରର ସଦସ୍ୟ, ଏଲ୍.ସି.ସିର ଅଧ୍ୟକ୍ଷା ରଞ୍ଜିତା ନେଗି, ସହକାରୀ ପି.ପି, ପ୍ରଣତି କୁମ୍ଭାର, ଭାରପ୍ରାପ୍ତ ଥାନା ଅଧିକାରୀ, ବିନିକା ଥାନା, ଜଇଜର ବେସରକାରୀ ଅନୁଷ୍ଠାନର ସାଧାରଣ ସମ୍ପାଦକ, ଅନଙ୍ଗ ନେଗୀ ସମସ୍ତଙ୍କୁ ମହିଳା ଅଧିକାର ଉପରେ ନ୍ୟାୟିକ ବା ଲିଗାଲ ଓ ମହିଳାଙ୍କ ସମ୍ପର୍କିତ ବିଭିନ୍ନ ସରକାରୀ ଯୋଜନା ଉପରେ ସଚେତନ କରାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ସୋନପୁର ପୌର ପରିଷଦ ଅଧ୍ୟକ୍ଷା, ତାମସି ତାମସ୍ମିତା ନାୟକ ଓ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ଉପସ୍ଥିତ ରହି ସେମାନଙ୍କ ବକ୍ତବ୍ୟ ଉପସ୍ଥାପନ ପୂର୍ବକ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଦ୍ୱାରା ଆୟୋଜନ କରାଯାଇଥିଲା।



32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ ମାର୍ଚ୍ଚ ୨୦୨୬ ମଙ୍ଗଳବାର





# ରାଇଘର ହାଇସ୍କୁଲରେ ର୍ୟାଗିଂ ଅଭିଯୋଗ



**ରାଇଘର, ନ୍ୟୁଜ୍ ବ୍ୟୁରୋ**

ଛାତ୍ର ନିବାସ ଭିତରେ ଦୁଇ ଜଣ ଛାତ୍ର ଅନ୍ୟ ଜଣେ ଅନ୍ତେବାସୀକୁ ଲାତ, ଗୋଇଠା ସହ ବିଧା, ଚାପୁଡ଼ା ମାରିବା ଭିଡ଼ିଓ ଏବେ ମୋବାଇଲ୍‌ରୁ ମୋବାଇଲ୍ ଘୁରି ବୁଲୁଥିବା ଦେଖିବାକୁ ମିଳିଛି। ଏହି ଭିଡ଼ିଓ ସମ୍ପର୍କରେ ଖୋଜଖବର ନେବାରୁ ଜଣାପଡିଛି ଏହା ଚଳିତ ମାସ ୮ ତାରିଖ ରବିବାର ଦିନର। ଭିଡିଓଟି ନବରଙ୍ଗପୁର ଜିଲ୍ଲା ରାଇଘର ସଦରର ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଛାତ୍ର ନିବାସର ଦୁଇ ଜଣ ଅଷ୍ଟମ ଶ୍ରେଣୀର ଛାତ୍ର (ଖୁଦରତ ହରିଜନ ଓ ପ୍ରଶାନ୍ତ ହରିଜନ) ନବମ ଶ୍ରେଣୀର ଛାତ୍ର ଦୀପକ ଗଣ୍ଡଙ୍କୁ କୌଣସି କାରଣ ବଶତଃ ଅତି ନିର୍ଦ୍ଦୟ ଭାବେ ମାରିଛନ୍ତି। ଯାହାଫଳରେ ଦୀପକ ଗଣ୍ଡଙ୍କ ପିଠିରେ କ୍ଷତ ସୃଷ୍ଟି ହୋଇଛି। ମାଡ଼ ଏତେ ମାତ୍ରାରେ ହୋଇଛି ରାଇଘର ପ୍ରାଥମିକ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇବାକୁ ପଡ଼ିଥିଲା। ବର୍ତ୍ତମାନ ଦୀପକ ରାଇଘର ଛାତ୍ର ନିବାସରେ ଅଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ ଆହତ ଛାତ୍ରଙ୍କ ଚିକିତ୍ସା ପରେ ବିଦ୍ୟାଳୟରେ ରଖିଛନ୍ତି। ଛାତ୍ର ନିବାସ ମଧ୍ୟରେ ଏହିଭଳି ମାରପିଟ୍ ହେବା ଛାତ୍ର ନିବାସର ପରିଚାଳନାର ଦୁର୍ବଳତାକୁ ପଦାରେ ପକାଉଛି। ଏହି ସମ୍ପର୍କରେ ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ////////// କେନ୍ଦ୍ରାପଡ଼ା ଜିଲ୍ଲା ଓକିଲ ସଂଘ ନିର୍ବାଚନ //////////

## ୪ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ:୧୨ ନିର୍ବାଚନ ମଇଦାନରେ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ନିର୍ବାଚନ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ। ଏନେଇ ୧୬ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନାମାଙ୍କନ ପତ୍ରର ପ୍ରତ୍ୟାହାର ଶେଷ ଦିନରେ କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିନାହାଁନ୍ତି। ୧୬ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୪ ଜଣ ପ୍ରାର୍ଥୀ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏମାନେ ହେଲେ ଅତିରିକ୍ତ ଯୁଗ୍ମ ସମ୍ପାଦିକା (ମହିଳା) ମମତାମୟୀ ସାମଲ, ପରିଚାଳନା ପରିଷଦ ସଭ୍ୟ ପ୍ରାର୍ଥୀ ପ୍ରତିମା ଚକ୍ରବର୍ତ୍ତୀ, ପରିଚାଳନା ପରିଷଦ ସଭ୍ୟା ମିନାକ୍ଷୀ ସାମନ୍ତରାୟ, ପରିଚାଳନା ପରିଷଦ ସଭ୍ୟା ସଂଘମିତ୍ରା ମଲିକ ୪ଜଣ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ସଭାପତି ଭାବେ ଧିରେନ କୁମାର ସାହୁ, ରବିନାରାୟଣ ମହାନ୍ତି, ଉପ ସଭାପତି ଭାବେ ନୃସିଂହ ଚରଣ ରାଉତ, ତମଷା ପାତ୍ର, ସମ୍ପାଦକ ଭାବେ ନେହେରୁ କୁମାର ସାହୁ, ନିହାର ରଞ୍ଜନ ମହାପାତ୍ର, ଯୁଗ୍ମ ସମ୍ପାଦକ ଭାବେ ମନୋରଞ୍ଜନ ବେହେରା, ରଞ୍ଜନ କୁମାର ସେଠୀ, ଅତିରିକ୍ତ ଯୁଗ୍ମ ସମ୍ପାଦକ ବିନୋଦ କୁମାର ବେହେରା, ହରିପ୍ରସାଦ କର, କୋଷାଧ୍ୟକ୍ଷ ଭାବେ ପ୍ରକାଶ କୁମାର ପ୍ରଧାନ, ରାଜୀବ କୁମାର ପାତ୍ର ୧୨ ଜଣ ନିର୍ବାଚନ ମଇଦାନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜିଲ୍ଲା ଓକିଲ ସଂଘ ନିର୍ବାଚନ ଅଧିକାରୀ ପ୍ରଭାତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ପିଏମ୍ କିଷାନ ଉତ୍ସବ ଦିବସରେ ଜିଲ୍ଲାର ୧,୮୦,୫୭୪ ଜଣ ହିତାଧିକାରୀଙ୍କ ଖାତାକୁ ଗଲା ସହାୟତା ରାଶି

**କେନ୍ଦୁଝର, ନ୍ୟୁଜ୍**



ଜୁଡ଼ିଆ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ସଭାଗୃହରେ 'ପିଏମ୍ କିଷାନ୍ ଉତ୍ସବ ଦିବସ'ର ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାର କୃଷି ବିକାଶ କ୍ଷେତ୍ରରେ ଏକ ବଡ଼ ସଫଳତା ଦେଖିବାକୁ ମିଳିଛି। ଜିଲ୍ଲାର ମୋଟ୍ ୧,୮୦,୫୭୪ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଭାବେ ମୋଟ୍ ୩୬,୧୧,୪୮,୦୦୦ (ଛତିଶି କୋଟି ଏଗାର ଲକ୍ଷ ଅଠଚାଳିଶି ହଜାର) ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ଆସାମର ଗୌହାଟି ଠାରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମରେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ କୃଷକମାନଙ୍କ ବ୍ୟାଙ୍କ ଖାତାକୁ 'ପିଏମ୍ କିଷାନ ଯୋଜନା' ଅନ୍ତର୍ଗତ ୨୨ ତମ କିସ୍ତିର ସହାୟତା ରାଶି ପ୍ରଦାନ କରିଥିଲେ। ଅନ୍ୟପଟେ, ଓୟୁଏଟି କୃଷି ସେବା ସଦନରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷକ ସମାଜକୁ ଉଦ୍‌ବୋଧନ ଦେଇଥିଲେ। ସେ ସମସ୍ତ ଚାଷୀଙ୍କୁ ବିଭିନ୍ନ ସରକାରୀ ଯୋଜନାର ସହାୟତା ନେବାକୁ ଆହ୍ୱାନ୍ କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଶତାଧିକ କୃଷକ, ବିଭାଗୀୟ ଅଧିକାରୀ ଓ କୃଷି ବୈଜ୍ଞାନିକମାନେ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଲ ସିଂ, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, କେନ୍ଦୁଝର ସାଂସଦଙ୍କ ପ୍ରତିନିଧି ଭାଗିରଥି ସିଂ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡଃ ଚନ୍ଦ୍ରଶେଖର ରଥ, ଡିଡିଏଚ୍ ସୌମେନ୍ଦ୍ର ପାଣିଗ୍ରାହୀ, ପିଡି ୱାଟରସେଡ଼ ଅଶୋକ କୁମାର ସେନାପତି, ଏଡିଆର୍ କିଶୋର ଚନ୍ଦ୍ର ସାହୁ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ସୁକାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ଶେଷରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପୃଥ୍ୱିରାଜ ମଣ୍ଡଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଆଦିବାସୀ ଲୋକକଳାକୁ ଋଦ୍ଧିମନ୍ତ କରିଛି ଉତ୍କଳ ଆଲୁମିନା'

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**



ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ସହଯୋଗୀ କମ୍ପାନୀ ପକ୍ଷରୁ ମହାଡମ୍ବରରେ ଆମ ନୃତ୍ୟ ଆମ ସଂସ୍କୃତି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉତ୍କଳ ଆଲୁମିନା ସିଏସ୍‌ଆର୍ ବିଭାଗ ଦ୍ୱାରା ଦୁଇଦିନ ଧରି ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକକଳା ତଥା ସଂସ୍କୃତିକୁ ପ୍ରତିଯୋଗୀମାନେ ମଞ୍ଚସ୍ଥ କରିଥିଲେ। ସ୍ଥାନୀୟ କଳା ସଂସ୍କୃତିକୁ ଉଜ୍ଜୀବିତ ତଥା ଆଦିବାସୀ ଐତିହ୍ୟ, ସଂସ୍କୃତି ଓ ଲୋକକଳାକୁ ମଞ୍ଚ ପ୍ରଦାନ ଏବଂ ସ୍ଥାନୀୟ ଅଞ୍ଚଳ ପ୍ରତିଭାବାନ ଲୁକ୍କାଇତ କଳାକାରଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଉତ୍କଳ ଆଲୁମିନା ପକ୍ଷରୁ ଏହି ପ୍ରୟାସ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଥମ ଦିନ ସ୍ଥାନୀୟ ଅଞ୍ଚଳର ୨୧ଟି ଗ୍ରାମରୁ ଆସିଥିବା ପ୍ରତିଭାନ କଳାକାରଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ଢେମସା ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ସିନେମା ଜଗତର ଜଣାଶୁଣା ତଥା ପ୍ରତିଷ୍ଠ କଳାକାର ଅଶ୍ରୁମୋଚନ ମହାନ୍ତି, ଆମ ନୃତ୍ୟ ଆମ ସଂସ୍କୃତି ଆମ ସମାଜର ପରିଚୟ। ଆମେ ନିଜେ ବଞ୍ଚିବାକୁ ହେଲେ ଆମ ସଂସ୍କୃତିକୁ ବଞ୍ଚେଇ ରଖିବା। ଏହି କ୍ରମରେ ଉତ୍କଳ ଆଲୁମିନାର ପ୍ରୟାସ ପ୍ରଶଂସନୀୟ। ସେହିପରି କଳାକ୍ଷେତ୍ରର ଜଣେ ସକ୍ରିୟ ସଦସ୍ୟ ଏବଂ ରାୟଗଡା ମାଟିର ସୁଯୋଗ୍ୟ ସନ୍ତାନ ତଥା ଅବିଭକ୍ତ କୋରାପୁଟ ଜିଲ୍ଲାର ଜଣେ ଅତି ପରିଚିତ ବ୍ୟକ୍ତିତ୍ୱ ବାସୁଦେବ ମାନବିଶୋଇ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ କହିଛନ୍ତି ଯେ, ଉତ୍କଳ ଆଲୁମିନା ସ୍ଥାନୀୟ ଆଦିବାସୀ ଐତିହ୍ୟକୁ ଉଜ୍ଜୀବିତ ରଖିବା ପାଇଁ ଆମ ନୃତ୍ୟ ଆମ ସଂସ୍କୃତି ଭଳି ପ୍ରୟାସ ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ସ୍ଥାନୀୟ ଅଞ୍ଚଳର ବିକାଶ ସହ ଅଞ୍ଚଳର ସଂସ୍କୃତିକୁ ଋଦ୍ଧିମନ୍ତ କରିବା ଉଦ୍ୟମ ପାଇଁ ଉତ୍କଳ ଆଲୁମିନାକୁ ସାଧୁବାଦ ବୋଲି ସେ ପ୍ରକାଶ କରିଥିଲେ। ଅନୁରୂପ ପୂର୍ବତନ ବିଧାୟକ ମକରନ୍ଦ ମୁଦୁଲି ଓ ସିନେ ଅଭିନେତ୍ରୀ ମଧୁସ୍ମିତା ମହାନ୍ତି ମଧ ଉତ୍କଳ ଆଲୁମିନାର ଏଭଳି ପ୍ରୟାସ ପାଇଁ ପ୍ରଶଂସା କରିଥିଲେ। ଏହାପରେ ପର୍ଶ୍ୱସ୍ଥ ଗ୍ରାମାଞ୍ଚଳ ଯଥା, ଲଦିଗୁଡ଼ା, କୋଡ଼ିପରି, ଅଣ୍ଡିରାକଞ୍ଚ, ନରିଂଜୋଡି, ନୂଆଗାଁ, ଡଙ୍ଗାସିଲ, ବାଗ୍ରିଝୋଲା, କୁଚେଇପଦର, ଥିଟିବର୍ ଓ ସୋରିସପଦର୍ ଗ୍ରାମରେ କଳାକାରମାନେ ଆଦିବାସୀ ଢେମସା ନୃତ୍ୟ ପରିବେଷଣ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଗୋକୁଳମୁଣ୍ଡା କଳାକାରମାନେ ପ୍ରଥମ ସ୍ଥାନ ହାସଲ କରିଥିବା ସ୍ଥଳେ ଦ୍ୱିତୀୟ କେ କରଲ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ ଆର୍‌ଆର୍ କଲୋନୀ ପ୍ରତିଯୋଗୀ। ଅନ୍ୟପକ୍ଷେ ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ଅତିଥି ଭାବେ ଆଦିତ୍ୟ ରିଫାଇନେରୀ ମୁଖ୍ୟ ମଜହର ବେଗ, ସିଜିମାଳି ଖଣି ମୁଖ୍ୟ ପ୍ରତୀକ କୁମାର ମାନବ ସମ୍ବଳ ମୁଖ୍ୟ ଦୀପକ ମହାନ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ଆଲୁମିନା ମୁଖ୍ୟ ରବି ନାରାୟଣ ମିଶ୍ର ଉପସ୍ଥିତ ଥିବାବେଳେ ଅତିଥିଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ବେଗ କହିଛନ୍ତି ଯେ, ଆଦିବାସୀ ସଂସ୍କୃତିକୁ ଲୋକଲୋଚନକୁ ଆଣିବାରେ ଆମ ନୃତ୍ୟ ଆମ ସଂସ୍କୃତି କାର୍ଯ୍ୟକ୍ରମ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସିଏସ୍‌ଆର୍ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ହାତକୁ ନେଇଥିବାରୁ ସେ ଭୂୟସି ପ୍ରଶଂସା କରିଥିଲେ। ଅନୁରୂପ ଭାବେ ୟୁନିଟ୍ ମୁଖ୍ୟ ରବିନାରାୟଣ ମିଶ୍ର ସଭାରେ ଉଦ୍‌ବୋଧନ ଦେଇ କହିଥିଲେ, ଆମ ନୃତ୍ୟ ଆମ ସଂସ୍କୃତି କେବଳ ଉତ୍ସବ ନୁହେଁ ଏହା ମହୋତ୍ସବରେ ପରିଣତ ହୋଇଛି। ଅଞ୍ଚଳର ଲୁକ୍କାଇତ ପ୍ରତିଭାକୁ ଲୋକଲୋଚନକୁ ଆଣିବା କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ। ବଣମଲ୍ଲି ବଣରେ ନରହି ଲୋକଲୋଚନକୁ ଆସି ନିଜ ପ୍ରତିଭା ଜରିଆରେ ଅଞ୍ଚଳକୁ ସୁନାମ ଅଣିବେ। ସିଏସ୍‌ଆର୍ ଟିମ୍‌ର ଏପରି ପ୍ରୟାସ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରମାନେ ମଞ୍ଚରେ ନୃତ୍ୟ ପରିବେଷଣ କରିଥିଲେ। ଓଡ଼ିଶୀ ସମେତ ରାଜସ୍ଥାନର ଲୋକ କଳାକାର କଲବେଲିଆ, ମିଜୋରାମ କଳାକାର ଚେର ଓ ମହାରାଷ୍ଟ୍ରରୁ ଆସିଥିବା ଲୋକ କଳାକାରମାନେ ଲାବଣୀ ନୃତ୍ୟ ପରିବେଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ସିଏସ୍‌ଆର୍ ମୁଖ୍ୟ ଲୋପାମୁଦ୍ରା ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ପ୍ଲାଣ୍ଟ ସିଏସ୍‌ଆର୍ ମୁଖ୍ୟ ଦିଗନ୍ତ ମହାନ୍ତି ଓ ଟିମ୍ ସହଯୋଗ କରିଥିଲେ। ଏହି ଅବସରରେ ସ୍ଥାନୀୟ ଲୋକପ୍ରତିନଧି ତଥା କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଟ ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ସରସ୍ୱତୀ ମାଝୀ ଉପସ୍ଥିତ ଥିବା ବେଳେ କାରଖାନାର ବରିଷ୍ଠ କର୍ମକର୍ତ୍ତା ନାରାୟଣ ମିତ୍ର, ମରିନ୍ମୟ ମଣ୍ଡଳ, ପିତାମ୍ବର ବେହେରାଙ୍କ ସମେତ ଅନ୍ୟମାନେ ରହି ସହଯୋଗ କରିଥିଲେ।



## ଭଙ୍ଗା ପରିବାରକୁ ଯୋଡ଼ିଲେ ବିଚାରପତି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ପରିବାର ଅଦାଲତର ବିଚାରପତି ଦେବାଶିଷ ପଣ୍ଡା ଏକ ଭଙ୍ଗା ପରିବାରକୁ ଯୋଡି ପୁନଃର୍ବାର ଘର ସଂସାର କରିବା ପାଇଁ ପରାମର୍ଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାଇ କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ସାନ ଜରିଆ ପେରିଜପୁର ଗ୍ରାମର ଅମରେନ୍ଦ୍ର ଦାସଙ୍କୁ ମାର୍ଶାଘାଇ ଥାନା ଅନ୍ତର୍ଗତ କସୋଟୀ ବାଲି ଗ୍ରାମର ଶ୍ମିତା ଦସଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ଅମରେନ୍ଦ୍ର ଛାଡପତ୍ର ପାଇଁ ଆବେଦନ କରିଥିବା ବେଳେ ରଶ୍ମିତା ଭରଣ ପୋଷଣ ମାମଲା ରୁଜୁ କରିଥିଲେ। ବିଚାରପତି ଶ୍ରୀ ପଣ୍ଡା ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ବୁଝାସୁଝା କରାଇବାରୁ ଉଭୟ ପୁନଃର୍ବାର ଘର ସଂସାର କରିବା ପାଇଁ ରାଜି ହୋଇ ଘରକୁ ଫେରିଛନ୍ତି। ଉଭୟଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମକଦ୍ଦମା ସୁବାଷ ଚନ୍ଦ୍ର ନାୟକ ଓ ଦୁର୍ଯ୍ୟୋଧନ ସାହୁ ମକଦ୍ଦମା ପରିଚାଳନା କରିଥିଲେ।

## ଘରୁ ଗ୍ୟାସ୍ ଟାଙ୍କି ଲୁଟି ନେଲା ଦୁର୍ବୃତ୍ତ

**କଟକ, ନ୍ୟୁଜ୍ ବ୍ୟୁରୋ**

ରନ୍ଧନ ଗ୍ୟାସ୍ ଅଭାବକୁ ନେଇ ବର୍ତ୍ତମାନ ସବୁଠି ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ପରିସ୍ଥିତିରେ ଘରେ କେହି ନଥିବାବେଳେ ଜଣଙ୍କ ଘରୁ ଗ୍ୟାସ୍ ଟାଙ୍କି ଚୋରି କରିନେଇଛି ଦୁର୍ବୃତ୍ତ। ଯାହାର ସିସିଟିଭି ଦୃଶ୍ୟ ଭାଇରାଲ୍ ହେବା ପରେ ଚର୍ଚ୍ଚାର ବିଷୟ ହୋଇଛି। ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୂଳିଆ ବାରଙ୍ଗ ମୁଖ୍ୟ ରାସ୍ତାର



ବଛିପୁରରେ ଏହି ଘଟଣା ଘଟିଛି। ସୂଚନା ଅନୁଯାୟୀ, ମଧୁପୁର ଗ୍ରାମର ମଥୁରାନନ୍ଦ ସାହୁ ତ୍ରିଶୂଳିଆ ବାରଙ୍ଗ ମୁଖ୍ୟ ରାସ୍ତାର ବଛିପୁର ନିକଟରେ ପରିବାର ସହିତ ରହୁଛନ୍ତି। ଶନିବାର ଅପରାହ୍ଣ ପ୍ରାୟ ୪.୫୦ରେ ଜଣେ ହେଲ୍ମେଟ୍ ପିନ୍ଧିଥିବା ଯୁବକ ବାଇକ୍‌ରେ ଆସି ତାଙ୍କ ଘର ପାଖରେ ପହଞ୍ଚିଥିଲା। ସେତେବେଳେ ଘର ତଳ ମହଲା ଓ ଦ୍ୱିତୀୟ ମହଲାରେ କେହିନଥିଲେ। ଯୁବକ ଜଣଙ୍କ ତଳ ମହଲା ଦେଖି ସିଡିରେ ଉପରକୁ ଯାଇଥିଲା। ପୁନର୍ବାର ଫେରି ଆସି ତଳ ମହଲାରେ ଥିବା ଏକ ଗ୍ୟାସ୍ ପୂର୍ଣ୍ଣ ସିଲିଣ୍ଡରକୁ ନେଇ ବାଇକ୍ ଆଗରେ ରଖି ଚମ୍ପଟ୍ ମାରିଥିଲା। ଚୋରକୁ ଦେଖି କୁକୁର ଜୋର୍‌ରେ ଭୁକିବାରୁ ଘର ଲୋକେ ଦୌଡ଼ି ଆସିଥିଲେ। ପରେ ସିସିଟିଭି କ୍ୟାମେରା ଦେଖିବା ପରେ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ। ତେବେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# ଯାଜପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ:୭୦୫୬ ମାମଲା ଫଇସଲା




**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ପ୍ରକାରର ମୋଟ୍ ୭୦୫୬ ଗୋଟି ମୋକଦ୍ଦମା ଫଇସଲା ହୋଇଛି। ସେଥିମଧ୍ୟରୁ ୫୬୮ ଗୋଟି ଫୌଜଦାରୀ, ୨୧ ଗୋଟି ମୋଟର ଦୁର୍ଘଟଣା ଜନିତ ମାମଲା, ୫୦ ଗୋଟି ଦେଓ୍ୱାନୀ, ୧୪ ଗୋଟି ପାରିବାରିକ କଳହ ମୋକଦ୍ଦମା, ଶ୍ରମ ବିବାଦ ୧୫ ଗୋଟି ଏବଂ ରାଜସ୍ୱ ବିଭାଗର ୬୩୮୬ଟି ମାମଲା ଫଇସଲା କରାଯାଇ ମୋଟ୍ ୯,୨୬,୧୮,୭୨୫/- ଟଙ୍କା ଆଦାୟ କରାଯାଇଛି। ଏତଦ୍‌ବ୍ୟତୀତ ଏହି ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କର ମୋଟ୍ ୭୭ ଗୋଟି, ବିଦ୍ୟୁତ ବିଭାଗର ୨୩୪ ଗୋଟି, ସ୍ଥାୟୀ ଲୋକ ଅଦାଲତର ୨ ଗୋଟି, ଟ୍ରାଫିକ୍ ଚାଲାଣ ୧୮ ଗୋଟି ଏବଂ ଟେଲିଫୋନ୍ ୩ ଗୋଟି ସମ୍ବନ୍ଧୀୟ ପ୍ରାକ୍ ବିଚାରଧୀନ ମାମଲା ଫଇସଲା କରାଯାଇ ମୋଟ୍ ୭୧,୯୬,୬୧୧/- ଟଙ୍କା ମଧ ଅଦାୟ କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଓ ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ନେହା ଅଗ୍ରୱାଲ ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଅଦାଲତରେ ଯାଜପୁର ଜିଲ୍ଲାର ପରିବାର ଅଦାଲତର ବିଚାରପତି ଗୁଣ୍ଡିଚା ସାମନ୍ତ ସିଂହାର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସର୍ବେଶ୍ୱର ଦାସ, ରେଜିଷ୍ଟାର ମାନସ ରଞ୍ଜନ ସାମନ୍ତରାୟ, ବରିଷ୍ଠ ଦେଓ୍ୱାନୀ ବିଚାର ପତି (ଏଲ୍‌ଆର୍ ଏବଂ ଏଲ୍‌ଟିଭି) ଲୋପାମୁଦ୍ରା ବେହେରା, ଏସ୍.ଡି.ଜେ.ଏମ୍. ସୁମିତ୍ରା ବିଶ୍ୱାଳ, ଦେଓ୍ୱାନୀ ବିଚାରପତି, ସୁନିତା ବିଶ୍ୱାଳ, ଜେ.ଏମ୍.ଏଫ୍.ସି. (ଏଲ୍‌ଆର୍ ଏବଂ ଏଲ୍‌ଟିଭି), ଅଂଶୁମାନ ରଥ, ଅଂଶଗ୍ରହଣ କରି ବିଭିନ୍ନ ମକଦ୍ଦମା ଗୁଡିକୁ ଫଇସଲା କରିଥିଲେ। ଏହି ଲୋକଅଦାଲତରେ ଜିଲ୍ଲା ଓ ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ଜିଲ୍ଲା କାରାଗାର ଅନ୍ତେବାସୀ ମାନଙ୍କ ଦ୍ୱାରା ତିଆରି କରାଯାଇଥିବା ଫିନାଇଲ୍ ଏବଂ ଜୈବିକ ଖତ ବିକ୍ରୟ କରାଯାଇଥିଲା।

### ////////////// ଲୋକାର୍ପିତ ହେଲା କବିତା ପୁସ୍ତକ 'ଭୁଲିତ ପାରୁନି' //////////////

# ଓଡ଼ିଆ ଭାଷା ଓ ସାହିତ୍ୟର ସମୃଦ୍ଧି ପାଇଁ ବୁଦ୍ଧିଜୀବୀଙ୍କ ଆହ୍ୱାନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ସ୍ଥାନୀୟ ଜୟଦେବ ଭବନ ପରିସରରେ ରବିବାର ସନ୍ଧ୍ୟାରେ ବିଶିଷ୍ଟ କବି ସୋମନାଥ ସୁନ୍ଦରରାୟଙ୍କ ନୂତନ କବିତା ପୁସ୍ତକ 'ଭୁଲିତ ପାରୁନି' ଏବଂ ଏହାର ଏକ ସଙ୍ଗୀତ ଆଲବମ୍ ତାଙ୍କର ଜନ୍ମଦିନରେ ମହା ଆଡ଼ମ୍ବର ସହକାରେ ଲୋକାର୍ପିତ ହୋଇଯାଇଛି। ଓଡ଼ିଆ ସାହିତ୍ୟ ପ୍ରେମୀଙ୍କ ଗହଳିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମଟି ଭାଷା ଓ ସଂସ୍କୃତିର ଏକ ନିଆରା ସମନ୍ୱୟ ସୃଷ୍ଟି କରିଥିଲା। ଅତିଥିଙ୍କ ଅଭିଭାଷଣ ଓ ପ୍ରୋତ୍ସାହନ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବରିଷ୍ଠ ପ୍ରଶାସକ ତଥା ସୁସାହିତ୍ୟିକ ଡକ୍ଟର ରବିନାରାୟଣ ସେନାପତି ଯୋଗଦେଇ କବିଙ୍କ ଲେଖନୀର ପ୍ରଶଂସା କରିବା ସହ କହିଥିଲେ ଯେ, 'କବିତା କେବଳ ଶବ୍ଦର ସମାହାର ନୁହେଁ, ବରଂ ଏହା ମଣିଷର ଅକୁହା ଭାବନାକୁ ରୂପ ଦିଏ।' ଅନ୍ୟତମ ସମ୍ମାନିତ ଅତିଥି ଭାବେ ଦାଶରଥୀ ଶତପଥୀ (ପ୍ରାକ୍ତନ ଆୟୁକ୍ତ ଓ ସଚିବ, ଓଡ଼ିଶା ବିଧାନସଭା), ଶରତ କୁମାର ଦାଶ (ପୂର୍ବତନ ଆୟୁକ୍ତ, ଆୟକର ବିଭାଗ), ରମେଶ ଦାସ (ପ୍ରାକ୍ତନ ପ୍ରାଧ୍ୟାପକ, ବିଜେବି ମହାବିଦ୍ୟାଳୟ), ମାନସୀ ସୁନ୍ଦରରାୟ କର୍ପୋରେଟର, ଗୀତିକାର ଓ ସମାଜସେବୀ ପ୍ରମୁଖ ଯୋଗଦେଇ କବିଙ୍କୁ ଉତ୍ସାହିତ କରିବା ସହ ଆଧୁନିକ ଯୁଗରେ ଓଡ଼ିଆ କବିତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଓଡ଼ିଆ ଭାଷା ଓ ସଂସ୍କୃତିର ସମୃଦ୍ଧି ବକ୍ତାମାନେ ନିଜ ଅଭିଭାଷଣରେ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସେମାନେ ମତ ପ୍ରକାଶ କରିଥିଲେ ଯେ, ଯୁବପିଢ଼ିଙ୍କ ମଧ୍ୟରେ ଓଡ଼ିଆ ସାହିତ୍ୟ ପ୍ରତି ବଢୁଥିବା ଆଗ୍ରହ ଆମ ସଂସ୍କୃତିର ସମୃଦ୍ଧି ପାଇଁ ଏକ ଶୁଭ ସଂକେତ। 'ଭୁଲିତ ପାରୁନି' ପୁସ୍ତକରେ ଥିବା ଆଠଟି କବିତାର ସଙ୍ଗୀତ ଆଲବମ୍ ଶ୍ରୋତାଙ୍କୁ ବେଶ୍ ମନ୍ତ୍ରମୁଗ୍ଧ କରିଥିଲା। ଦର୍ଶକଙ୍କ ଅକୁଣ୍ଠ ସମର୍ଥନ କାର୍ଯ୍ୟକ୍ରମରେ ଉପସ୍ଥିତ ଶତାଧିକ ଶ୍ରୋତା ଓ ସାହିତ୍ୟ ଅନୁରାଗୀମାନେ କବିତା ପାଠ ଓ ଆଲବମର ଲୋକାର୍ପଣକୁ ଉତ୍ସାହର ସହ ଉପଭୋଗ କରିଥିଲେ। ଏହି ଲୋକାର୍ପଣ ସମାରୋହରେ କଣ୍ଠଦାନ କରିଥିବା ସମସ୍ତ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ସୋମନାଥ ସୁନ୍ଦରରାୟ ଶେଷରେ ସମସ୍ତ ଅତିଥି ଓ ଦର୍ଶକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସାହିତ୍ୟ ମାଧ୍ୟମରେ ଓଡ଼ିଆ ଅସ୍ମିତାକୁ ବଞ୍ଚାଇ ରଖିବାର ଯେଉଁ ପ୍ରୟାସ ଏହି କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଲା, ତାହା ପ୍ରକୃତରେ ପ୍ରଶଂସନୀୟ।

## ଋଷିକୂଲ୍ୟା ମୁହାଣରେ ଅଲିଭରିଡ଼ଲେ କଇଁଛଙ୍କ ସମୂହ ଅଣ୍ଡାଦାନ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ସମୁଦ୍ର ତଟବର୍ତ୍ତି ଅଞ୍ଚଳ ଋଷିକୂଲ୍ୟା ମୁହାଣ ତଥା ପୋଡମପେଟା ଅଞ୍ଚଳର ବାଲୁକା ଶଯ୍ୟାରେ ସକାଳୁ ସମୁଦ୍ରରୁ ଶହ ଶହ ସଂଖ୍ୟାରେ ଅଲିଭରିଡଲେ କଇଁଛ ଆସି ଅଣ୍ଡାଦାନ କରିଛନ୍ତି। ଏହି ଅଣ୍ଡାଦାନ ସଂଖ୍ୟା ୮ରୁ ୧୦ ହଜାର ହେବ ବୋଲି ଜିଲ୍ଲା ବନ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି। ଅଣ୍ଡା ଓ କଇଁଛର ସୁରକ୍ଷା ପାଇଁ ପ୍ରାୟ ୫ କି.ମି. ବ୍ୟାପୀ ବ୍ୟାରିକେଡ୍ କରାଯାଇଛି। ତେବେ ଆବଶ୍ୟକ ପଡିଲେ ଏହାର ସୀମାକୁ ଆହୁରି ବଢାଯିବ ବୋଲି ସେ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ସଂଖ୍ୟକ କଇଁଛ ଅଣ୍ଡା ଦେବେ ବୋଲି ବନ ବିଭାଗ ପକ୍ଷରୁ ଆଶା କରାଯାଉଛି।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଶା ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ– ୧୪୩୩ ସାଲ, ଶକାବ୍ଦଃ– ୧୯୪୩, ସମ୍ବତ୍– ୨୦୮୧, ହିଜରୀ– ୧୪୪୭, କଳିଯୁଗାବ୍ଦଃ– ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ– ଅ୬୯ଙ୍କ

**ତା୧୭।୦୩।୨୦୨୬, ଚୈତ୍ର ଦି୩ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ– ଘ ୫।୫୬।୩୭  ଚନ୍ଦ୍ରୋଦୟ– ପ୍ରାଘ ୫।୧୪।୫୧**

**ତ୍ରୟୋଦଶୀ–** ଦିଘ୯।୨୫ ପର୍ଯ୍ୟନ୍ତ। ମଳ ଧନିଷ୍ଠା ନକ୍ଷତ୍ର ପ୍ରାଘ ୬।୨୫ ପର୍ଯ୍ୟନ୍ତ। **କୁମ୍ଭଚନ୍ଦ୍ର–** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି–** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, କୁମ୍ଭ ରାଶିର। **ଘାତ ଚନ୍ଦ୍ର–** ମିଥୁନ ଓ ମୀନ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ–** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ–** ବାଇଗଣ ଦିଘ ୯।୨୫ ଗତେ ବିରି ଖାଇବା ମନା। **ଆଜିର ଶୁଭବେଳା–** ଦିଘ ୮।୫୮ ଗତେ ଦିଘ ୧୦।୪୫ ମଧ୍ୟେ ଦିଘ ୧।୦୬ ଗତେ ଦିଘ ୧।୨୫ ମଧ୍ୟେ। **ପର୍ବୋତ୍ସବ–** ଶିବ ଚତୁର୍ଦ୍ଦଶୀ ଓ ବେଢା ପରିକ୍ରମା, ବାରୁଣୀ ସ୍ନାନ, ପବିତ୍ର ମଙ୍ଗଳବାର ଓଷା ଦ୍ୱିତୀୟ ପାଳି।



**ମେଷ:** ଆଜି ଆପଣଙ୍କର ଆୟ ଯୋଗ। ସୁସମ୍ବାଦ ପାଇ ଖୁସି ହେବେ। ସତ୍ କର୍ମରେ ନିଜକୁ ନିୟୋଜିତ କରନ୍ତୁ। ଦୂରଯାତ୍ରା କରି ସଫଳ ହେବେ। ମହିଳାମାନେ ସୁଖୀ ହେବେ। ଗୃହେ ଆନନ୍ଦ ଲାଭ।



**ବୃଷ:** କର୍ମକ୍ଷେତ୍ରରେ ସଫଳତା ହାସଲ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ। ନୂତନ ବନ୍ଧୁ ଦର୍ଶନର ସୁଯୋଗ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ।



**ମିଥୁନ:** ଦେବ ଦର୍ଶନ ସାଙ୍ଗକୁ ସେବା ପୂଜାର ସୁଯୋଗ ସୃଷ୍ଟି ହେବ। ଲାଗି ରହିଥିବା ବିବାଦର ସମାଧାନ ଘଟିବାକୁ ବିଳମ୍ବ ହେବ। ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ। ଘରେ ଅଶାନ୍ତି ଦେଖାଦେବାର ସୂଚନା।



**କର୍କଟ:** ଶାରୀରିକ କଷ୍ଟ ଅନୁଭବ କରିବେ। ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ। ଶତ୍ରୁ ନାଶ ହେବେ। ଦୂର ଯାତ୍ରାର ସୁଯୋଗ ସୃଷ୍ଟି ହୋଇପାରେ। ଘରେ ସୁଖ ଶାନ୍ତି ରହିବ। ବ୍ୟୟର ମାତ୍ରା ବଢ଼ିବ।



**ସିଂହ:** ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭ କରି ଉପକୃତ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଲାଭବାନ୍ ହେବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଜୀବନ ସୁଖମୟ ହେବ।



**କନ୍ୟା:** ଶତ୍ରୁଙ୍କ ଭୟ ଲାଗି ରହିବ। ଶୁଭ କାର୍ଯ୍ୟ କରିବେ। ମାନସିକ ଶାନ୍ତି ରହିବନାହିଁ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦେବେ। ଆୟ ଓ ବ୍ୟୟ ସମାନ ରହିବ। ଗୃହେ ଆନନ୍ଦ ଲାଗି ରହିବାର ସୂଚନା।



**ତୁଳା:** ଉପଯୁକ୍ତ ପରାମର୍ଶ ଗ୍ରହଣ କରି କାର୍ଯ୍ୟ କଲେ ଉପକୃତ ହେବେ। ଅର୍ଥ ପ୍ରାପ୍ତିର ସୁଯୋଗ ରହିଛି। ଶୁଭ ଖବର ପାଇ ଖୁସି ହେବେ। ପାରିବାରିକ ସୁଖ ସନ୍ତୋଷ ଲାଭ ହେବାର ସୂଚନା।



**ବିଛା:** କେତେକ କ୍ଷେତ୍ରରେ ଭୁଲ୍ ବୁଝାମଣାର ଶିକାର ହୋଇପାରନ୍ତି। ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ। ଧୈର୍ଯ୍ୟ ହାନି ଘଟିବ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ପାରିବାରିକ ସୁଖ ଲାଭ ହେବ।



**ଧନୁ:** ସାମାଜିକ ସ୍ତରରେ ସମ୍ମାନୀତ ହୋଇପାରନ୍ତି। ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ। ଦିଅଁ ଦର୍ଶନର ସୁଯୋଗ। ଆୟରେ ଉନ୍ନତି ହେବ। ପରିବାରରେ ଆନନ୍ଦ ଲାଗି ରହିବ। ଦେହ ଭଲ ରହିବ।



**ମକର:** ଆଶା ରଖି କାର୍ଯ୍ୟ କଲେ ସଫଳ ହେବେ। ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ। ରୋଜଗାରର ପରିମାଣ ବଢ଼ିବ। ପ୍ରତ୍ୟୁଷର ଯାତ୍ରା ସଫଳ ହେବ। ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସ୍‌ରେ ସମୟ କଟିବ।



**କୁମ୍ଭ:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ। ଦେହ ଓ ମନ ଭଲ ରହିବ। ଉତ୍ତମ ଭୋଜନ ମିଳିବ। ଭଲ ଆୟ ହେବ। ପାରିବାରିକ ଜୀବନ ସୁଖମୟ ହେବ। ଆୟ ପୂର୍ବ ପରି ସ୍ଥିର ରହିବ।



**ମୀନ:** ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ବଢ଼ିବ। ପାରିବାରିକ ଅଶାନ୍ତି ଦେଖାଦେବ। ଯାହା ପାଇବାର ଆଶା ରଖିଛନ୍ତି ତାହା ବିଳମ୍ବରେ ପ୍ରାପ୍ତ ହେବ। ଅଧିକ ପରିଶ୍ରମ ହେତୁ କ୍ଳାନ୍ତି ଅନୁଭବ କରିବାର ସୂଚନା।

# ଆଗାମୀ କାଲିର ପଞ୍ଜିକା

ସନ– ୧୪୩୩ ସାଲ, ଶକାବ୍ଦଃ– ୧୯୪୩, ସମ୍ବତ୍– ୨୦୮୧, ହିଜରୀ– ୧୪୪୭, କଳିଯୁଗାବ୍ଦଃ– ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ– ଅ୬୯ଙ୍କ

**ତା୧୮।୦୩।୨୦୨୬, ଚୈତ୍ର ଦି୪ନ, ବୁଧବାର**

**ସୂର୍ଯ୍ୟୋଦୟ– ଘ ୫।୫୫।୪୬  ଚନ୍ଦ୍ରୋଦୟ– ପ୍ରାଘ ୫।୪୮।୨୨**

**ଚତୁର୍ଦ୍ଦଶୀ–** ଦିଘ୮।୨୭ ପର୍ଯ୍ୟନ୍ତ। ଶତଭିଷା ନକ୍ଷତ୍ର ପ୍ରାଘ ୬।୧୧ ଗତେ ପୂର୍ବଭାଦ୍ର ନକ୍ଷତ୍ର କ୍ଷୟ। **କୁମ୍ଭଚନ୍ଦ୍ର–** ରାଘ ୧୧।୩୭ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି–** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, କୁମ୍ଭ ରାଶିର। ରାଘ ୧୧।୩୭ ଗତେ ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର, ମୀନ ରାଶିର। **ଘାତ ଚନ୍ଦ୍ର–** ମିଥୁନ ଓ ମୀନ ରାଶିର। ରାଘ ୧୧।୩୭ ଗତେ ଧନୁ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ–** ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ–** ବିରି ଦିଘ ୮।୨୭ ଗତେ ଆମିଷ ଖାଇବା ମନା। **ଆଜିର ଶୁଭବେଳା–** ପ୍ରାଘ ୫।୫୮ ଗତେ ଦିଘ ୭।୩୪ ମଧ୍ୟେ ଦିଘ ୧୦।୨୮ ଗତେ ଦିଘ ୧୧।୩୨ ମଧ୍ୟେ। **ପର୍ବୋତ୍ସବ–** ସ୍ମୃହୀ ଚତୁର୍ଦ୍ଦଶୀ, ନଷ୍ଟ ଚନ୍ଦ୍ରୋପବାସ ଓ ନିଶାପାଳନ।

ପ୍ରଷ୍ଠାଭୂମି
32 YEARS
ସମ୍ବାଦ କଳିକା

# ଉଦ୍‌ଘାଟିତ ହେଲା ୧୮୧ ପ୍ରକଳ୍ପ, AI ଜରିଆରେ ବଦଳିବ ଚିତ୍ର

ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଶନିବାର ୪୭ଟି ପୌର ସଂସ୍ଥା ପାଇଁ ୮୬୨ଟି ପ୍ରକଳ୍ପର ଲୋକାର୍ପଣ ହୋଇଛି । ଏଥିରେ ୧୮୧ଟି ପ୍ରକଳ୍ପର ଉଦ୍‌ଘାଟନ ହୋଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଏହାକୁ ଉଦ୍‌ଘାଟନ କରିଛନ୍ତି । ଶନିବାର ଖାରବେଳ ଭବନରେ ଆୟୋଜିତ କାର୍ଯ୍ୟକ୍ରମ ଅବସରରେ ଏହି ଲୋକାର୍ପଣ ହୋଇଥିଲା। ଏହି ଅବସରରେ ନଗର ଉନ୍ନୟନ ମନ୍ତ୍ରୀ ଏକ ପୋର୍ଟାଲ ଉନ୍ମୋଚନ କରିଥିଲେ। ପୋର୍ଟାଲ ଦ୍ୱାରା ପୌରାଞ୍ଚଳକୁ ଜିଓଟ୍ୟାଗ୍ କରି ସେଠାରେ ଚାଲିଥିବା ସମସ୍ତ ନିର୍ମାଣ କାମର ଅଗ୍ରଗତି ଜାଣି ହେବ । ଏଥିରୁ ସବୁ ପ୍ରକଳ୍ପର ଆର୍ଥିକ ଓ ନିର୍ମାଣ ଅଗ୍ରଗତି ବାବଦରେ ଟିକିନିଖି ତଥ୍ୟ ମିଳିବ । ମନ୍ତ୍ରୀ କହିଥିଲେ, କୌଣସି ପ୍ରକଳ୍ପର ଗୁଣବତ୍ତା ଓ ପରିମାଣରେ ଆଦୌ ସାଲିସ କରାଯିବନି । ଏଥିପାଇଁ ବିଭାଗ ପକ୍ଷରୁ ଏକ ଭିଜିଲାନ୍ସ କମିଟି ଗଢ଼ାଯିବ । ଏହି କମିଟି ବିଭିନ୍ନ ସମୟରେ ପୌରାଞ୍ଚଳକୁ ଅଚାନକ ଯାଇ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ତଦାରଖ କରିବ । ଆଗକୁ ଆମେ ସବୁ ସହରକୁ ବସ୍ତିମୁକ୍ତ କରିବାକୁ ଯୋଜନା କରିଛୁ । ବସ୍ତିବାସିନ୍ଦାଙ୍କର ଭଲରେ ବଞ୍ଚିବାର ଅଧିକାର ଅଛି । ସେମାନେ ବି ସ୍ୱେରେଜ୍, ଡ୍ରେନେଜ୍ ଓ ଅନ୍ୟ ସୁବିଧା ସୁଯୋଗ ପାଇବେ । ଆଗକୁ ବିଭିନ୍ନ ସହରକୁ ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ଯୋଜନାରେ ସାମିଲ କରିବୁ । ଏଠାରେ ସ୍ୱେରେଜ୍, ଡ୍ରେନେଜ୍ ଓ ଏଆଇ ଭିତ୍ତିଭୂମିର ବିକାଶ କରାଯିବ ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ରାଜ୍ୟର ବିଭିନ୍ନ ସହରରେ ଆଧୁନିକ ତଥା ଉନ୍ନତ ଭିତ୍ତିଭୂମି ସୃଷ୍ଟି ପାଇଁ ଲକ୍ଷ୍ୟ ଅଛି । ଏଥିରେ ଆସନ୍ତା ୫ ବର୍ଷରେ ୬୦୦୦ କୋଟି ଟଙ୍କା ଖର୍ଚ୍ଚ ପାଇଁ ଯୋଜନା ରହିଛି । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୨୦୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି । କୋଟିଏରୁ ଅଧିକ ମୂଲ୍ୟର ପ୍ରାୟ ୨୦୦ ପ୍ରକଳ୍ପ ପାଇଁ ଶିଳାନ୍ୟାସ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଏବେ ସୁଦ୍ଧା ୪୬୮୫ ପ୍ରକଳ୍ପ ପାଇଁ ଟେଣ୍ଡର ଡକାଯାଇଛି । ୨୭୩୫ ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ଏଥରେ ୧୦୦ରୁ ଅଧିକ ଗୋଶାଳା, ୪୦ରୁ ଅଧିକ ଅଫିସ୍ କୋଠା, ୧୦୦ରୁ ଅଧିକ ମାର୍କେଟ କମ୍ପ୍ଲେକ୍ସ ଏବଂ ୧୦ରୁ ଅଧିକ ଇଭି ଚାର୍ଜିଂ ଷ୍ଟେସନ ତିଆରି କରାଯିବ । ସବୁ ପ୍ରକଳ୍ପକୁ ଶୀଘ୍ର ଆରମ୍ଭ ପାଇଁ ନଗର ଉନ୍ନୟନ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ନଗର ଉନ୍ନୟନ ବିଭାଗ ସଚିବ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଅତିରିକ୍ତ ସଚିବ ଶୁଭାନନ୍ଦ ମହାପାତ୍ର, ବିନୟ ଦାସ, ସୌରିନ୍ଦ୍ର କୁମାର ରାଉତରାୟ ଓ ଶୁଭେନ୍ଦୁ ସାହୁଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ କଟକ ମହାନଗର ନିଗମ, ବ୍ରହ୍ମପୁର ମହାନଗର ନିଗମର ମେୟରଙ୍କ ସମେତ ୪୭ଟି ପୌର ସଂସ୍ଥାର ଅଧ୍ୟକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଭିସି ଯୋଗେ ଯୋଡ଼ି ହୋଇଥିଲେ ।

# ଫଳପ୍ରଦ ଆଣ୍ଟିବାୟୋଟିକ୍ ପଦାର୍ଥର ବିକାଶ

**ନିକୁଞ୍ଜ ବିହାରୀ ସାହୁ**
ଏଜୁକେଶନ୍ ଅଫିସର
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର
ଭୁବନେଶ୍ୱର
ଫୋନ୍ : ୮୦୧୮୭୦୮୮୫୮

ଏବେ କିଛି ବ୍ୟାଧି ସୃଷ୍ଟିକାରୀ ବ୍ୟାକ୍ଟେରିଆଙ୍କ ପ୍ରଚଳିତ ଜୀବାଣୁନାଶକ ଔଷଧ ବା ଆଣ୍ଟିବାୟୋଟିକ୍ (Antibiotic) ପ୍ରତି ପ୍ରତିରୋଧକଶୀଳତା ବୃଦ୍ଧି ପାଇଛି । ଫଳରେ ଡାକ୍ତରଙ୍କ ପକ୍ଷରେ ଏଭଳି ଔଷଧ-ପ୍ରତିରୋଧୀ ବ୍ୟାକ୍ଟେରିଆଙ୍କ ଦ୍ୱାରା ସଂକ୍ରମିତ ରୋଗର ଚିକିତ୍ସା କରିବା କଷ୍ଟକର ହୋଇପଡୁଛି। ଏହାର ମୁକାବିଲା ନିମନ୍ତେ ଏବେ ବୈଜ୍ଞାନିକମାନେ ନୂତନ ଆଣ୍ଟିବାୟୋଟିକ୍ ତତ୍ତ୍ୱର ସନ୍ଧାନ କରିବାକୁ ପ୍ରୟାସ ଚଳାଇଛନ୍ତି ଯାହା ଏଭଳି ବ୍ୟାକ୍ଟେରିଆଙ୍କ ପ୍ରତିହତ ପାଇଁ ଫଳପ୍ରଦ ଭାବେ କାର୍ଯ୍ୟ କରିବ। ଏ କ୍ଷେତ୍ରରେ କିଛି ଅନାମଧେୟ ଭାଇରସ୍ ପ୍ରତିଶ୍ରୁତି ବହନ କରିଥାନ୍ତି । ଗବେଷଣାରୁ ଜଣା ପଡିଛି ଯେ, ଏହି ଭାଇରସ୍‌ଙ୍କ କିଛି ପ୍ରୋଟିନ୍ ବ୍ୟାକ୍ଟେରିଆର କୋଷଭିତ୍ତି (Cell wall) ନିର୍ମାଣ ପାଇଁ ଆବଶ୍ୟକମୁରଜେ (MurJ) ନାମକ ଏକ ପ୍ରମୁଖ ପ୍ରୋଟିନକୁ ଅକ୍ଷମ କରିଦିଏ, ଯାହାଦ୍ୱାରା ଘଟଣାକ୍ରମେ ବ୍ୟାକ୍ଟେରିଆର ମୃତ୍ୟୁ ଘଟେ । ଉଚ୍ଚ-ବିଭେଦନଶୀଳ ଅଣୁବୀକ୍ଷଣ ଛବିରୁ ଜଣାଯାଏ ଯେ, ଏହି ଭାଇରସ୍ ପ୍ରୋଟିନଗୁଡ଼ିକ ବ୍ୟାକ୍ଟେରିଆ ଶରୀର ମଧ୍ୟରେ ମୁରଜେ ପ୍ରୋଟିନକୁ ଅଚଳକରି ଗୋଟିଏ ସ୍ଥାନରେ ବନ୍ଦୀ କରିଦିଏ, ଯାହା ଦ୍ୱାରା ବ୍ୟାକ୍ଟେରିଆର କୋଷଭିତ୍ତି ନିର୍ମାଣପ୍ରକ୍ରିୟା ଗୁରୁତର ବାଧାପ୍ରାପ୍ତହୋଇ ତା'ର ମୃତ୍ୟୁ ଘଟେ। ଉଲ୍ଲେଖନୀୟ ଭାବରେ, ଅଲଗା ଅଲଗା ଭାଇରସ୍ ନିଜର ପୃଥକ ପ୍ରୋଟିନ ବିକଶିତ କଲେ ସୁଦ୍ଧା ସବୁ ପ୍ରୋଟିନ୍ ଅନୁରୂପ ପଦ୍ଧତିରେ ବ୍ୟାକ୍ଟେରିଆର ପ୍ରୋଟିନ 'ମୁରଜେ'କୁ ଅବରୋଧ କରିଥାନ୍ତିଓ ସୁତରାଂ ଏହି ଆବିଷ୍କାର ଆଗାମୀ ଦିନରେ ଏକ ନୂତନ ଓ ଫଳପ୍ରଦ ଆଣ୍ଟିବାୟୋଟିକ୍ ପଦାର୍ଥ ବିକାଶ ଦିଗରେ ସମ୍ଭାବନା ବହନ କରିବ ବୋଲି ଆଶା କରାଯାଏ। ଗବେଷଣାର ଏହି ଫଳାଫଳ ଗତ ଫେବୃଆରୀ ୨୬ ତାରିଖର 'ନେଚର' ପତ୍ରିକାରେ ପ୍ରକାଶିତ ହୋଇଛି। ଏହି ଗବେଷଣାର ସୂତ୍ରଧର ଥିଲେ ଯୁକ୍ତରାଷ୍ଟ୍ର ଆମେରିକର କାଲଟେକର ବିଲ୍ କ୍ଲେମନ୍ସ ଗବେଷଣାଗାରରେ କାର୍ଯ୍ୟରତ ଜଣେ ସ୍ନାତକ ଛାତ୍ର ୟାନଚେଙ୍ଗ ଏଭଲିନ୍ ଲି ।

ନୂତନ ଆଣ୍ଟିବାୟୋଟିକ୍ସ ତତ୍ତ୍ୱ ବିକାଶର ଆବଶ୍ୟକତା : ବ୍ୟାକ୍ଟେରିଆ ଶୀଘ୍ର ବିବର୍ତ୍ତିତ ହୋଇ ନୂଆ ରୂପରେ ଆତ୍ମପ୍ରକାଶ କରିଥାଏ। ସେମାନଙ୍କର ଏହି ଅଭୂତପୂର୍ବ ଅନୁକୂଳନଶୀଳତା ସାର୍ବଜନୀନ ସ୍ୱାସ୍ଥ୍ୟ କ୍ଷେତ୍ରରେ ଘୋର ସମସ୍ୟା ସୃଷ୍ଟି କରିଛି ଓ ଉପରୋକ୍ତ ଗବେଷଣାର ସହ ଗବେଷକ କ୍ଲେମନ୍ସ କୁହନ୍ତି ଯେ, 'ବିବର୍ତ୍ତନ ପ୍ରକ୍ରିୟା ପ୍ରକୃତିର ଏକ ଶକ୍ତିଶାଳୀ କାରକ; ତେଣୁ ବ୍ୟାକ୍ଟେରିଆର ଆଣ୍ଟିବାୟୋଟିକ୍ସ ପ୍ରତିରୋଧ କ୍ଷମତା ଦ୍ରୁତ ବିକଶିତ ହେଉଛି। ଏହାର ଅର୍ଥ ହେଉଛି, ଆମେ ବର୍ତ୍ତମାନ ଏପରି ଜୀବାଣୁ ସହିତ ମୁକାବିଲା କରୁଛୁ ଯାହା ଆମ ପାଖରେ ଥିବା ସମସ୍ତ ଔଷଧ ପ୍ରତି ପ୍ରତିରୋଧକଶୀଳ; ଅର୍ଥାତ ଆମର କୌଣସି ଔଷଧ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟ କରେ ନାହିଁ। 'କେବଳ ଆମେରିକାରେ, ପ୍ରତିବର୍ଷ ହଜାର ହଜାର ଲୋକ ଆଣ୍ଟିବାୟୋଟିକ୍-ପ୍ରତିରୋଧୀ ଜୀବାଣୁଙ୍କ ସଂକ୍ରମଣରୁ ମୃତ୍ୟୁବରଣ କରିଥାନ୍ତି ଏବଂ ଏହି ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ତେଣୁ ଏହାର ମୁକାବିଲା ପାଇଁ ଆଗାମୀ ଦିନରେ ନୂତନ ଆଣ୍ଟିବାୟୋଟିକ୍ସ ପଦାର୍ଥର ସନ୍ଧାନ କରିବାର ଜରୁରୀ ଆବଶ୍ୟକତା ରହିଛି । 'ପ୍ରଚଳିତ ଔଷଧସବୁ ବ୍ୟାକ୍ଟେରିଆ ବିପକ୍ଷରେ ପ୍ରଭାବଶାଳୀତା ହରାଇବା ଦୃଷ୍ଟିକୋଣରୁ, ଗବେଷକମାନେ ବ୍ୟାକ୍ଟେରିଆ ଶରୀରରଏପରି କିଛି ନୂତନ ଦୁର୍ବଳ ବିନ୍ଦୁ ଖୋଜୁଛନ୍ତି ଯେଉଁଠାରେ ନୂତନ ଔଷଧ ପ୍ରୟୋଗ କରି ସେମାନଙ୍କୁ ପ୍ରତିହତ କରିପାରିବ ।

ନୂତନ ଲକ୍ଷ୍ୟସ୍ଥଳୀ : ଏ କ୍ଷେତ୍ରରେ ଏକ ସହଜସାଧ କୌଶଳ ହେଉଛି ବ୍ୟାକ୍ଟେରିଆର କୋଷଭିତ୍ତି ଗଠନ କରୁଥିବା ଏକ କଠୋର ଉପାଦାନ ପେପ୍ଟିଡୋଗ୍ଲାଇକାନ୍ (Peptidoglycan) ନିର୍ମାଣ ପାଇଁ ବ୍ୟବହୃତ କ୍ରିୟାପଥକୁ ପ୍ରତିହତ କରିବା । ଏହି ପ୍ରକ୍ରିୟାକୁ 'ପେପ୍ଟିଡୋଗ୍ଲାଇକାନ୍ ଜୈବସଂଶ୍ଲେଷଣ କ୍ରିୟାପଥ' କୁହାଯାଏ। ଏହା ବୈଜ୍ଞାନିକମାନଙ୍କ ପାଇଁ ବିଶେଷ ଭାବରେ ଆକର୍ଷଣୀୟ; କାରଣ ପେପ୍ଟିଡୋଗ୍ଲାଇକାନ୍ ପ୍ରୋଟିନ୍ କେବଳ ବ୍ୟାକ୍ଟେରିଆଠାରେ ହିଁ ମିଳିଥାଏ, ମାନବ କୋଷରେ ନୁହେଁ। କ୍ଲେମନ୍ସ ଉଲ୍ଲେଖ କରିଛନ୍ତି ଯେ, 'ପେପ୍ଟିଡୋଗ୍ଲାଇକାନ୍ ହେଉଛି ବ୍ୟାକ୍ଟେରିଆର ଅନନ୍ୟ ବୈଶିଷ୍ଟ୍ୟ, ଯାହା ଏହାକୁ ବୈଜ୍ଞାନିକମାନଙ୍କ ପାଇଁ ଏକ ଆକର୍ଷଣୀୟ ଆଣ୍ଟିବାୟୋଟିକ୍ ଲକ୍ଷ୍ୟସ୍ଥଳୀରେ ପରିଣତ କରିଥାଏ।'

ପ୍ରଚଳିତ ଅନେକ ଆଣ୍ଟିବାୟୋଟିକ୍ ପଦାର୍ଥର କାର୍ଯ୍ୟପ୍ରଣାଳୀ ଏହି ପଥକୁ ବ୍ୟାହତ କରିବା ପଦ୍ଧତି ଉପରେ ପର୍ଯ୍ୟବେସିତ । ଗତ ୧୯୨୮ ମସିହାରେ ବୈଜ୍ଞାନିକ ଆଲେକଜାଣ୍ଡାର ଫ୍ଲେମିଂଙ୍କ ଦ୍ୱାରା ଆବିଷ୍କୃତ ବିଶ୍ୱର ସର୍ବପ୍ରଥମ ଆଣ୍ଟିବାୟୋଟିକ୍ ଔଷଧ 'ପେନିସିଲିନ୍'ବ୍ୟାକ୍ଟେରିଆଶରୀରରେ ପେପ୍ଟିଡୋଗ୍ଲାଇକାନ୍ ଉତ୍ପାଦନର ଏକ ଶେଷ ପର୍ଯ୍ୟାୟକୁ ଅବରୋଧ ଦ୍ୱାରା କାର୍ଯ୍ୟ କରିଥାଏ। ଆମୋକ୍ସିସିଲିନ୍ ଭଳି ଆଣ୍ଟିବାୟୋଟିକ୍ ଔଷଧ ମଧ୍ୟ ଅନୁରୂପ ପଦ୍ଧତିରେ କାର୍ଯ୍ୟ କରେ।

ବ୍ୟାକ୍ଟେରିଆର ସୁରକ୍ଷା ପ୍ରୋଟିନ୍ ବଳୟ : ବ୍ୟାକ୍ଟେରିଆର ସୁରକ୍ଷା ପ୍ରୋଟିନ୍ ବଳୟ ତିନୋଟି ଅତ୍ୟାବଶ୍ୟକୀୟ ପ୍ରୋଟିନ୍ ଯଥା ଏମ୍‌ରେ (MraY) , ମୁରଜି (MurG)ଏବଂ ମୁରଜେ (MurJ) କୁ ନେଇ ଗଠିତ ।ଏହି ପ୍ରୋଟିନ୍ ସବୁ ବ୍ୟାକ୍ଟେରିଆର ଅନ୍ତର୍ଝିଲ୍ଲୀ ଦେଇ ପେପ୍ଟିଡୋଗ୍ଲାଇକାନ୍ ନିର୍ମାଣ ପ୍ରକ୍ରିୟାକୁ ପରିଚାଳିତ କରନ୍ତି। ଏହି ପ୍ରୋଟିନଗୁଡ଼ିକ ବାହ୍ୟଝିଲ୍ଲୀ ବାହାରେ କୋଷଭିତ୍ତିଗଠନ କରିବା ପାଇଁ ଆବଶ୍ୟକ ଉପାଦାନଗୁଡ଼ିକୁ ପରିବହନ କରିବାରେ ସାହାଯ୍ୟ କରନ୍ତି। ଯଦି ଏଗୁଡିକ ମଧ୍ୟରୁ କୌଣସି ଗୋଟିଏ ପ୍ରୋଟିନ୍ ଅକାମୀ ହୋଇଯାଏ, ତେବେ ପେପ୍ଟିଡୋଗ୍ଲାଇକାନ୍ ଉତ୍ପନ୍ନ ହୋଇପାରେ ନାହିଁ ଏବଂ ଘଟଣାକ୍ରମେ ବ୍ୟାକ୍ଟେରିଆର ମୃତ୍ୟୁ ଘଟେ। ସୁତରାଂ ଏହି ବ୍ୟବସ୍ଥା ହିଁ ନୂତନଆଣ୍ଟିବାୟୋଟିକ୍ ଔଷଧର କାର୍ଯ୍ୟକାରିତା ପାଇଁ ବୈଜ୍ଞାନିକମାନଙ୍କର ଏକ ପ୍ରମୁଖ ଲକ୍ଷ୍ୟସ୍ଥଳୀ ରୂପେ ସାବ୍ୟସ୍ତ ହୋଇଥାଏ। ଯଦିଓ ଗବେଷକମାନେ ଏହି ପ୍ରୋଟିନଗୁଡ଼ିକର କାର୍ଯ୍ୟପ୍ରଣାଳୀ ଉପରେ କିଛିଟା ଅବଗତ, ଏ କ୍ଷେତ୍ରରେ ମଧ୍ୟ ଅନେକ ତଥ୍ୟ ରହସ୍ୟାବୃତ୍ତ ହୋଇ ରହିଛି ।

ଏବେକାର କୌଣସି ଅନୁମୋଦିତ ଔଷଧ ବ୍ୟାକ୍ଟେରିଆରଏହି ତିନୋଟି ପ୍ରୋଟିନ୍ ଗଠନକୁ ସିଧାସଳଖ ପ୍ରତିହତକରେ ନାହିଁ। ତଥାପି, କ୍ଲେମନ୍ସ କୁହନ୍ତି ଯେ, ଭବିଷ୍ୟତରେ ଏପରି ପଦ୍ଧତି ବିକାଶର ସମ୍ଭାବନା ଅଛି। ସେ କହନ୍ତି, 'ଆମେ ଜାଣୁ ଯେ ଆମେ ପ୍ରକୃତିରୁ କିମ୍ବା ରସାୟନଗାରରେ ସଂଶ୍ଳେଷିତ କିଛି ସୂକ୍ଷ୍ମ ଅଣୁର ସନ୍ଧାନ କରି ପାରିବା, ଯାହା ବ୍ୟାକ୍ଟେରିଆ ଶରୀରର ଏହି ପ୍ରୋଟିନଗୁଡ଼ିକର ଗଠନକୁ ପ୍ରତିହତ କରି ପାରିବ ।' ଉତ୍ସାହଜନକ ଭାବରେ, ସଦ୍ୟତମ ଆବିଷ୍କାରରୁ ଜଣା ପଡିଛି ଯେ ବ୍ୟାକ୍ଟେରିଆମାନଙ୍କୁ ଆକ୍ରମଣ କରୁଥିବା ବ୍ୟାକ୍ଟେରିଓଫେଜ (Bacteriophage) ଭାଇରସ୍ ଗୁଡିକ ବ୍ୟାକ୍ଟେରିଆର ପ୍ରତିରକ୍ଷା ବଳୟ ଭେଦକରିଏହି ନୂତନ ପଦ୍ଧତିର ସୂତ୍ରଧର ହୋଇ ପାରିବେ।

ବ୍ୟାକ୍ଟେରିଓଫେଜ୍ ଭାଇରସ୍ ବ୍ୟାକ୍ଟେରିଆର ପ୍ରତିରକ୍ଷା ବ୍ୟବସ୍ଥା ଭେଦ କରେ କିପରି –

ବ୍ୟାକ୍ଟେରିଓଫେଜ୍ ହେଉଛି ବ୍ୟାକ୍ଟେରିଆକୁ ସଂକ୍ରମିତ କରୁଥିବା ଏକ ଭାଇରସ୍। ବଞ୍ଚିବା ପାଇଁ, ସେମାନଙ୍କୁ ଏକ ବ୍ୟାକ୍ଟେରିଆ କୋଷରେ ପ୍ରବେଶ କରିନିଜର ପ୍ରତିକୃତି ଗଠନ ପୂର୍ବକ ଅନ୍ୟ ବ୍ୟାକ୍ଟେରିଆଙ୍କୁ ସଂକ୍ରମିତ କରିବା ନିମନ୍ତେ ପଦାକୁ ନିର୍ଗତ ହେବା ଆବଶ୍ୟକ । ଏହି ଭାଇରସ୍ କୁ ପଦାକୁ ବାହାରିବା ପାଇଁ ହେଲେ ବ୍ୟାକ୍ଟେରିଆ କୋଷଭିତ୍ତି ଗଠନର ମୁଖ୍ୟ ଉପାଦାନ ପେପ୍ଟିଡୋଗ୍ଲାଇକାନ୍ ସ୍ତର ଅତିକ୍ରମ କରିବା ଜରୁରୀ । ବୈଜ୍ଞାନିକମାନେ ଏବେ ଏଭଳି କିଛି ସୂକ୍ଷ୍ମ ଭାଇରସ୍ ଅଧ୍ୟୟନ କରୁଛନ୍ତି ଯାହା ଏକକ ଷ୍ଟ୍ରାଣ୍ଡ ବିଶିଷ୍ଟ ଡି.ଏନ.ଏ. କିମ୍ବା ଆର.ଏନ.ଏ.ଅଣୁରେ ଗଠିତ। ଏହି ଭାଇରସ୍ ମାନଙ୍କର କ୍ଷୁଦ୍ର ଓ ପ୍ରଭାବଶାଳୀ ଜିନୋମ୍ ଥାଏ ଯାହା ବ୍ୟାକ୍ଟେରିଆକୁ ସହଜରେ ବିନାଶ କରିବାରେ ସହାୟକ ହୋଇଥାଏ ।

ଭାଇରସ୍ ପ୍ରୋଟିନ୍ ଯାହା ବ୍ୟାକ୍ଟେରିଆ ପ୍ରୋଟିନ୍ ମୁରଜେକୁ ଅକ୍ଷମ କରେ

ବ୍ୟାକ୍ଟେରିଓଫେଜ୍ ଭାଇରସ୍ ବ୍ୟାକ୍ଟେରିଆକୁ ବିନାଶ କରିବା ପାଇଁ ନିଜର ସିଙ୍ଗଲ୍-ଜିନ୍ ଲାଇସିସ୍ ପ୍ରୋଟିନ୍ (Sgls) ନାମକଏକ ବିଶେଷ ପ୍ରୋଟିନ୍ ଉପରେ ନିର୍ଭର କରେ। ଲି ଏବଂ କ୍ଲେମନ୍ସ ଏହି ପ୍ରୋଟିନର ଭୂମିକା ଉପରେ ଗୁରୁତ୍ୱ ଦେଇଛନ୍ତି ଯାହା ବ୍ୟାକ୍ଟେରିଆର ପ୍ରମୁଖ କୋଷଭିତ୍ତି ଗଠନରେ ସହାୟକ ପ୍ରୋଟିନ୍ 'ମୁରଜେ'କୁ ଟାର୍ଗେଟ କରି କାର୍ଯ୍ୟକରେ। ମୁରଜେ ମୁଖ୍ୟତଃ ଏକ ଫ୍ଲିପେସ୍ (Flippase) ପ୍ରୋଟିନଭାବରେ କାର୍ଯ୍ୟ କରେ ଯାହା ମୁଖ୍ୟତଃ କୋଷଭିତ୍ତି ଗଠନର ଏକ ମୁଖ୍ୟ ଉପାଦାନ ଫସ୍ଫୋଲିପିଡର (Phosphilipid) ଅଣୁକୁ କୋଷଝିଲ୍ଲୀ (Cell Membrane) ର ଦୁଇ ସ୍ତର ଦେଇ ପରିବହନ ପ୍ରକ୍ରିୟାରେ ସାହାଯ୍ୟ କରେ। ଏହା କୋଷ ମଧ୍ୟରୁ ପେପ୍ଟିଡୋଗ୍ଲାଇକାନ୍ ନିର୍ମାଣର ଉପାଦାନକୁ କୋଷଝିଲ୍ଲୀ ଦେଇ ପରିବହନ କରେ ଯାହା ଦ୍ୱାରା ସେଗୁଡ଼ିକ ବର୍ଦ୍ଧନଶୀଳ ତରୁଣ ଜୀବକୋଷର କୋଷଭିତ୍ତି ଗଠନରେ ଭାଗ ନେଇ ପାରନ୍ତି। ସେମାନଙ୍କ ଗବେଷଣାରୁ ଆହୁରି ମଧ୍ୟ ସୂଚନା ମିଳେ ଯେ Sgls ବ୍ୟତୀତ ଅନ୍ୟ ଦୁଇଟି ଅସମ୍ପର୍କିତ ପ୍ରୋଟିନ୍ ଯଥା SglMI SglPP7 ମଧ୍ୟ ବ୍ୟାକ୍ଟେରିଆର ମୁରଜେପ୍ରୋଟିନକୁ ଅବରୋଧ କରି ଏହାକୁ ମାରିଦିଏ।

ଏହି ପ୍ରକ୍ରିୟା ବୁଝିବା ପାଇଁ, ବୈଜ୍ଞାନିକ ଲି କାଲଟେକ୍‌ର 'ବେକମ୍ୟାନ୍ ଇନଷ୍ଟିଚ୍ୟୁଟ୍ ବାୟୋଲୋଜିକାଲ୍ ଆଣ୍ଡ୍ କ୍ରାୟୋଜେନିକ୍ ଟ୍ରାନ୍ସମିସନ୍ ଇଲେକ୍ଟ୍ରୋନ୍ ମାଇକ୍ରୋସ୍କୋପି' ଗବେଷଣା କେନ୍ଦ୍ରରେ କ୍ରାୟୋ-ଇଲେକ୍ଟ୍ରୋନ୍ ମାଇକ୍ରୋସ୍କୋପି ପଦ୍ଧତି ପ୍ରୟୋଗ କରିଥିଲେ। ମୁରଜେ ଭଳି ଫ୍ଲିପେସ୍‌ର ଅଣୁଗୁଡ଼ିକ କୋଷଝିଲ୍ଲୀରେ ସ୍ଥାୟୀ ନିର୍ଗମ ଦ୍ୱାର ସୃଷ୍ଟି ନକରି ପେପ୍ଟିଡୋଗ୍ଲାଇକାନ୍ ନିର୍ମାଣର ଉପାଦାନ ଅଣୁଗୁଡିକୁ କୋଷଝିଲ୍ଲୀର ପ୍ରତ୍ୟେକ ପାର୍ଶ୍ୱରେ ଥର ଥର କରି ସଂସ୍ପର୍ଶରେ ଆଣିଥାଏ। ଯେତେବେଳେ ମୁରଜେ କୋଷ ଭିତରେ ବାହକ ପଦାର୍ଥ ସଙ୍ଗେ ଯୁକ୍ତ ହୋଇ ବନ୍ଧନ କରିଥାଏ, ସେତେବେଳେ ଏହା ସଂଯୋଜିତ ଅଣୁକୁ ବାହାର ପାର୍ଶ୍ୱରେ ନିର୍ମୁକ୍ତ କରିବା ପାଇଁ ନିଜର ଆକାର ପରିବର୍ତ୍ତନ କରେ। ବୈଜ୍ଞାନିକ ଲି ଲକ୍ଷ୍ୟ କରିଥିଲେ ଯେ, ଯେ CbdSglMGaõ SglPP7 ପ୍ରୋଟିନ୍ ମୁରଜେରେ ଏକ ଖାଲୁଆ ଅଂଶ ସହିତ ସଂଲଗ୍ନ ହୋଇଥାନ୍ତି ଯାହା ଏହାର ପରିବହନ ପାଇଁ ଆବଶ୍ୟକ ସଂରଚନାତ୍ମକ ପରିବର୍ତ୍ତନକୁ ପ୍ରତିହତ କରେ । ଗବେଷଣାରୁ ସ୍ପଷ୍ଟ ହୋଇଗଲା ଯେ ଏହି Sgls ପ୍ରୋଟିନ୍ ଦ୍ୱୟ ମୁରଜେ ସହିତ ବାହାରପଟୁ ସଂଯୁକ୍ତ ହୋଇ ତାହାକୁ ଗୋଟିଏ ସ୍ଥାନରେ ବନ୍ଦୀ କରି ଦିଅନ୍ତି। ଗବେଷକମାନେ ନିଜର ଏହି ସନ୍ଧାନ ଦ୍ୱାରା ଉତ୍ସାହିତ; କାରଣ ମୁରଜେପ୍ରୋଟିନର ବାହ୍ୟ-ମୁଖୀ ଅଂଶ ହିଁ ବାହ୍ୟ ପରିବେଶର ସଂସ୍ପର୍ଶରେ ଆସିଥାଏ ଯାହା ଦ୍ୱାରା ଏହାକୁ ନୂତନ ଲକ୍ଷ୍ୟସ୍ଥଳୀ ହିସାବରେ ଗ୍ରହଣ କରି ଉପଯୁକ୍ତ ଔଷଧ ପ୍ରୟୋଗ ଦ୍ୱାରା ସହଜରେ ଟାର୍ଗେଟ କରା ଯାଇ ପାରିବ ।

ଗବେଷକ ଦଳ ବିଶ୍ୱାସ କରନ୍ତି ଯେ, ଯେହେତୁ ବ୍ୟାକ୍ଟେରିଓଫେଜ୍ ଭାଇରସ୍ ଦ୍ରୁତ ନୂଆ ନୂଆ ରୂପରେ ବିବର୍ତ୍ତିତ ହୋଇଥାଏ, Sgls ପ୍ରୋଟିନ୍ ବହନ କରୁଥିବା ଆହୁରି ଅନେକ ପ୍ରଜାତିର ବ୍ୟାକ୍ଟେରିଓଫେଜ୍ ଭାଇରସ୍ ମଧ୍ୟ ସନ୍ଧାନ ମିଳିବାର ଆଶା କରା ଯାଉଛି ଯେଉଁ ମାନଙ୍କ ଜରିଆରେ ବ୍ୟାକ୍ଟେରିଆମାନଙ୍କୁ ସହଜରେ ମୁକବିଲା କରିହେବ । ଏହି ବ୍ୟାକ୍ଟେରିଓଫେଜ୍ ଭାଇରସ୍ ଗୁଡିକୁ ଗବେଷଣାଗାରରେ ପୃଥକ କରିବା ସହଜସାଧ ହୋଇ ଥିବାରୁ ଏମାନଙ୍କ ଜିନୋମର ଅଧ୍ୟୟନ ଦ୍ୱାରା ବ୍ୟାକ୍ଟେରିଆ ଶରୀରରେ ଆଣ୍ଟିବାୟୋଟିକ୍ସ ପଦାର୍ଥ ପ୍ରୟୋଗ ନିମନ୍ତେ ନୂତନ ଆକ୍ରମଣସ୍ଥଳୀର ସନ୍ଧାନ ମିଳି ପାରିବ ବୋଲି ବୈଜ୍ଞାନିକମାନେ ଆଶା ବାନ୍ଧିଛନ୍ତି ।

# ଭାରତରେ UGC ନୀତି ଓ ସାଧାରଣ ବର୍ଗ ଉପରେ ପ୍ରଭାବ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ଭାରତ ଏକ ବହୁଜାତି, ବହୁଧର୍ମ ଓ ବହୁସାମାଜିକ ଗଠନ ଥିବା ଦେଶ। ସମାଜରେ ଦୀର୍ଘ ସମୟ ଧରି ରହିଥିବା ସାମାଜିକ ଅସମାନତାକୁ ଦୂର କରିବା ପାଇଁ ସରକାର ଅନେକ ନୀତି ଓ କାନୁନ ପ୍ରଚଳିତ କରିଛନ୍ତି। ଶିକ୍ଷା କ୍ଷେତ୍ରରେ ଏହାକୁ କାର୍ଯ୍ୟକରୀ କରିବା ପାଇଁ University Grants Commission (UGC) ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ। UGC ଭାରତର ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ନିୟମ ଓ ମାନକ ନିର୍ଦ୍ଧାରଣ କରେ। କିନ୍ତୁ ଏହି ନୀତିମାନଙ୍କ ମଧ୍ୟରୁ ବିଶେଷ କରି ରିଜର୍ଭେସନ୍ ପଲିସି (Reservation Policy) ନେଇ ଅନେକ ଚର୍ଚ୍ଚା ଓ ବିବାଦ ଦେଖାଯାଏ। କେତେକ ଲୋକ ମନେ କରନ୍ତି ଯେ ଏହା ଦଳିତ, ଆଦିବାସୀ ଓ ପଛୁଆ ବର୍ଗକୁ ଉନ୍ନତି କରିବାରେ ସହାୟକ, ଯେତେବେଳେ ଅନ୍ୟ କେତେକ ଲୋକ କହନ୍ତି ଯେ ଏହା ସାଧାରଣ ବର୍ଗ (General Category) ଛାତ୍ରଛାତ୍ରୀଙ୍କ ପାଇଁ ଅନ୍ୟାୟ ସୃଷ୍ଟି କରୁଛି।

UGC ଭାରତ ସରକାରଙ୍କ ନୀତି ଅନୁସାରେ ବିଶ୍ୱବିଦ୍ୟାଳୟ ମାନଙ୍କୁ ରିଜର୍ଭେସନ୍ ପଲିସି ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଥାଏ। ଏହି ପଲିସି ଅନୁସାରେ ଶିକ୍ଷା ଓ ଚାକିରିରେ ନିମ୍ନଲିଖିତ ବର୍ଗମାନଙ୍କୁ ନିର୍ଦ୍ଦିଷ୍ଟ ପ୍ରତିଶତ ଆସନ ଦିଆଯାଏ --ଯଥା Scheduled Castes (SC) – ୧୫%, Scheduled Tribes (ST) – ୭.୫%, Other Backward Classes (OBC) – ୨୭%, Economically Weaker Section (EWS) – ୧୦%। ଏହାର ପରେ ଅବଶିଷ୍ଟ ଆସନଗୁଡ଼ିକ ସାଧାରଣ ବର୍ଗ (General Category) ପାଇଁ ରହେ। ଏହି ପଲିସିର ମୂଳ ଉଦ୍ଦେଶ୍ୟ ହେଉଛି ସମାଜର ପଛୁଆ ବର୍ଗକୁ ଶିକ୍ଷାରେ ସମାନ ଅବସର ଦେବା। କିନ୍ତୁ ଏହାର ପ୍ରଭାବ ସମ୍ପର୍କରେ ଅନେକ ଚର୍ଚ୍ଚା ହୋଇଥାଏ ଓ ସମଗ୍ର ଦେଶରେ ବିରୋଧର ଆଭାସ ମିଳେ । ଏହି UGC ସାଧାରଣ ବର୍ଗ ( General category) ଉପରେ କଣ ପ୍ରଭାବ ପକାଇଥାଏ ବା ଆଗକୁ ପକାଇବ ଆସନ୍ତୁ ସେ ବିଷୟରେ ଜାଣିବା। ଅନେକ ଲୋକଙ୍କ ମତ ତଥା ଏହା ସତ୍ୟ ମଧ୍ୟ ଯେ ରିଜର୍ଭେସନ୍ ପଲିସି ଯୋଗୁଁ ସାଧାରଣ ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଆସନ ସଂଖ୍ୟା କମିଯାଏ। ଯେଉଁଠାରେ ପୂର୍ବରୁ ସମସ୍ତ ଆସନ ମେରିଟ୍ ଅନୁସାରେ ଭରାଯାଉଥିଲା, ବର୍ତ୍ତମାନ ତାହାର ଏକ ଅଂଶ ରିଜର୍ଭ ରହେ। ଏହାର ଫଳରେ କେତେକ ସମୟରେ ଉଚ୍ଚ ମାର୍କ୍ସ ପାଇଥିବା ସାଧାରଣ ବର୍ଗ ଛାତ୍ରମାନେ ଭର୍ତ୍ତି ହେବାର ସୁଯୋଗ ହରାଇଥାନ୍ତି। ଏହି କାରଣରୁ ବୁଦ୍ଧିଜିବୀ ମାନେ କହନ୍ତି ଯେ ଏହା ମେରିଟ୍ ସିଷ୍ଟମ୍‌କୁ ପ୍ରଭାବିତ କରୁଛି। ତଥାପି ସରକାର କହେ ଯେ ଏହା ସାମାଜିକ ନ୍ୟାୟ ପାଇଁ ଆବଶ୍ୟକ। ଏଥି ପାଇଁ ସମଗ୍ର ଦେଶରେ ବିରୋଧର ସ୍ୱର ଉଠୁଛି। ସାଧାରଣ ବର୍ଗ ମଧ୍ୟରେ ଥିବା ଅର୍ଥନୈତିକ ଭାବେ ଦୁର୍ବଳ ଲୋକଙ୍କୁ ସହାୟତା କରିବା ପାଇଁ ସରକାର EWS (Economically Weaker Section) ରିଜର୍ଭେସନ୍ ଆରମ୍ଭ କରିଛି। ୨୦୧୯ ମସିହାରେ ଭାରତର ସଂବିଧାନର ୧୦୩ତମ ସଂଶୋଧନ ମାଧ୍ୟମରେ ଏହାକୁ ଆଣାଯାଇଥିଲା। ଏହି ପଲିସି ଅନୁସାରେ ସାଧାରଣ ବର୍ଗ ମଧ୍ୟରେ ଅର୍ଥନୈତିକ ଭାବେ ଦୁର୍ବଳ ପରିବାରର ଛାତ୍ରଛାତ୍ରୀମାନେ ୧୦% ଆସନର ଲାଭ ପାଇପାରନ୍ତି। ଏହା ଦ୍ୱାରା ସରକାର ସାଧାରଣ ବର୍ଗ ମଧ୍ୟରେ ଥିବା ଦୁର୍ବଳ ଲୋକଙ୍କୁ ସମର୍ଥନ ଦେବାକୁ ଚେଷ୍ଟା କରିଛି। କିନ୍ତୁ ସାଧାରଣ ବର୍ଗ ଏ ପଲିସିକୁ ମାନନ୍ତିନି ତଥା ଏହା ଗ୍ରହଣୀୟ ନୁହଁ ।

ଆମ ଆଇନ ଓ ସଂବିଧାନୀୟ ଆଧାରରେ ରିଜର୍ଭେସନ୍ ପଲିସିର ଆଧାର ଭାରତର ସଂବିଧାନର କିଛି ଧାରାରେ ରହିଛି, ଯଥା— Article ୧୫(୪) – ସାମାଜିକ ଓ ଶିକ୍ଷାରେ ପଛୁଆ ବର୍ଗ ପାଇଁ ବିଶେଷ ବ୍ୟବସ୍ଥା, Article ୧୬(୪) – ସରକାରୀ ଚାକିରିରେ ରିଜର୍ଭେସନ୍, Article ୪୬ – ସମାଜର ଦୁର୍ବଳ ବର୍ଗର ଶିକ୍ଷା ଓ ଆର୍ଥିକ ଉନ୍ନତି। ଏହି ଧାରାମାନଙ୍କ ଆଧାରରେ ସରକାର ରିଜର୍ଭେସନ୍ ପଲିସିକୁ ଲାଗୁ କରିଛି ଓ UGC ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ଏହାକୁ ପ୍ରୟୋଗ କରାଯାଏ। ତେବେ ଏହି ନିୟମ ପାଇଁ ମାନ୍ୟବର ସୁପ୍ରିମ କୋର୍ଟର ଭୂମିକା ମଧ୍ୟ ରହିଛି। ଭାରତର ସୁପ୍ରିମ କୋର୍ଟ ମଧ୍ୟ ଏହି ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛି। ଏହାମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ ରାୟ ହେଉଛି ଯେ ଏକ ମାମଲା ଅନୁସାରେ ମାନ୍ୟବର କୋର୍ଟ କହିଥିଲେ ଯେ ମୋଟ ରିଜର୍ଭେସନ୍ ୫୦% ରୁ ଅଧିକ ହେବା ଉଚିତ୍ ନୁହେଁ ପୁଣି କେତେକ ବିଶେଷ ପରିସ୍ଥିତି ବ୍ୟତୀତ। ଏହା ସହିତ EWS ରିଜର୍ଭେସନ୍ ବିଷୟରେ ମଧ୍ୟ ସୁପ୍ରିମ କୋର୍ଟ ୨୦୨୨ ମସିହାରେ ଏହାକୁ ସଂବିଧାନ ସମ୍ମତ ଘୋଷଣା କରିଥିଲା। ତେବେ ଏହି UGC ପାଇଁ ଅନେକ ଚର୍ଚ୍ଚା ଓ ମତଭେଦ ଦେଖାଯାଏ। UGC ଓ ରିଜର୍ଭେସନ୍ ପଲିସି ନେଇ ସମାଜରେ ଦୁଇ ପ୍ରକାର ମତ ଦେଖାଯାଏ। ପ୍ରଥମ ହେଲା ଯାହା ସପକ୍ଷରେ ଯାହା କୁହାଯାଏ ତାହା ହେଲା - ଏହା ସାମାଜିକ ନ୍ୟାୟ ସ୍ଥାପନ କରେ। ପଛୁଆ ବର୍ଗକୁ ଶିକ୍ଷାରେ ସୁଯୋଗ ଦେଏ। ସମାଜରେ ସମାନତା ବୃଦ୍ଧି କରେ। ଆଉ ବିରୋଧରେ ଯାହା କୁହାଯାଏ ତାହା ହେଲା - ମେରିଟ୍ ସିଷ୍ଟମ୍ କମଜୋର ହୁଏ। ସାଧାରଣ ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ସୁଯୋଗ କମିଯାଏ। କେତେକ ଲୋକ ମନେ କରନ୍ତି ଯେ ରିଜର୍ଭେସନ୍ ସମୟ ସୀମିତ ହେବା ଉଚିତ୍। ଏହି ବିବାଦକୁ ସମାଧାନ କରିବା ପାଇଁ କେତେକ ଶିକ୍ଷାବିଦ୍ ଓ ନୀତି ବିଶେଷଜ୍ଞ କହନ୍ତି ଯେ ଶିକ୍ଷାରେ ଆସନ ସଂଖ୍ୟା ବଢ଼ାଇବା ଉଚିତ୍। ଯଦି ବିଶ୍ୱବିଦ୍ୟାଳୟ ଓ କଲେଜରେ ଅଧିକ ଆସନ ହେବ, ତେବେ ସମସ୍ତ ବର୍ଗର ଛାତ୍ରଛାତ୍ରୀଙ୍କୁ ଅଧିକ ସୁଯୋଗ ମିଳିପାରିବ। ତା ସହିତ ଅର୍ଥନୈତିକ ଭିତ୍ତିରେ ସହାୟତା ବଢ଼ାଇବା ମଧ୍ୟ ଏକ ଉପାୟ ହୋଇପାରେ। UGC ଓ ଭାରତ ସରକାରଙ୍କ ରିଜର୍ଭେସନ୍ ପଲିସିର ମୂଳ ଉଦ୍ଦେଶ୍ୟ ସାମାଜିକ ନ୍ୟାୟ ଓ ସମାନ ଅବସର ଦେବା। ତଥାପି ଏହା ନେଇ ସମାଜରେ ଭିନ୍ନ ଭିନ୍ନ ମତ ରହିଛି। ସାଧାରଣ ବର୍ଗ ଓ ଅନ୍ୟ ବର୍ଗମାନଙ୍କ ମଧ୍ୟରେ ସମତା ରଖିବା ପାଇଁ ସରକାରକୁ ସମୟ ସମୟରେ ନୀତିମାନଙ୍କୁ ସମୀକ୍ଷା କରିବା ଆବଶ୍ୟକ। ଶେଷରେ କହିବାକୁ ହେଲେ, ଶିକ୍ଷା ହେଉଛି ସମାଜର ଉନ୍ନତିର ମୂଳ ଆଧାର। ତେଣୁ ଏମିତି ନୀତି ହେବା ଉଚିତ୍ ଯାହା ସମସ୍ତ ବର୍ଗର ଲୋକଙ୍କୁ ନ୍ୟାୟସଙ୍ଗତ ଓ ସମାନ ସୁଯୋଗ ଦେଇପାରିବ।

# ସ୍ମୃତିରୁ ଝିଏ...



**ପ୍ରଭୁ କଲ୍ୟାଣ ମହାପାତ୍ର**
ଭୁବନେଶ୍ୱର

ରକ୍ତର ସମ୍ପର୍କ ସ୍ୱାଭାବିକ ଭାବରେ ଗାଢ଼ ବା ଗଭୀର ହୋଇଥାଏ । କିନ୍ତୁ ଦୁନିଆଁରେ ଏଭଳି କିଛି ସମ୍ପର୍କ ଅଛି, ଯାହା ରକ୍ତର ହୋଇ ନଥିଲେ ସୁଦ୍ଧା ତା'ଠାରୁ ଅଧିକ ନିବିଡ଼ ହୋଇଥାଏ । ମୋର ସେଭଳି ଘନିଷ୍ଠ ସମ୍ପର୍କ ଥିଲା ପୂର୍ବତନ ବାଚସ୍ପତି ଯୁଧିଷ୍ଠିର ଦାସ ଏବଂ ତାଙ୍କ ଧର୍ମପୁତ୍ର ପ୍ରଫେସର ଧୁନ୍ ଖୁଣ୍ଟିଆଙ୍କ ସହିତ ।

ଯୁଧିଷ୍ଠିର ଦାସ ମୋତେ ପୁଅଭଳି ଭଲ ପାଉଥିବାବେଳେ ଧୁନ୍ ଖୁଣ୍ଟିଆ ନିଜ ସାନ ଭାଇ ପରି ସ୍ନେହ କରୁଥିଲେ । ଯୁଧିଷ୍ଠିର ଦାସ (ଲୋକମାନେ ତାଙ୍କୁ ଶ୍ରଦ୍ଧା ଓ ଭକ୍ତିରେ ଯୁଝିଆନା ବୋଲି ସମ୍ବୋଧନ କରୁଥିଲେ) ମୋତେ ତାଙ୍କର ବାଚସ୍ପତିଙ୍କ ଗଣମାଧ୍ୟମ ଉପଦେଷ୍ଟା କମିଟି (Speaker's Press Advisory Committee)ର ସର୍ବକନିଷ୍ଠ ସଭ୍ୟ କରିବା ଏବଂ ମୋର ଜେଜେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ କାଳଜୟୀ ଦେଶାତ୍ମବୋଧ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'କୁ ବିଧାନସଭା ଅଧିବେଶନର ଉଦ୍‌ଯାପନୀ ସଙ୍ଗୀତ ରୂପେ ଅଧିଗ୍ରହଣ କରିବା ପରେ ମୋର ତାଙ୍କ ସହିତ ଆତ୍ମୀୟତା ବଢ଼ି ଯାଇଥିଲା । ସେହି ସୂତ୍ରରେ ଧୁନ୍ ଭାଇଙ୍କ ସହିତ ସମ୍ପର୍କ ସ୍ୱାଭାବିକ ଭାବେ ନିବିଡ଼ ହୋଇ ଯାଇଥିଲା ।

ଆଜି ଧୁନ୍ ଭାଇଙ୍କ ଅବର୍ତ୍ତମାନରେ ଅନେକ ଅପାସୋରା ସ୍ମୃତି ମୋ ମନରେ ଉଙ୍କି ମାରୁଛି । ସେଥି ମଧ୍ୟରୁ ଗୋଟିଏ ଦୁଇଟି ଅବତାରଣା କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଉଛି । ପନ୍ଦର ବର୍ଷ ତଳର କଥା । ୨୦୧୧ ମସିହା ଡିସେମ୍ବର ୪ ତାରିଖରେ ମୋ ଝିଅ ଚନ୍ଦ୍ରିକାର ବିଭାଘର ହୋଇଥିଲା । ତା'ର କିଛି ଦିନ ପୂର୍ବରୁ ବିଭାଘର ନିମନ୍ତ୍ରଣ ଜଣାଇବା ପାଇଁ ମୁଁ ଯୁଧିଷ୍ଠିର ଦାସଙ୍କ ନିକଟକୁ ଯାଇଥିଲି । ସେତେବେଳେ ସେ ଧୁନ୍ ଭାଇଙ୍କ ବାସଗୃହ 'ଚିତ୍ରନୀଡ଼'ରେ ଅବସ୍ଥାନ କରୁଥିଲେ ଏବଂ ବାର୍ଦ୍ଧକ୍ୟଜନିତ ବ୍ୟାଧିରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ହୋଇ ପଡ଼ିଥିଲେ। ଝିଅ ବାହାଘର କଥା ଶୁଣି ସେ ବହୁତ ଖୁସି ହେଲେ ଓ ବିବାହ ଉତ୍ସବରେ ଯୋଗଦେବା ପାଇଁ ମନ ବଳାଇଲେ । କିନ୍ତୁ ସେତେବେଳେ ସେଠାରେ ଉପସ୍ଥିତ ଥିବା ଧୁନ୍ ଭାଇ ସେଥିଲାଗି ଅରାଜି ହେଲେ । ଧୁନ୍ ଭାଇ କହିଲେ, ''ଦେଖ ପ୍ରଭୁ, ବାବା ଜାଣି ପାରୁ ନାହାନ୍ତି - ଝାଡ଼ା, ପରିସ୍ରା ତାଙ୍କ ଲୁଗାରେ ହୋଇଯାଉଛି । ଏଭଳି ପରିସ୍ଥିତିରେ ତାଙ୍କୁ ତୋ ଝିଅ ବାହାଘରକୁ ନେବା ସମ୍ଭବ ହେବ ନାହିଁ ।'' ଏକଥା ଶୁଣିବା ପରେ ମୁଁ ମୋର ମନକୁ ବୁଝାଇ ଦେଇଥିଲି । ତେବେ ମୁଁ ତାଙ୍କ ନିକଟରୁ ବିଦାୟ ନେଇ ଫେରି ଆସିବା ପର୍ଯ୍ୟନ୍ତ ସେ (ଯୁଧିଷ୍ଠିର ଦାସ) ମୋତେ ବାରମ୍ବାର କହୁଥିଲେ, ''ପ୍ରଭୁ ତୁ ଆଦୌ ବ୍ୟସ୍ତ ହଅନା । ମୁଁ ନିଶ୍ଚୟ ତୋ ଝିଅ ବାହାଘରକୁ ଯିବି ।''

ବାର ବର୍ଷ ତଳେ ଅର୍ଥାତ୍ ୨୦୧୪ ମସିହା ଫେବୃୟାରୀ ୧୮ ତାରିଖରେ ଯୁଧିଷ୍ଠିର ଦାସଙ୍କର ତିରୋଧାନ ଘଟିଥିଲା । ତା'ପରଠାରୁ ପ୍ରତିବର୍ଷ ସେହି ଦିନ ଯୁଧିଷ୍ଠିର ଦାସଙ୍କ ଶ୍ରାଦ୍ଧ ବାର୍ଷିକୀ ଧୁନ୍ ଭାଇଙ୍କ ଆବାସସ୍ଥଳୀ 'ଚିତ୍ରନୀଡ଼' ସମ୍ମୁଖସ୍ଥ ଯୁଧିଷ୍ଠିର ଦାସ ପାର୍କ ବା ଉଦ୍ୟାନରେ ଅନୁଷ୍ଠିତ ହୋଇ ଆସୁଛି । ଯୁଧିଷ୍ଠିର ଦାସଙ୍କ ସ୍ମୃତିକୁ ଉପଜୀବ୍ୟ କରି ରଖିବା ଲାଗି ଧୁନ୍ ଭାଇ ନିଜେ ତାଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ସହିତ ଉତ୍ସର୍ଗୀକୃତ ଭାବେ ଏହି ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳନ କରି ଆସିଥାନ୍ତି । ପ୍ରତିମୂର୍ତ୍ତିରେ ଫୁଲ ସାଜସଜାଠାରୁ ଆରମ୍ଭ କରି ଅତିଥି ଓ ଶ୍ରୋତାମାନଙ୍କ ଉପସ୍ଥିତ ସୁନିଶ୍ଚିତ କରବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସେ ନିଖୁଣ ଭାବରେ ତଦାରଖ କରୁଥିଲେ । ଗତ ବର୍ଷ ଅର୍ଥାତ୍ ୨୦୨୫ ଫେବୃୟାରୀ ୧୮ ତାରିଖ ଅନୁଷ୍ଠିତ ଶ୍ରାଦ୍ଧବାର୍ଷିକୀରେ ମୁଁ ଫାଉଣ୍ଡେସନ ପକ୍ଷରୁ ଯୁଧିଷ୍ଠିର ଦାସ ସମ୍ମାନରେ ସମ୍ବର୍ଦ୍ଧିତ ହୋଇଥିଲି। କିନ୍ତୁ ପରିତାପର ବିଷୟ ହେଉଛି ଲଗାତର ୧୦ ବର୍ଷ ଧରି ଯୁଧିଷ୍ଠିର ଦାସ ଶ୍ରାଦ୍ଧ ବାର୍ଷିକୀ ପାଳନ କରି ଆସୁଥିବା ଧୁନ ଭାଇ କିନ୍ତୁ ସେହି ବର୍ଷ ଅସୁସ୍ଥତା ଯୋଗୁଁ ଉତ୍ସବରେ ଉପସ୍ଥିତ ହୋଇ ପାରି ନଥିଲେ। ତେଣୁ ସମ୍ବର୍ଦ୍ଧନା ପର୍ବ ସମାପନ ପରେ ମୁଁ 'ଚିତ୍ରନୀଡ଼' ଆବାସସ୍ଥଳୀକୁ ଯାଇ ତାଙ୍କୁ ସାକ୍ଷାତ କରିଥିଲି ।

ଚଳିତ ୨୦୨୬ ବର୍ଷ ଯୁଧିଷ୍ଠିର ଦାସଙ୍କ ଶ୍ରାଦ୍ଧୋତ୍ସବ ହେବା ଘେନି ଅନିଶ୍ଚିତତା ଉପୁଜିଥିଲା । କାରଣ ସ୍ୱାସ୍ଥ୍ୟଗତ ସମସା ନେଇ ଧୁନ୍ ଭାଇ ଆପୋଲୋ ହସ୍‌ପିଟାଲରେ ଭର୍ତ୍ତି ହୋଇଥିଲେ ଏବଂ ସାମାନ୍ୟ ସୁସ୍ଥ ହୋଇ ଘରକୁ ଫେରିଥିଲେ । ଶ୍ରାଦ୍ଧ ବାର୍ଷିକୀର କିଛି ଦିନ ପୂର୍ବରୁ ଧୁନ୍ ଭାଇଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯିବାରୁ ଚିକିତ୍ସା ପାଇଁ ତାଙ୍କୁ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା । ତେଣୁ ମୁଁ ଧୁନ୍ ଭାଇଙ୍କ ମଝିଆ ପୁଅ ଟୁଟୁ (ମନସ୍ୱୀ)କୁ କହିଲି ଏଥର ଶ୍ରାଦ୍ଧୋତ୍ସବ ବାତିଲ କରିଦେବା । ସେତେବେଳକୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଥିଲା । ଟୁଟୁ କିଛି



ଉତ୍ତର ନ ଦେଇ ଚୁପ୍ ରହିଲା । କିନ୍ତୁ ମୁଁ ମାନସିକ ସ୍ତରରେ ବଳଚିତ ହେଉଥିଲି । ତେବେ ଭଗବାନଙ୍କ ଅପାର କରୁଣା ଯୋଗୁଁ ଧୁନ୍ ଭାଇଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଲା । ଫଳରେ ଶ୍ରାଦ୍ଧୋତ୍ସବର ପୂର୍ବଦିନ ଟୁଟୁ ମୋତେ କହିଲା, ''ଆମେ ଜେଜେଙ୍କର ଶ୍ରାଦ୍ଧବାର୍ଷିକୀ କରି ପାରିବା । କାରଣ ବାପାଙ୍କର ଦେହ ପୂର୍ବାପେକ୍ଷା ଭଲ ରହିଛି।'' ଫଳରେ ଯୁଧିଷ୍ଠିର ଦାସଙ୍କର ଦ୍ୱାଦଶ ଶ୍ରାଦ୍ଧୋତ୍ସବ ପୂର୍ବ ବର୍ଷମାନଙ୍କ ଭଳି ଯଥାରୀତି ପାଳିତ ହୋଇଥିଲା । ତେବେ ଏହାର କୋଡ଼ିଏ ଦିନ ପରେ ଅର୍ଥାତ୍ ମାର୍ଚ୍ଚ ୭ ତାରିଖ ସକାଳେ ଧୁନ ଭାଇଙ୍କର ଦେହାନ୍ତ ଘଟିଲା । ମାର୍ଚ୍ଚ ୭ ତାରିଖ ସକାଳେ ଧୁନ୍ ଭାଇଙ୍କ ବିୟୋଗ ଖବର ମୁଁ ଫୋନ୍ ଯୋଗେ ଟୁଟୁ ଠାରୁ ଶୁଣିଲି । ପଚାରି ବୁଝିଲି ଧୁନ୍ ଭାଇଙ୍କ ରକ୍ତଚାପ ଅସ୍ଥିର ରହୁଥିଲା । ତେଣୁ ଡାକ୍ତରଖାନାରେ ଚିକିତ୍ସକ ତାଙ୍କୁ ଆବଶ୍ୟକ ଔଷଧ ଦେଇ ରକ୍ତଚାପ ସ୍ଥିର ରଖିଥିଲେ । କିନ୍ତୁ ଅତ୍ୟନ୍ତ ଦୁର୍ବଳ ସ୍ୱାସ୍ଥ୍ୟରେ ହୃଦ୍‌ଘାତ ହେବାରୁ ତାଙ୍କର ନିଧନ ହୋଇଗଲା । ମୋର ମନେ ହେଲା ସତେ ଯେମିତି ଧୁନ୍ ଭାଇ ତାଙ୍କ ବାପା (ଯୁଧିଷ୍ଠିର ଦାସ)ଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ ସୁରୁଖୁରୁରେ ସମ୍ପନ୍ନ ହୋଇଯାଉ ବୋଲି ଅପେକ୍ଷା କରି ରହିଥିଲେ । ତା'ପରେ ଧୁନ୍ ଭାଇଙ୍କ ଆତ୍ମୀୟତା ଭରା ବାର୍ତ୍ତାଳାପ ପ୍ରୀତିପୂର୍ଣ୍ଣ ଆଚରଣ ଆଦି କଥା ମନକୁ ଆନ୍ଦୋଳିତ କଲା । ମୁଁ 'ଚିତ୍ରନୀଡ଼' ଅଭିମୁଖେ ଯାତ୍ରା କଲି ଓ ତାଙ୍କ ପାର୍ଥିବ ଶରୀରରେ ପୁଷ୍ପାର୍ଘ୍ୟ ଅର୍ପଣ କରି ଶେଷ ସମ୍ମାନ ଜଣାଇଲି ।

ଧୁନ୍ ଭାଇ ରାଜ୍ୟର ଅନ୍ୟତମ ସୁସାହିତ୍ୟିକ ତଥା ଶିକ୍ଷାବିତ୍ ଥିଲେ । ତାଙ୍କର ଅଗଣିତ ପ୍ରବନ୍ଧ, ଗପ, କବିତା ଆଦି ସାରସ୍ୱତ କୃତି ବିଭିନ୍ନ ସଂଭ୍ରାନ୍ତ ପତ୍ରପତ୍ରିକା ଓ ଖବରକାଗଜରେ ନିୟମିତ ପ୍ରକାଶିତ ହେଉଥିଲା । ତେବେ ଓଡ଼ିଆ ସାହିତ୍ୟର ଏହି ପ୍ରଫେସର ଜଣକ ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର ଥିଲେ ବୋଲି ମୁଁ ଆଦୌ ଜାଣି ନଥିଲି । ସେ ଶଯ୍ୟାଶାୟୀ ହୋଇଯିବାପରେ ମୁଁ ତାଙ୍କ କାବ୍ୟିକ ପ୍ରତିଭା ସମ୍ପର୍କରେ ସୂଚନା ପାଇଥିଲି । ଯେତେବେଳେ ସାକ୍ଷାତ କରିବାକୁ ଯାଉଥିଲି ଅବସାଦ ଦୂର ପାଇଁ ତାଙ୍କ ଗୀତି କବିତା ବିଷୟରେ ଆଲୋଚନା କରୁଥିଲି । କେତେବେଳେ ସେ ତଲ୍ଲୀନ ହୋଇ ଯାଉଥିଲେ ତ, ଅନ୍ୟ କେତେବେଳେ ସେ ଗୁରୁଗମ୍ଭୀର । ସେ ନିଜେ ତାଙ୍କ ଆବାସସ୍ଥଳୀର ନାମ 'ଚିତ୍ରନୀଡ଼' ଦେଇଥିବାବେଳେ ତାଙ୍କ ପୁଅ ଟୁଟୁର ବାସଗୃହ ନାମ 'କୁଆଁତାରା' ରଖିଥିଲେ। ଏଇ ଛୋଟିଆ ଘଟଣାରୁ ହିଁ ଧୁନ୍ ଭାଇଙ୍କ କବି ପ୍ରତିଭାର ସ୍ପଷ୍ଟ ପ୍ରମାଣ ମିଳେ ।

ଆକାଶବାଣୀରେ ପ୍ରସାରିତ ଧୁନ୍ ଭାଇଙ୍କ ଲୋକପ୍ରିୟ ଗୀତି କବିତାଗୁଡ଼ିକ ତାଙ୍କୁ ଏକ ନିଆରା ସମ୍ମାନ ପ୍ରଦାନ କରିଥିଲା । ଜରୁରୀକାଳୀନ ପରିସ୍ଥିତି ସମୟରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତି ଓ ତୃପ୍ତି ଦାସଙ୍କ ଦ୍ୱାରା ଆକାଶବାଣୀରେ ପ୍ରସାରିତ ତାଙ୍କର 'ଆରେ କିଏ ଛାଡ଼େ ଏହି ମୌକା, ଟଙ୍କା'କ ଦରବ ହେଲା ସୁଉକା ।'' ଗୀତି କବିତା ତାଙ୍କୁ ପ୍ରଶଂସାର ଶିଖରରେ ପହଞ୍ଚାଇଥିଲା । ଧୁନ୍ ଭାଇଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଣତି ଜଣାଉଛି ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022** ସମ୍ପାଦକ : **ଜୟାଶୀଷ ରାୟ**





# ଧାମନଗରରେ ଜଳାଶୟ ଜବରଦଖଲ:ମାଡ଼ି ଆସୁଛି ମରୁଭୂମିକରଣର ବିପଦ

ଧାମନଗର, ନ୍ୟୁଜ୍ ବ୍ୟୁରୋ

ଧାମନଗର ବ୍ଲକ ଅଞ୍ଚଳରେ ଦିନକୁ ଦିନ ଗଡ଼ିଆ, ପୋଖରୀ ଓ ଜଳାଶୟ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ମହାକାଶ ଗବେଷଣା ସଂସ୍ଥା-ଇସ୍ରୋ ପରିଚାଳିତ ବେଦାସ ପୋର୍ଟାଲର ସୂଚନା ଅନୁସାରେ ଧାମନଗରରେ ୩ ପ୍ରତିଶତ ଜଳାଶୟ ହ୍ରାସ ପାଇଛି । ୨୦୧୮-୧୯ର ତଥ୍ୟ ଅନୁସାରେ ୧୫ ପ୍ରତିଶତ ମରୁଭୂମିକରଣ ବଢ଼ିଛି । ଏହି ଅର୍ଥରେ କହିବାକୁ ଗଲେ ଏହି ପରିମାଣର ଜମିରେ ଉର୍ବରତା କମିଛି ଓ ପଡ଼ିଆ ପଡିଛି । କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳର ତଥ୍ୟ ଏଥିରେ ପ୍ରଦାନ କରାଯାଇନଥିଲେ ବି ସାମଗ୍ରିକ ଭାବେ ଧାମନଗର ବ୍ଲକରେ ଏହି ସ୍ଥିତି ଉପୁଜିଛି । ଜଳାଶୟ, ଗଡ଼ିଆ ଓ ପୋଖରୀ ସଂଖ୍ୟା କମିବା ମଧ୍ୟ ଖାଲି ଆଖିରେ ଦେଖିବାକୁ ମିଳିଛି । ବିଭିନ୍ନ ସ୍ଥାନରେ କମ୍ୟୁନିଟି ସେଣ୍ଟର, ଖେଳ ପଡ଼ିଆ, ଦୋକାନ ଘର ଆଦି ନିର୍ମାଣ ଲାଗି ଜଳାଶୟ ଗୁଡ଼ିକୁ ପୋତି ଦିଆଯାଉଥିବା ଦେଖିବାକୁ ମିଳିଛି । ସେହିପରି ଦୀର୍ଘବର୍ଷ ଧରି ଆର୍ଦ୍ର ଭୂମି ଭାବେ ଚିହ୍ନଟ ଜାଗାକୁ ବି ପୋତିଦିଆଗଲାଣି । ଖଡ଼ିପଦା ଛକରୁ ବୋବଲ ରାସ୍ତାରେ ଏକାଧିକ ସ୍ଥାନରେ ଜଳାଶୟ ପୋତିଦିଆଯାଇଛି । ବଡ଼ ପୋଲ ପାଖରେ କିଛି ବ୍ୟକ୍ତି ଆର୍ଦ୍ରଭୂମିକୁ ପୋତି ଦୋକାନ ନିର୍ମାଣ ଆରମ୍ଭ କରିଛନ୍ତି । ସେହିପରି ଦକ୍ଷିଣକୁଆ ଛକରେ ମଧ୍ୟ ଜଳାଶୟ ପୋତି ଦୋକାନ ଘର ନିର୍ମାଣ ହୋଇଛି । ଧାମନଗରରୁ ଫଲପୁର ରାସ୍ତାରେ ଥିବା ନୟନଜୋରିକୁ ଅନେକ ସ୍ଥାନରେ ପୋତି ଘର କରିଦିଆଗଲାଣି । ନୟନଜୋରିଟି ଏ ଅଞ୍ଚଳର ଜଳ ନିଷ୍କାସନ ପାଇଁ ମହତ୍ୱପୂର୍ଣ୍ଣ । ହେଲେ ତହସିଲ ପ୍ରଶାସନର ସ୍ଥାଣୁତା ଓ ଅବହେଳା ଯୋଗୁଁ ସରକାରୀ ଜମିରେ ଥିବା ନୟନଜୋରି ଜଳାଶୟ ପୋତି ଲୋକେ ଘର, ଦୋକାନ ଘର କରିଦେଲେଣି । ବିଶେଷ କରି ବିରୁହାଁ, ଜାହାଙ୍ଗୀର ଅଞ୍ଚଳରେ ବହୁ



ଅଂଶ ପୋତି ଦିଆଯାଇଛି । ସେହିପରି ଧାମନଗରରୁ ବୁଡ଼ାକୁଟି ରାସ୍ତାରେ ମଧ୍ୟ ନୟନଜୋରି ପୋତି ଦୋକାନ ଘର, ଠାକୁର ଘର, କମ୍ୟୁନିଟି ସେଣ୍ଟର ନିର୍ମାଣ ହୋଇଛି । ଧାମନଗର ବିଜ୍ଞାପିତ ଅଞ୍ଚଳରେ ଏହି ସଂଖ୍ୟା ସର୍ବାଧିକ । ବ୍ଲକ ଛକରୁ ଧାମନଗର କୋର୍ଟ ରାସ୍ତାରେ ଉଭୟ ପାର୍ଶ୍ୱରେ ଥିବା ଖାଲ, ଗଡ଼ିଆ ଓ ପାଣି ନାଳ ପୋତି ଦିଆଗଲାଣି । ଏନ୍ଏସି କର୍ତ୍ତୃପକ୍ଷଙ୍କ ଅବହେଳା ଓ ଭୁଲ୍ ଟାଉନ୍ ପ୍ଲାନିଂ ଯୋଗୁଁ ବଢୁଥିବା ଧାମନଗର ସହର ଜଳାଶୟମୁକ୍ତ ହୋଇଗଲାଣି । ଫଳରେ ବର୍ଷାଦିନେ ପାଣି ନିଷ୍କାସନ ଏକ ବଡ଼ ସମସ୍ୟା ହୋଇ ଉଭା ହେବ । ପୂର୍ବରୁ ମଧ୍ୟ ଥରେ ଏଭଳି ହୋଇଛି । ଜଗୁ ସାଗର ଚାରିପାଖ ଜବରଦଖଲ ହୋଇଯିବାରୁ ପାଣି ନିଷ୍କାସନ ରାସ୍ତା ବନ୍ଦ ହୋଇଯାଇଥିଲା । ବର୍ଷାଦିନେ ଚାରି ଦିନ ଧରି ଧାମନଗର ଥାନା ଓ ବଡ଼ବଜାର ଛକ ମଝିରେ ମୁଖ୍ୟ ରାସ୍ତାରେ ବନ୍ୟା ପାଣି ଭଳି ବର୍ଷା ପାଣିର ସୁଅ ଛୁଟିଲା । ସହର ମଝିରେ ଆଣ୍ଠୁଏ ଉଚ୍ଚର ପାଣି ଚାଲିଲା । ଜଳାଶୟ ହ୍ରାସ ପାଇବା ଦ୍ୱାରା ଭୟଙ୍କର ପରିବେଶଗତ, ସାମାଜିକ ଏବଂ ଅର୍ଥନୈତିକ ସଙ୍କଟ ସୃଷ୍ଟି ହେଉଛି । ଏହାର ମୁଖ୍ୟ ପ୍ରଭାବଗୁଡ଼ିକ ମଧ୍ୟରେ ଜୈବ ବିବିଧତାର ବ୍ୟାପକ କ୍ଷତି, ମରୁଭୂମିକରଣର ବେଗ ବୃଦ୍ଧି, କୃଷି ଉତ୍ପାଦନ ହ୍ରାସ ଏବଂ ଜଳ ବିବାଦ ଭଳି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି । ଜଳାଶୟଗୁଡ଼ିକ ଶୁଖିଯିବା ଫଳରେ ମାଟିର ଆର୍ଦ୍ରତା କମୁଛି, ଯାହା ମରୁଭୂମିକରଣକୁ ପ୍ରୋତ୍ସାହିତ କରୁଛି । ସେହିପରି ଭୂତଳ ଜଳର ପୁନଃ ଭରଣ ବାଧାପ୍ରାପ୍ତ ଧାମନଗରରେ ଆଗକୁ ଭୂତଳ ଜଳସ୍ତର ହ୍ରାସର ସମ୍ମୁଖୀନ ହେବାର ସମ୍ଭାବନା ଅଛି । ଏନେଇ ଧାମନଗର ତହସିଲଦାର ସାଉଣ୍ଟୀ ଲୋକନାଥ ପ୍ରସାଦ ସେଠୀଙ୍କ କହିବା କଥା ଯେ, କର୍ମଚାରୀ ଅଭାବ ଆମକୁ ଜବରଦଖଲ ଉପରେ ପଦକ୍ଷେପ ନେବାରେ ସମସ୍ୟା ସୃଷ୍ଟି କରୁଛି । ତଥାପି ଜଳାଶୟ ଗୁଡ଼ିକ ଜବରଦଖଲ ମୁକ୍ତ କରିବାକୁ କଡ଼ା ପଦକ୍ଷେପ ନିଆଯାଉଛି ।

# ଆଗକୁ ଆସୁଛି ଖରାଦିନ:କାମରେ ଆସୁନି ପାନୀୟ ଜଳ ପ୍ରକଳ୍ପ

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ଭଦ୍ରକ ଜିଲ୍ଲା ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ର ଲାଗି ୧୦ ଲକ୍ଷ ଟଙ୍କା ବିନିଯୋଗରେ ନିର୍ମିତ ସୌରଚାଳିତ ପାନୀୟଜଳ ଯୋଗାଣ ପ୍ରକଳ୍ପ କାମରେ ଲାଗିପାରୁନାହିଁ । ଯାହାଫଳରେ ତିହିଡ଼ି ବଜାରରେ ଟୋପାଏ ପିଇବା ପାଣି ମିଳିପାରୁନି । ପାନୀୟଜଳ ପ୍ରକଳ୍ପ ପାର୍ଶ୍ୱରେ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଶୌଚାଳୟ ମଧ୍ୟ ଅଧାପରଡ଼ା ହୋଇ ରହିଛି । ପାନୀୟଜଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ ଓ ଶୌଚାଳୟକୁ ସମ୍ପୂର୍ଣ୍ଣ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ । ଯେଉଁଥିପାଇଁ ଲୋକମାନେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଯାହାଫଳରେ ଲୋକଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଉଛି । ଖବରରୁ ପ୍ରକାଶ ଯେ, ତିହିଡ଼ି ବଜାର ମଧ୍ୟସ୍ଥଳରେ ସୌରଚାଳିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରାଚୀର ପାର୍ଶ୍ୱରେ ଶୌଚାଳୟ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା । ତଦନୁଯାୟୀ ନିର୍ମାଣ ସ୍ଥଳରେ ଜବରଦଖଲରେ ଥିବା କିଛି ଦୋକାନକୁ ମଧ୍ୟ ଉଚ୍ଛେଦ କରାଯାଇଥିଲା । ଗତ ୨୦୨୧ ଜାନୁଆରୀ ୬ ତାରିଖରେ ପ୍ରକଳ୍ପ ଓ ଶୌଚାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ତତ୍କାଳୀନ ସାଂସଦ ମଞ୍ଜୁଲତା ମଣ୍ଡଳ, ତତ୍କାଳୀନ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ତତ୍କାଳୀନ ଧାମନଗର ବିଧାୟକ ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀ, ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ତତ୍କାଳୀନ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ବିଦ୍ୟୁତଲତା ନାୟକ ପ୍ରମୁଖ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ପରେ ଠିକାଦାର ମାଧ୍ୟମରେ ଏହି ପ୍ରକଳ୍ପର କାର୍ଯ୍ୟ କରାଯାଇଥିଲା । ତେବେ ଇତିମଧ୍ୟରେ ୫ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପରୁ ଟୋପାଏ ପାଣି ମିଳିପାରିନାହିଁ । ସେହିପରି ଶୌଚାଳୟ ମଧ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଥିବାରୁ ଏହା କାର୍ଯ୍ୟରେ ଲାଗିପାରୁନାହିଁ । ତିହିଡ଼ିକୁ ନିକଟରେ ଏନ୍ଏସି ମାନ୍ୟତା ମିଳିଛି । ଏଥିପାଇଁ ଏହା କାର୍ଯ୍ୟ ଆରମ୍ଭ ହୋଇଗଲାଣି । ଏହାଛଡ଼ା ସପ୍ତାହ ବନ୍ଧୁଳ ବଜାର ଭାବେ ପରିଚିତ ତିହିଡ଼ିରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଛି । ଏଥିପାଇଁ ବ୍ଲକର ବିଭିନ୍ନ ଅଞ୍ଚଳରୁ ଲୋକମାନେ ତିହିଡ଼ିକୁ ବିଭିନ୍ନ କାର୍ଯ୍ୟପାଇଁ ଆସିଥାନ୍ତି । ତିହିଡ଼ିରେ ସପ୍ତାହର ସୋମବାର ଓ ଶୁକ୍ରବାର ହାଟ ବସିଥାଏ । ପଡ଼ୋଶୀ ବାସୁଦେବପୁର, ଧାମନଗର ଓ ଚାନ୍ଦବାଲି ବ୍ଲକର ଲୋକମାନେ ମଧ୍ୟ ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ରକୁ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଆସିଥାନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ତିହିଡ଼ି ବଜାରରେ ହୋଟେଲ, ଜଳଖିଆ ଦୋକାନ ଅନେକ ୩ ଶହରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଦୋକାନ ରହିଛି । ପ୍ରତିଦିନ ଏହି ଦୋକାନୀ ଏବଂ ତିହିଡ଼ି ଆସୁଥିବା ଲୋକମାନଙ୍କ ପାଇଁ ପାନୀୟ ଜଳର ଯଥେଷ୍ଟ ଆବଶ୍ୟକତା ରହିଛି । ବଜାରରେ ନଳକୂପ ଆଦୌ ନଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଅନ୍ୟ ସ୍ଥାନରେ ଥିବା ନଳକୂପ ଆବଶ୍ୟକ ପାନୀୟଜଳ ଯୋଗାଇପାରୁନାହିଁ । ଅନେକ ସମୟରେ ଅଚଳ ହୋଇଯାଉଛି ଫଳରେ ବଜାରରେ ଟୋପାଏ ପାନୀୟ ଜଳ ମିଳିବା କଷ୍ଟସାଧ୍ୟ ହେଉଛି । ଏବେଠୁ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଥିବା ବେଳେ ଆଗକୁ ପ୍ରଖର ଗ୍ରୀଷ୍ମତାପ ପାଇଁ ଲୋକେ ପାନୀୟ ଜଳ ଅଭାବରୁ ଉଚ୍ଚ ବିକଳ ହେବା ନିଶ୍ଚିତ ହୋଇଛି । ଏହି ସମସ୍ୟାକୁ ଲକ୍ଷ୍ୟ କରାଯାଇ ତୁରନ୍ତ ପାନୀୟ ଜଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି । ଏ ସମ୍ପର୍କରେ ବିଡ଼ିଓ ନିରଞ୍ଜନ ବାରିକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ,କେଉଁ କାରଣରୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉନାହିଁ ତାର ଅନୁଧ୍ୟାନ କରାଯିବା ପରେ ପଦକ୍ଷେପ ନିଆଯିବ ।

# ଟ୍ରାକ୍ଟର ଚୋରି ଅଭିଯୋଗରେ ୫ ଗିରଫ

ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ

ଲୋଇସିଂହା ଥାନା ବଡ଼ଟିକା ପଞ୍ଚାୟତର ସାହାଜଛାପର ଗ୍ରାମରୁ ଗତ ତା ୨୨/୧୦/୨୦୨୫ରେ ଏକ ଟ୍ରାକ୍ଟର ଇଞ୍ଜିନ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଏହି ଘଟଣାର ତଦନ୍ତ କରି ଦୀର୍ଘ ୫ ମାସ ପରେ ଚୋରି ଟ୍ରାକ୍ଟରକୁ ଉଦ୍ଧାର କରିବା ସହିତ ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ବିଶାଳପାଲି ଗ୍ରାମର ରୁଦ୍ର ପେରା (୨୧), ଗଦାଧର ଗ୍ରାମର ସୁନିଲ ବାଙ୍କୀ (୨୩), ପିତେଇପାଲି ଗ୍ରାମର ଦୀପକ ଦୀପ, ଆଖିଦାଦର୍ ଗ୍ରାମର ଜୟ ସାଗର (୩୭) ଓ ବରଗଡ଼ ଜିଲ୍ଲା ଗୋଡଭଗା ଥାନା ଗୋଲକ ନଗର ନିବାସୀ ପିଚକୁଲା ଶ୍ରୀହରି (୩୮) । ଅଭିଯୁକ୍ତ ମାନେ ଟ୍ରାକ୍ଟରକୁ ଚୋରି କରିନେବା ପରେ ଅତାବିରା ଥାନା ଚକୁଲିଫାର୍ମ ଠାରେ ରହୁଥିବା ଓ୍ୱାଇ. ରାମବାବୁଙ୍କ ନିକଟରେ ଲକ୍ଷେ ଟଙ୍କାରେ ବନ୍ଧକ ରଖିଥିଲେ । ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଲୋଇସିଂହା ଆଇଆଇସି ଶିପୋରା ସରାୟା ଲୁଗୁନଙ୍କ ନେତୃତ୍ୱରେ ଏଏସ୍ଆଇ ଶ୍ରୀନିବାସ ବିଶ୍ୱାଳ, ହାବିଲଦାର ରଜନୀକାନ୍ତ ବଗର୍ତି, ମଦନ ମୋହନ ସାହୁ, ବଳରାମ ପୂଝାରି, ମାନସ କବାସି, ଶଙ୍କର ମାଝି, ସୁରେନ୍ଦ୍ର ମିଶ୍ର ପ୍ରମୁଖ ବିଭିନ୍ନ ସ୍ଥାନରେ ଚଢଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହିତ ଟ୍ରାକ୍ଟରକୁ ଜବତ କରିଥିବା ଜଣାଯାଇଛି । ସୂଚନା ମତେ, ବଲାଙ୍ଗିର ସଦର ଥାନା ହରିପାଲି ନିବାସୀ ଜମିଦାର ପଧାନ ତାଙ୍କ ଜନ ଡିଅର୍ ଟ୍ରାକ୍ଟରକୁ ଚାଷକାମ ପାଇଁ ବଡ଼ଟିକା ପଞ୍ଚାୟତର ସାହାଜଛାପର ଗ୍ରାମରେ ରଖିଥିଲେ । ସେଠାରୁ ଟ୍ରାକ୍ଟରଟି ଚୋରି ହୋଇଯାଇଥିବା ବେଳେ ଜମିଦାର ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଥିଲେ । ଗିରଫ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଲୁଗୁନ୍ ସୂଚନା ଦେଇଛନ୍ତି ।

# ଜିଲ୍ଲା ସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦ୍‌ଘାଟିତ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ପିଏମ୍ଶ୍ରୀ ଉତ୍ସବ କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟ ଡୁଙ୍ଗୁରିପାଲି ଠାରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ସଭାରେ ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ଘନଶ୍ୟାମ ମେହେରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ଡ଼ଃ ନୃପରାଜ ସାହୁ ଯୋଗଦେଇ ଶିକ୍ଷକମାନେ ନିଷ୍ଠାର ସହ ନିଜ ଦାୟିତ୍ୱ ନିର୍ବାହ କରିବାକୁ ମତ ରଖି ବିଦ୍ୟାଳୟର ଭିତ୍ତିଭୂମି ଓ ଗୁଣାତ୍ମକ ଶିକ୍ଷା ଅଭିବୃଦ୍ଧି ଉପରେ ପ୍ରତିଶ୍ରୁତି ଦେଇଥିଲେ । ସୋନପୁର ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମଣ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ସଭ୍ୟ ମଧୁସୂଦନ ଓତା, ଜିଲ୍ଲା ପଞ୍ଚସଖା ଶିକ୍ଷସେତୁର ସହଯୋଗୀ ପ୍ରଭାତ ଦାଶ, ଉଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଅଜୟ ଲୁହା ଯୋଗଦେଇଥିବା ବେଳେ ଆୟୋଜକ ସମ୍ପାଦକ ପଦ୍ମନାଭ କର୍ଣ୍ଣ ଧନ୍ୟବାଦ ଜ୍ଞାପନ କରିଥିଲେ । ଜିଲ୍ଲାର ମୋଟ୍ ୧୫ ଗୋଟି ପିଏମ୍ଶ୍ରୀ ବିଦ୍ୟାଳୟରୁ ୩୪୭ ଜଣ ଛାତ୍ରଛାତ୍ରୀ ଯୋଗଦେଇ ଆକାଂକ୍ଷୀ ମେଳା, ଦୋକାନ ଯାତ୍ରା ଓ ଆକାଂକ୍ଷୀ ଛାତ୍ରପରିଷଦ ବିଭାଗରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ନିମନ୍ତ୍ରିତ ଅତିଥି ବୃନ୍ଦ ସମସ୍ତ ଷ୍ଟଲ୍ ବୁଲି ଆନନ୍ଦ ବ୍ୟକ୍ତ କରିଥିଲେ ।




# ୨୦୨୭ ଜନଗଣନା ନିମନ୍ତେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ପ୍ରଶିକ୍ଷଣ




ବରଗଡ଼, ନ୍ୟୁଜ୍ ବ୍ୟୁରୋ

ସ୍ଥାନୀୟ ଉପ-ନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ ଓ ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକାଙ୍କ ସମ୍ମିଳନୀ କକ୍ଷଠାରେ ୨୦୨୭ ଜନଗଣନା ପାଇଁ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀ (F.T.S.)ଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତି ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ପ୍ରଶିକ୍ଷଣ ଶିବିରରେ ଡେପୁଟି କଲେକ୍ଟର ସୁମତି ପଣ୍ଡା, ପରିସଂଖ୍ୟାନ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି ଜନଗଣନାର ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ନେଇଥିଲେ । ସୂଚନାଯୋଗ୍ୟ କି, ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟ ଦ୍ୱାରା ୧୦ ରୁ ୧୨ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ମାଷ୍ଟର ଜନଗଣନା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥି ନିମନ୍ତେ ଡିଜିଟାଲ୍ ସ୍ୱଗଣନା ବ୍ୟବସ୍ଥା ରହିବ । ଯେଉଁଥିରେ ଯେକୌଣସି ବ୍ୟକ୍ତି ସେନ୍ସସ୍ ପୋର୍ଟାଲ୍ ବ୍ୟବହାର କରି ନିଜର ସମସ୍ତ ତଥ୍ୟ ଅପ୍‌ଲୋଡ୍ କରିବା ପରେ ଏକ ରେଫରେନ୍ସ ନମ୍ବର ପାଇପାରିବେ । ଏହାପରେ ସମ୍ପୃକ୍ତ ଏନ୍ୟୁମରେଟର୍ ଘରୋଇ ସେନ୍ସସ୍ ସର୍ଭେ ସମୟରେ ପୁନର୍ବାର ଯାଞ୍ଚ କରି ସଠିକ୍ ତଥ୍ୟ ଅନ୍‌ଲାଇନ୍ ମାଧ୍ୟମରେ ଲିପିବଦ୍ଧ କରିବେ । ଏହି ଜନଗଣନା କାର୍ଯ୍ୟକ୍ରମରେ ମୋଟ୍ ୫୦ ଜଣ କର୍ମଚାରୀଙ୍କୁ ନିଯୁକ୍ତି କରାଯାଇଛି ଓ ଅଧ୍ୟାପକ ତଥା ଶିକ୍ଷକମାନଙ୍କୁ ଫିଲ୍ଡ଼-ଟ୍ରେନର ଭାବେ ନିଯୁକ୍ତି କରାଯାଇଛି । ଜନଗଣନାର ସମସ୍ତ ନିୟମ ଓ ନିର୍ଦ୍ଦେଶାବଳୀକୁ ସମ୍ପୂର୍ଣ୍ଣ ଭାବେ ବୁଝି ନିର୍ଭୁଲ୍ ତଥ୍ୟ ସଂଗ୍ରହ କରିବା ପାଇଁ ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଶିବିରରେ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଡେପୁଟି କଲେକ୍ଟର ସୁମତି ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିବାପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସାହୁ ଏବଂ ଡେପୁଟି କଲେକ୍ଟର ନିଜ ବକ୍ତବ୍ୟରେ କହିଥିଲେ ଯେ, ଜନଗଣନା ହେଉଛି ଦେଶର ଦର୍ପଣ ସଦୃଶ । ଏଥିରେ କେବଳ ବ୍ୟକ୍ତିବିଶେଷଙ୍କ ଗଣନା ନୁହେଁ ବରଂ ପ୍ରତ୍ୟେକ ପରିବାରର ଆର୍ଥିକ, ସାମାଜିକ ଅବସ୍ଥାର ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ କରାଯିବ ଯାହା ଯୋଜନା ଏବଂ ନୀତି ପ୍ରଣୟନରେ ସାହାଯ୍ୟ କରେ । ତେଣୁ ସମସ୍ତେ ନିଜର ସଠିକ୍ ତଥ୍ୟ ପ୍ରଦାନ କରିବା ଉଚିତ୍ । ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଟ୍ରେନିଂ ଅଫିସର ଭାବେ ଶ୍ରୀକାନ୍ତ ବେହେରା ଓ ନିରଞ୍ଜନ ତ୍ରିପାଠୀ ଯୋଗଦେଇ ବରଗଡ଼ ଜିଲ୍ଲାରେ ଜନଗଣନାକୁ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଜନଗଣନା ସମ୍ପର୍କିତ ବିଭିନ୍ନ ପର୍ଯ୍ୟାୟ ଉପରେ ଆଲୋଚନା ସହ ଜନଗଣନା ନିମିତ୍ତ ପ୍ରାଥମିକ ପ୍ରସ୍ତୁତି କାର୍ଯ୍ୟ ତଥା ହାଉସ୍ ଲିଷ୍ଟିଂ, ବ୍ଲକ୍ ଚିହ୍ନଟ ଓ ଗଠନ ପ୍ରକ୍ରିୟା, ଚାର୍ଜ୍ ରେଜିଷ୍ଟର ପ୍ରସ୍ତୁତି, ସଠିକ୍ ଭାବେ ଗୃହ ସଂଖ୍ୟାକରଣ ଓ ନାସ୍‌ନାଲ୍ ମ୍ୟାପ୍ ପ୍ରସ୍ତୁତି, ଅନ୍‌ଲାଇନ୍ ତଥ୍ୟ ସଂଗ୍ରହ ପ୍ରକ୍ରିୟା, ଫିଲ୍ଡ-ଟ୍ରେନରମାନଙ୍କ ନିଯୁକ୍ତି, କାର୍ଯ୍ୟ ବଣ୍ଟନ ଏବଂ ସେମାନଙ୍କ କାର୍ଯ୍ୟଗତି ଟ୍ରାକିଂ ବ୍ୟବସ୍ଥା, ସେନ୍‌ସସ୍ କାର୍ଯ୍ୟରେ ନିଯୁକ୍ତ କର୍ମଚାରୀମାନଙ୍କ ଭୂମିକା ଓ ଦାୟିତ୍ୱ ତଥା ସଠିକ୍ ସମୟସୀମା ମଧ୍ୟରେ ଗୁଣାତ୍ମକ ତଥ୍ୟ ସଂଗ୍ରହ ପାଇଁ ବିଭାଗୀୟ ସମନ୍ୱୟ ଓ ନିରନ୍ତର ନିରୀକ୍ଷଣ ଭଳି ବିଭିନ୍ନ ବିଷୟରେ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ।




# ଆଧୁନିକ ପ୍ରଯୁକ୍ତିର ସଦ୍ ବ୍ୟବହାର ଉପରେ ଗୁରୁତ୍ୱ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କ ପାଇଁ "AI Tools for Operational Excellence" ବିଷୟରେ ଏକଦିନିଆ କ୍ଷମତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ କର୍ମଶାଳାରେ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ଏବଂ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (OCAC)ର ସହଯୋଗରେ ଆୟୋଜନ କରାଯାଇଥିଲା । କର୍ମଶାଳାର ଉଦ୍ଦେଶ୍ୟ ହେଲା ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା (AI) ଆଧାରିତ ଉପକରଣ ବ୍ୟବହାର ସମ୍ବନ୍ଧୀୟ ଜ୍ଞାନ ଓ କୌଶଳରେ ସମୃଦ୍ଧ କରି ପ୍ରଶାସନିକ କାର୍ଯ୍ୟଦକ୍ଷତା ଓ ସେବା ପ୍ରଦାନକୁ ଆହୁରି ସୁଦୃଢ଼ କରିବା । ଏଥିରେ ବିଭିନ୍ନ ଇଓ ଟୁଲ୍ସ ଓ ସେମାନଙ୍କର ପ୍ରାୟୋଗିକ ବ୍ୟବହାର, ଯଥା ତଥ୍ୟ ବିଶ୍ଲେଷଣ, ଦଲିଲ ପ୍ରସ୍ତୁତି, ସଂଯୋଗ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଇଓର ବ୍ୟବହାର ବିଷୟରେ ଅବଗତ କରାଯାଇଥିଲା । ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀମାନେ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ ଏବଂ ଆଧୁନିକ ପ୍ରଯୁକ୍ତିର ସଦ୍‌ବ୍ୟବହାର ମାଧ୍ୟମରେ ଶାସନ କାର୍ଯ୍ୟକୁ କିପରି ଆହୁରି କ୍ଷମତାଶୀଳ କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ଏହି ପଦକ୍ଷେପ ଡିଜିଟାଲ୍ ଶାସନକୁ ପ୍ରୋତ୍ସାହନ ଓ ଆଧୁନିକ ପ୍ରଯୁକ୍ତି ବ୍ୟବହାର ମାଧ୍ୟମରେ ପ୍ରଶାସନିକ କାର୍ଯ୍ୟଦକ୍ଷତାକୁ ଆହୁରି ସୁଦୃଢ଼ କରିବା ଦିଗରେ ଗୁରୁତ୍ୱ ଦିଆଯାଇଛି । ଏହି କର୍ମଶାଳାରେ ଜିଲ୍ଲାପାଳ ରଘୁରାମ ଆର୍ ଆୟର୍ ଉଦ୍‌ଘାଟନ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଭାତ କୁମାର ବିଶ୍ୱାଳ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ମନୋରଞ୍ଜନ ରାଉତ, ଡିଏସ୍‌ପି ଡିଆଇବି ଲକ୍ଷ୍ମୀନାରାୟଣ ତିଓ୍ୱାରୀ, ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଡିଇଜିଏମ୍ ଜ୍ଞାନ ରଞ୍ଜନ ସେଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ, ଡିଡି ପ୍ଲାନିଂ ଆରତୀ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, କେନ୍ଦ୍ରାପଡ଼ା ଏବଂ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି ଏବଂ ରଞ୍ଜନ କୁମାର ଦାସ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । କର୍ମଶାଳାରେ ଓକେସିଏଲ୍‌ର ସୌମ୍ୟ ଶୁଭମ ରାଉତ ଏବଂ ବିଶ୍ୱଜିତ ମିଶ୍ର କୃତିମ ବୁଦ୍ଧିମତ୍ତା ଉପରେ ତାଲିମ୍ ଦେଇଥିଲେ ।

# ଇନ୍ଧନ ଗ୍ୟାସ୍ ସଙ୍କଟ ଆଶଙ୍କାରେ ଲୋକେ ଛାନିଆଁ:ଏଜେନ୍ସି ଆଗରେ ଲାଗୁଛି ଲମ୍ବା ଧାଡ଼ି

ଜୟପୁର, ନ୍ୟୁଜ୍ ବ୍ୟୁରୋ

ଭରପୁର ଗ୍ୟାସ୍ ମହଜୁଦ୍ ଅଛି । ସରକାରଙ୍କ ବାରମ୍ବାର ଏଭଳି ଆଶ୍ୱାସନା ସତ୍ତ୍ୱେ ଲୋକେ ନୋଛଡବନ୍ଧା । ଛାନିଆ ହୋଇ ଗ୍ୟାସ୍ ଏଜେନ୍ସି ପାଖକୁ ଦୌଡ଼ୁଛନ୍ତି । ସକାଳୁ ଲମ୍ବା ଲାଇନ୍ ଲଗାଉଛନ୍ତି । ଆବଶ୍ୟକତା ନଥାଇ ବୁକିଂ କରୁଛନ୍ତି । ଆଗକୁ ଗ୍ୟାସ୍ ସଙ୍କଟ ଦେଖାଦେବ ଏହି ଭୟ ଆଉ ଗୁଜବ ଚାରିଆଡେ ଖେଳିଗଲାଣି । ଆଉ ଏହାର ଫଳ ଏଲ୍‌ପିଜିର କୃତ୍ରିମ ଅଭାବ । ଗ୍ୟାସ୍ ଏଜେନ୍ସି ଆଗରେ ଭିଡ ଆଉ ହୋ ହାଲ୍ଲା । ସ୍ଥାନୀୟ ପାଣିନଳା ସାହିରେ ଥିବା ଏଚ୍‌ପି ଗ୍ୟାସ୍ ସେଣ୍ଟର ଓ ମାଦଳା ସାହି ଠାରେ ଥିବା ଭାରତ ଗ୍ୟାସ୍ ସେଣ୍ଟରରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ସରକାର ଗ୍ୟାସ୍ ବୁକିଂ ଅବଧି ୨୫ଦିନକୁ ବଢାଇବା ପରେ ବି ସ୍ଥିତି ସୁଧୁରିନି । ବରଂ ଅଧିକ ବିଗୁଡ଼ିଛି । ଗୁଜବ ଶୁଣିବା ପରେ ଲୋକେ ଖାଲି ସିଲିଣ୍ଡର ଧରି ଗ୍ୟାସ୍ ଏଜେନ୍ସି ଓ ଡିପୋ ପାଖକୁ ଛୁଟିଥିଲେ । ସେଠାରେ ଭିଡ ଲଗାଇ ଗ୍ୟାସ୍ ମାଗିଥିଲେ । ଯେଉଁ ଗ୍ରାହକଙ୍କ ଏବେ ଗ୍ୟାସ୍ ଦରକାର ନାହିଁ ସେମାନେ ବି ଖାଲି ଟାଙ୍କି ନେଇ ଆଗୁଆ ଗ୍ୟାସ୍ ମହଜୁଦ କରିବା ଲକ୍ଷରେ ଲାଇନ୍‌ରେ ରହିଥିଲେ । ଏଥିପାଇଁ ସବୁ ସ୍ଥାନରେ ତତ୍‌କ୍ଷଣାତ୍ ଗ୍ୟାସ୍ ସଙ୍କଟ ସ୍ଥିତି ସୃଷ୍ଟି ହୋଇଥିଲା । ଲୋକଙ୍କ ଚାହିଦା ସୁଯୋଗରେ କିଛି ଗ୍ୟାସ୍ ଏଜେନ୍ସି ଗ୍ୟାସ୍‌ର କଳାବଜାରୀ କରିବା ଆରମ୍ଭ କରିଦେଇଛନ୍ତି । ସରକାର ଗୋଟିଏ ସିଲିଣ୍ଡର ପିଛା ୬୦ଟଙ୍କା ବୃଦ୍ଧି କରିଥିବା ବେଳେ ଜୟପୁର ସହରରେ କିଛି କଳା ବ୍ୟବସାୟୀ ୨ଶହରୁ ୪ଶହ ଟଙ୍କା ବୃଦ୍ଧି କରି ବିକ୍ରି କରୁଛନ୍ତି । ଏପରିକି ଗ୍ୟାସ୍ ଏଜେନ୍ସି ସରକାରଙ୍କ ପକ୍ଷରୁ ଗ୍ୟାସ୍ ସିଲିଣ୍ଡର ପିଛା ୬୦ଟଙ୍କା ବୃଦ୍ଧି କରାଯାଇଥିବା ଘୋଷଣା ହେବା ପରେ ପରେ ଚଢା ଦରରେ ବିକ୍ରି କରିବା ଆରମ୍ଭ କରିଦେଇଛନ୍ତି । ଯେତିକିବେଳେ ପୁରୁଣା ଷ୍ଟକ୍ ଏବଂ ପୁରୁଣା ଦରରେ କ୍ରୟ କରି ନୂତନ ଦରରେ ବିକ୍ରି କରି ଅଧିକ ଟଙ୍କା ଉପାର୍ଜନ କରିଛନ୍ତି । ଏନେଇ ଯୋଗାଣ ବିଭାଗ ଓ ଉପଜିଲ୍ଲାପାଳଙ୍କ ନଜରକୁ ଆଣିବା ପରେ ମଧ୍ୟ ଏହି ଏଜେନ୍ସି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଯାହାଫଳରେ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ବର୍ତ୍ତମାନ ଏହି ଏଜେନ୍ସି ମାଲିକ ଗ୍ୟାସ୍ ମହଜୁଦ ରଖି ଗ୍ରାହକଙ୍କୁ ଡେଲିଭରି ଦେଉନାହାନ୍ତି । ଗ୍ରାହକମାନେ ସିଧାସଳଖ ଡିପୋକୁ ଯାଇ ଗ୍ୟାସ୍ ନେଲେ ଡିପୋ ମାଲିକଙ୍କ ଡେଲିଭରି ଟଙ୍କା ବନ୍ଦ ହୋଇଯାଉଛି । ଏଣୁ ଯୋଗାଣ ବିଭାଗ ପକ୍ଷରୁ ଜୟପୁର ସହରରେ ଥିବା ସମସ୍ତ ଡିପୋ ଗୁଡିକ ଯାଞ୍ଚ କରି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଆଇସିଏସ୍ଇ ୧୦ମ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଅସୁରକ୍ଷିତ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଘରୋଇ ସଂସ୍ଥାର ପ୍ୟାକେଟ୍‌ରେ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ । ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଛି ଆଇସିଏସ୍ଇ ପରୀକ୍ଷାର୍ଥୀଙ୍କ କ୍ଷେତ୍ରରେ । ଏଭଳି ସ୍ଥିତିରେ ସିବିଏସ୍ଇ ଓ ଏଚ୍‌ଏସ୍ଇ ବୋର୍ଡ଼ ପରୀକ୍ଷାର୍ଥୀଙ୍କ ସ୍ଥିତି କଣ ହେବ ତାହା ଅନୁସନ୍ଧାନ ସାପେକ୍ଷ । ଚଳିତ ବର୍ଷ ଆଇସିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ଉତ୍ତର ଖାତା ଘରୋଇ କୋରିୟର ସଂସ୍ଥା ଜରିଆରେ ନୋଏଡ଼ା ଓ ଦିଲ୍ଲୀକୁ ପ୍ରେରଣ କରାଯାଉଛି । ପ୍ରତ୍ୟେକ ପରୀକ୍ଷା ଶେଷ ପରେ ସୁପରଭାଇଜରଙ୍କ ସହିତ ପରୀକ୍ଷା କେନ୍ଦ୍ରର ଦୁଇ ଜଣ କର୍ମଚାରୀ ପିଲାଙ୍କ ଉତ୍ତର ଖାତାକୁ ଅତି ଅସୁରକ୍ଷିତ ଭାବେ ନେଇ ନିର୍ଦ୍ଦିଷ୍ଟ ଘରୋଇ କୋରିୟର ସଂସ୍ଥା ଶାଖାରେ ପହଞ୍ଚାଉଛନ୍ତି । ସେଠାରୁ ଖଜୁରଆରୋଡ୍ ସ୍ଥିତ ଡ଼ିପୋ ଏବଂ ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ଅଥବା କମ୍ପାନୀର ସାଧାରଣ ଗାଡ଼ିରେ ପିଲାଙ୍କ ଉତ୍ତର ଖାତାଗୁଡ଼ିକୁ ନୋଏଡ଼ା ଅଥବା ଦିଲ୍ଲୀ ସ୍ଥିତ ବୋର୍ଡ଼ର ମୂଲ୍ୟାୟନ କେନ୍ଦ୍ରକୁ ନିଆଯାଉଛି । ଗତ କିଛି ବର୍ଷ ଧରି ଆଇସିଏସ୍ଇ ବୋର୍ଡ଼ ପକ୍ଷରୁ ଡ଼ିଟିଡ଼ିସି ଘରୋଇ କୋରିୟର୍ ସଂସ୍ଥାକୁ ଏନେଇ ଦାୟିତ୍ୱ ଦେଇଥିବା ଜଣାପଡ଼ିଛି । ପୂର୍ବରୁ ଡ଼ିଟିଡ଼ିସି ସଂସ୍ଥାର କର୍ମଚାରୀମାନେ ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ଯାଇ ସିଲ୍ ହୋଇଥିବା ଉତ୍ତର ଖାତାକୁ ସଂଗ୍ରହ କରୁଥିବାବେଳେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ପରୀକ୍ଷା ଶେଷ ପରେ ବିଭିନ୍ନ ପରୀକ୍ଷା କେନ୍ଦ୍ରର ସୁପରଭାଇଜରମାନେ ଉକ୍ତ କେନ୍ଦ୍ରର ଦୁଇ ଜଣ କର୍ମଚାରୀଙ୍କ ସହିତ ଉତ୍ତର ଖାତାକୁ ନେଇ ଡ଼ିଟିଡ଼ିସି କେନ୍ଦ୍ରକୁ ଯାଉଛନ୍ତି । ସେଠାରେ ଅନ୍‌ଲାଇନ୍ ପଞ୍ଜିକରଣ କରିବା ପରେ ପିଲାଙ୍କ ପରୀକ୍ଷା ଖାତାର ଦାୟିତ୍ୱ ଡ଼ିଟିଡ଼ିସି ଶାଖାର । ତେବେ ଯେଉଁଭଳି ଭାବେ ବିନା କୌଣସି ସୁରକ୍ଷାରେ ଉତ୍ତର ଖାତା ନିଆଯାଉଛି ତାହା ଦେଖିଲେ ଯେକେହି ଅବାକ୍ ହୋଇଯିବେ । ଏଠାରେ ପ୍ରଶ୍ନ ଉଠୁଛି ଡ଼ିପୋରୁ ଅଥବା ଡ଼ିଟିଡ଼ିସି କେନ୍ଦ୍ରରୁ ଡ଼ିପୋକୁ ସ୍ଥାନାନ୍ତର ବେଳେ କିମ୍ବା ମୂଲ୍ୟାୟନ କେନ୍ଦ୍ରକୁ ସ୍ଥାନାନ୍ତର ବେଳେ କୌଣସି ଅଘଟଣ ଘଟିଲେ ଦାୟି କିଏ ରହିବ? ବୋର୍ଡ଼ କର୍ତ୍ତୃପକ୍ଷ ଅଥବା କେନ୍ଦ୍ର ନା ଘରୋଇ କୋରିୟର ସଂସ୍ଥା । ସେହିଭଳି ପରୀକ୍ଷାର ପ୍ରାୟ ଏକ ସପ୍ତାହ ପୂର୍ବରୁ ନିର୍ଦ୍ଦିଷ୍ଟ କୋରିୟର ସଂସ୍ଥା ମାଧ୍ୟମରେ ଆସୁଛି ଆଇସିଏସ୍ଇ ପରୀକ୍ଷା ପ୍ରଶ୍ନପତ୍ର । ଯାହାକୁ ହବ୍‌ରେ ପୃଥକ୍ ପୃଥକ୍ କରାଯାଇ ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ପଠାଯାଇଥାଏ ଏବଂ ସମ୍ପୃକ୍ତ ବିଦ୍ୟାଳୟ ନିଜର ବ୍ୟାଙ୍କ ଲକରରେ ପ୍ରଶ୍ନପତ୍ର ଗୁଡ଼ିକୁ ସୁରକ୍ଷିତ ଗଚ୍ଛିତ ରଖିଥାନ୍ତି । ପରୀକ୍ଷା ଦିନ ୩୦ ମିନିଟ୍ ପୂର୍ବରୁ ଲକର୍‌ରୁ ବାହାର କରି ପରୀକ୍ଷା କେନ୍ଦ୍ରକୁ ନେଇଥାନ୍ତି । ଗଞ୍ଜାମ ଜିଲ୍ଲାରେ ମୋଟ୍ ୭ଟି ଆଇସିଏସ୍ଇ କେନ୍ଦ୍ର ଥିବା ବେଳେ ବ୍ରହ୍ମପୁରରେ ୫ଟି ଏବଂ ଛତ୍ରପୁର ଓ ଗଞ୍ଜାମରେ ଗୋଟିଏ ଲେଖାଏଁ କେନ୍ଦ୍ର ରହିଛି । ବ୍ରହ୍ମପୁରରେ ଥିବା ୫ଟି କେନ୍ଦ୍ର ବା ସ୍କୁଲ ମଧ୍ୟରୁ ୪ଟି ଯଥା ଡ଼ିପଲ, ସେଂଟ ଭିନ୍ ସେଂଟ, ଏମ୍‌ଏଭି ଓ ଗୁରୁ ନାନକ ପବ୍ଲିକ୍ ସ୍କୁଲରୁ ଉତ୍ତର ଖାତା ସୁବାରାଓ ଛକ ସ୍ଥିତ ଡ଼ିଟିଡ଼ିସି ଶାଖା କେନ୍ଦ୍ରକୁ ଯାଉଛି । ସେହିଭଳି ସେଂଟ୍ ଯୋସେଫ୍ ସ୍କୁଲ କେନ୍ଦ୍ରର ପରୀକ୍ଷାର୍ଥୀଙ୍କ ଉତ୍ତର ଖାତା ବଡ଼ବଜାର ସ୍ଥିତ ଡ଼ିଟିଡ଼ିସି ଶାଖା ପକ୍ଷରୁ ଡ଼ିପୋକୁ ପ୍ରେରଣ କରାଯାଉଛି । ସେହିଭଳି ଉଭୟ ଛତ୍ରପୁର ଓ ଗଞ୍ଜାମରୁ ଛତ୍ରପୁର ସ୍ଥିତ ଡ଼ିଟିଡ଼ିସି ଖାତା ଜରିଆରେ ଉତ୍ତର ଖାତା ସଂଗ୍ରହ କରାଯାଇ ପ୍ରେରଣ କରାଯାଉଛି । ଆଇସିଏସ୍ଇର ମାଟ୍ରିକ୍ ପରୀକ୍ଷାର ପ୍ରଶ୍ନପତ୍ର ଯୋଗାଣ ଓ ବଣ୍ଟନ ବ୍ୟବସ୍ଥା ଏଭଳି ଥିବାବେଳେ ଉତ୍ତର ଖାତାକୁ ମୂଲ୍ୟାୟନ କେନ୍ଦ୍ରକୁ ନେବା ବ୍ୟବସ୍ଥାକୁ ଦେଖିଲେ ଅଭିଭାବକଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଯାଉଛି । ପିଲାଙ୍କ ଭବିଷ୍ୟତ ନିର୍ଭର କରୁଥିବା ମାଟ୍ରିକ୍ ଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ପାଇଁ ବୋର୍ଡ଼ ପକ୍ଷରୁ ଥିବା ଏଭଳି ଅସୁରକ୍ଷିତ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ଦାବି ହୋଇଛି ।

# ସଫଳତା ପାଇଁ ଅନ୍ତର୍ନିହିତ ଗୁଣକୁ ବିକଶିତ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ସଫଳତା ହାସଲ କରିବା କ୍ଷେତ୍ରରେ ଦକ୍ଷତା ଓ କାର୍ଯ୍ୟ କୁଶଳତା ହିଁ ମାପଦଣ୍ଡ ବୋଲି ଅନେକଙ୍କର ଚିନ୍ତାଧାରା ରହିଥିବା ବେଳେ ପ୍ରକୃତରେ କିନ୍ତୁ ମଣିଷର ମାନସିକତା ହିଁ ତାକୁ ଆଗକୁ ବଢ଼ିବାରେ ସହାୟକ ହୋଇଥାଏ ବୋଲି ମତ ରଖିଛନ୍ତି ପଥ ପ୍ରଦର୍ଶକ, ବିଶିଷ୍ଟ ପ୍ରେରଣାଦାୟୀ ବକ୍ତା, ସାଧୁ ତଥା ଲେଖକ ଗୌର ଗୋପାଳ ଦାସ । ଶୁକ୍ରବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଆନୁଆଲ୍ ଟ୍ୟାଲେଣ୍ଟ ଏନ୍‌ଗେଜମେଣ୍ଟ କାର୍ଯ୍ୟକ୍ରମ 'ସୋଆ ପ୍ରକ୍ସିମା ୨୦୨୬'ର ୩-ଦିନିଆ ଉତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୌର ଗୋପାଳ ଦାସ ଛାତ୍ରଛାତ୍ରୀଙ୍କୁ କହିଛନ୍ତି ଯେ କର୍ପୋରେଟ ଜଗତର ପସନ୍ଦ ଦକ୍ଷ ଓ କାର୍ଯ୍ୟ କୁଶଳତା ସମ୍ପନ୍ନ ବ୍ୟକ୍ତିଙ୍କ ପ୍ରତି ଅଧିକ ରହିଥିବା ବେଳେ ସଫଳତା ପ୍ରତି ଅଧିକ ଆସକ୍ତି ରଖୁନଥିବା ଚିନ୍ତାଧାରାର ବ୍ୟକ୍ତି ବିଶେଷ ହିଁ ପ୍ରକୃତରେ ନିଜ ଜୀବନରେ ଉନ୍ନତି କରିଥାନ୍ତି । 'ୟୁ କ୍ୟାନ୍ ହାଭ୍ ଇଟ୍ ଅଲ୍' ପୁସ୍ତକର ଲେଖକ ସନ୍ଥ ଦାସ କହିଛନ୍ତି ଯେ 'ମୋତେ ଯଦି କାହାକୁ ନିଯୁକ୍ତି ଦେବାକୁ କୁହାଯାଏ ତେବେ ମୁଁ ଦକ୍ଷତା ଓ କାର୍ଯ୍ୟ କୁଶଳତା ପ୍ରତି ଧ୍ୟାନ ନଦେଇ ସେହି ବ୍ୟକ୍ତିର ଅନ୍ତର୍ନିହିତ ବିଶେଷତ୍ୱକୁ ଅଧିକ ପ୍ରାଧାନ୍ୟ ଦେବି ।' ଛାତ୍ରଛାତ୍ରୀମାନଙ୍କ ସହିତ ଖୁବ୍ ଖୁସି ମିଜାଜରେ ଆଲୋଚନା କରିବା ସମୟରେ ଦାସ ସେମାନଙ୍କୁ ବୁଝାଇଥିଲେ ଯେ ରଙ୍ଗବେରଙ୍ଗ ବେଲୁନ୍‌ଗୁଡ଼ିକ ଆକାଶରେ ସେଗୁଡ଼ିକର ରଙ୍ଗ ନିମନ୍ତେ ଅଧିକ ଉଚ୍ଚରେ ଉଡ଼ି ନଥାଏ । କେବଳ ସେହି ବେଲୁନ୍‌ଗୁଡ଼ିକ ଉପରକୁ ଉଠିଥାଏ ଯେଉଁଥିରେ ଆବଶ୍ୟକୀୟ ଗ୍ୟାସ୍ ଭର୍ତି ହୋଇରହିଥାଏ । ଦକ୍ଷତା ଜରୁରୀ ହେଲେ ମଧ୍ୟ ସଫଳତା ହାସଲ କରିବା ନିମନ୍ତେ ସେହିଭଳି ମନୋବୃତି ରହିବା ଉଚିତ୍ ବୋଲି ସେ କହିବା ସହ ମହାଭାରତ କାବ୍ୟର ଉଦାହରଣ ଦେଇ କହିଥିଲେ ଯେ ଅର୍ଜୁନ ଖୁବ୍ ଦକ୍ଷ ଥିଲେ ଏବଂ ତାଙ୍କ ପାଖରେ ସମସ୍ତ ଅସ୍ତ୍ରଶସ୍ତ୍ର ଥିଲା । କିନ୍ତୁ ଯୁଦ୍ଧ ଲଢ଼ିବା ପାଇଁ ତାଙ୍କ ପାଖରେ ମନୋବଳ ନଥିଲା । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନ୍ତର୍ନିହିତ ଗୁଣର ଆବଶ୍ୟକତାକୁ ବିସ୍ତୃତ ଭାବେ ବୁଝାଇ ସନ୍ଥ ଦାସ କହିଥିଲେ ଯେ ପିଲାମାନେ ରଙ୍ଗବେରଙ୍ଗ ପ୍ରଜାପତିଙ୍କୁ ଧରିବାକୁ ଖୁବ୍ ଭଲ ପାଇଥାନ୍ତି । କିନ୍ତୁ ଗୋଟିଏ ସୁନ୍ଦର ବଗିଚା ପ୍ରସ୍ତୁତ କରିବା ଆବଶ୍ୟକ ଯେଉଁଠାକୁ ବିଭିନ୍ନ ପ୍ରଜାପତି ଆସି ଘୂରି ବୁଲିବେ । ଛାତ୍ରଛାତ୍ରୀମାନଙ୍କୁ ସଫଳତା ହାସଲ କରିବା ନିମନ୍ତେ ବିକାଶ ଉପରେ



ଗୁରୁତ୍ୱ ନଦେଇ ସେ କହିଥିଲେ ଯେ ନିଜର ବଗିଚା ନିଜେ ପ୍ରସ୍ତୁତ କର ଯେଉଁଥିରେ କି ପ୍ରଜାପତିମାନେ ଉଡ଼ି ବୁଲିବେ । ସଫଳତା ହାସଲ କରିବା ନିମନ୍ତେ କଠିନ ପରିଶ୍ରମର ଆବଶ୍ୟକତା ରହିଥିବା ସେ କହିଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶକ (କର୍ପୋରେଟ ଆଫେୟାର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ କନେକ୍ଟ) ରୀପ୍ତି ରଞ୍ଜନ ଦାଶ ବକ୍ତବ୍ୟ ରଖିଥିଲେ । ସନ୍ଥ ଦାସ ଛାତ୍ରଛାତ୍ରୀମାନଙ୍କୁ ଅନ୍ୟର ଉନ୍ନତି କିମ୍ବା ସଫଳତା ସହିତ ନିଜର ତୁଳନା ନକରିବାକୁ ଉପଦେଶ ଦେଇଥିଲେ । ସେ କହିଥିଲେ ଯେ ଅନେକ କ୍ଷେତ୍ରରେ ଅଭିଭାବକମାନେ ନିଜ ପିଲାଙ୍କୁ ଅନ୍ୟର ପ୍ରଦର୍ଶନ ସହ ତୁଳନା କରିଥାନ୍ତି । ତେବେ ସେମାନଙ୍କ ସମୟ ଅନୁଯାୟୀ ଏହି ବିଷୟକୁ ସେମାନେ ବୁଝିଥିଲେ । ସେ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଯେ ଅନ୍ୟ କିଏ କ'ଣ କରୁଛି ସେ ବିଷୟରେ ତୁମେ ଚିନ୍ତା ନକରି ତୁମେ ନିଜେ କ'ଣ କରୁଛ ସେ ଦିଗରେ ମନୋନିବେଶ କର । ଏଥିସହିତ ସେ କହିଥିଲେ ଯେ ଜୀବନରେ ତ୍ରୁଟି ହେଉଛି ସବୁଠାରୁ ବଡ଼ ଶିକ୍ଷକ । କାରଣ ସଫଳତା ଅପେକ୍ଷା ତ୍ରୁଟି ଅଥବା ବିଫଳତାରୁ ଆମେ ଅଧିକ ଶିକ୍ଷାଲାଭ କରିଥାଉ । ତ୍ରୁଟି ମଣିଷକୁ ନମ୍ର କରିଥାଏ । ସଫଳତାର ସିଢ଼ି ଚଢ଼ି ଅହଂକାରୀ ପାଲଟିଥିବା ମଣିଷ ଠାରୁ ଏହି ଶିକ୍ଷା ଖୁବ୍ ଭଲ ବୋଲି ସେ କହିଥିଲେ । ନିଜ ତ୍ରୁଟିକୁ ଗ୍ରହଣ କରିବାର ମନୋବୃତି ରଖୁଥିବା ମଣିଷ ହିଁ ଉନ୍ନତି କରିଥାଏ ଏବଂ କର୍ପୋରେଟ ଜଗତ ଏଭଳି ମଣିଷକୁ ହିଁ ଲୋଡିଥାନ୍ତି । ତ୍ରୁଟିରୁ ହିଁ ମଣିଷକୁ ଆଗକୁ ବଢ଼ିବାର ରାସ୍ତା ମିଳିଥାଏ ବୋଲି ସେ କହିଥିଲେ । ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଅର୍ଥାତ୍ କୃତ୍ରିମ ବୁଦ୍ଧିମତା ସମ୍ପର୍କରେ ନିଜର ମତ ରଖି ସନ୍ଥ ଦାସ କହିଥିଲେ ଯେ ଯଦିଓ ଚାକିରି କ୍ଷେତ୍ରରେ ଏହା ସମସ୍ୟା ସୃଷ୍ଟି କରିବାର ଭୟ ରହିଛି ତଥାପି ଏହା କେବେବି ମାନବିକ ସମ୍ବେଦନଶୀଳତା କିମ୍ବା ସର୍ଜନଶୀଳତା ସହ ତୁଳନୀୟ ନୁହେଁ । ମାନବପୁଞ୍ଜି ବିଶ୍ୱର ସବୁଠାରୁ ବଡ଼ ପୁଞ୍ଜି ବୋଲି ସେ କହିଥିଲେ । ଏହି ଅବସରରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ସନ୍ଥ ଗୌର ଗୋପାଳ ଦାସଙ୍କୁ ସ୍ୱାଗତ କରିଥିଲେ । ସନ୍ଥ ଦାସ ତାଙ୍କୁ ସ୍ୱଲିଖିତ ଏକ ପୁସ୍ତକ ଉପହାର ଦେଇଥିଲେ । କାର୍ଯ୍ୟକ୍ରମର ସ୍ୱତନ୍ତ୍ର ପର୍ଯ୍ୟାୟ 'ସେଲିବ୍ରେସନ୍ ଅଫ୍ ଏକ୍ସିଲେନ୍ସ' ଅବସରରେ କର୍ପୋରେଟ ଜଗତର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ଉଦ୍‌ଘାଟନୀ ଉତ୍ସବର ଶେଷ ପର୍ଯ୍ୟାୟରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ଅନ୍ତର୍ଗତ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ଦେବାହୁତି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ମିଳିଲା ଅନୁମତି : ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ ଆଇପିଏଲ୍ ମ୍ୟାଚ୍




**ବେଙ୍ଗାଲୁରୁ**

ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ଆଇପିଏଲ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ତା'ର ଘରୋଇ ମ୍ୟାଚ୍ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳିବ। ଏଥିଲାଗି କର୍ଣ୍ଣାଟକ ସରକାର ସୋମବାର କର୍ଣ୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏସନ (କେଏସ୍‌ସିଏ) ଓ ଆରସିବିକୁ ଆନୁଷ୍ଠାନିକ ଭାବେ ଅନୁମତି ପ୍ରଦାନ କରିଛନ୍ତି। ଏଥିସହିତ ଆରସିବିର ଆଇପିଏଲ୍ ବିଜୟ ଉତ୍ସବରେ ଘଟିଥିବା ଦଳାଚକଟା ପରେ ଦେଖାଦେଇଥିବା ଅନିଶ୍ଚିତତାର ଅନ୍ତ ଘଟିଛି। ଆସନ୍ତା ୨୮ ତାରିଖରେ ଆଇପିଏଲ୍‌ର ୧୯ତମ ସଂସ୍କରଣର ଉଦ୍‌ଘାଟନୀ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦକୁ ଆରସିବି ଭେଟିବ। କାର୍ଯ୍ୟସୂଚୀ ମୁତାବକ ଏହି ମ୍ୟାଚ୍ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ। ବିଶେଷଜ୍ଞ କମିଟି ସହ କର୍ନାଟକ ଗୃହ ମନ୍ତ୍ରୀ ପରମେଶ୍ୱରଙ୍କ ବୈଠକ ପରେ ଆନୁଷ୍ଠାନିକ ଭାବେ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆଇପିଏଲ୍ ମ୍ୟାଚ୍ ଆୟୋଜନ କରିବାକୁ ଅନୁମତି ଦିଆଯାଇଛି।

ବୈଠକରେ କେଏସ୍‌ସିଏ, ଆରସିବି ଓ ସେମାନଙ୍କ ମ୍ୟାନେଜମେଣ୍ଟ ଫାର୍ମ ଡିଏନଏର ସଦସ୍ୟଙ୍କୁ ନେଇ ଗଠିତ ବିଶେଷଜ୍ଞ କମିଟି ମ୍ୟାଚ୍ ଆୟୋଜନ ଲାଗି କରାଯାଇଥିବା ବ୍ୟବସ୍ଥାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ତେବେ ଆରସିବି ବେଙ୍ଗାଲୁରୁରେ ୫ଟି ଘରୋଇ ମ୍ୟାଚ୍ ଖେଳିବ ଏବଂ ବଳକା ୨ଟି ମ୍ୟାଚ୍ ରାଇପୁରର ଶହିଦ ବୀର ନାରାୟଣ ସିଂ ଷ୍ଟାଡିୟମରେ ଖେଳିବ।

# ଆଇପିଏଲ-୧୯ : ଅଭ୍ୟାସ ଆରମ୍ଭ କଲା ମୁମ୍ବାଇ ଇଣ୍ଡିଆନ



**ନୂଆଦିଲ୍ଲୀ**

ମାର୍ଚ୍ଚ ୨୮ ତାରିଖରୁ ଆରମ୍ଭ ହେବ ଆଇପିଏଲ୍‌ର ୧୯ତମ ସଂସ୍କରଣ। ପ୍ରତିଯୋଗିତାର ସବୁଠୁ ସଫଳତମ ଦଳ ମୁମ୍ବାଇ ଇଣ୍ଡିଆନ୍ସ ନୂଆ ସିଜନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଦଳର ପ୍ରମୁଖ ସଦସ୍ୟମାନେ ନୂଆଦିଲ୍ଲୀରେ ବିସିସିଆଇର ବାର୍ଷିକ ପୁରସ୍କାର ଉତ୍ସବରେ ଯୋଗ ଦେଇଛନ୍ତି। ଏପଟେ ଦଳର ଅନ୍ୟ ଘରୋଇ ଖେଳାଳିମାନେ ୱାଙ୍ଖେଡ଼େ ଷ୍ଟାଡ଼ିୟମ୍‌ରେ ଏକତ୍ରିତ ହୋଇଛନ୍ତି। ମୁଖ୍ୟ କୋଚ ମାହେଲା ଜୟବର୍ଦ୍ଧନେ ଦଳର ପ୍ରସ୍ତୁତି ଶିବିର ପରିଚାଳନା କରୁଛନ୍ତି। ସୂଚନା ଅନୁଯାୟୀ, ରବିବାର ମୟଙ୍କ ମାର୍କଣ୍ଡେ, ରଘୁ ଶର୍ମା, ନମନ ଧିର, ଡାନିଶ ମାଲେୱାର ପ୍ରମୁଖ ଦଳରେ ଯୋଗ ଦେଇଥିଲେ। ମାର୍କଣ୍ଡେ ଗତ ସିଜନରେ ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଖେଳିଥିଲେ। ରଘୁ ଶର୍ମା ନବାଗତ ଭାବେ ଏଥର ଦଳରେ ସ୍ଥାନ ପାଇଛନ୍ତି। ତାଙ୍କୁ ବିଘ୍ନେଶ ପୁଥୁରଙ୍କ ସ୍ଥାନରେ ସୁଯୋଗ ମିଳିଛି। ନମନ ଧିର ମୁମ୍ବାଇ ଇଣ୍ଡିଆନ୍ସର ପ୍ରମୁଖ ସଦସ୍ୟ। ଗତ ସିଜନରେ ସେ ୧୮୨.୬୦ ଷ୍ଟ୍ରାଇକ ରେଟ୍‌ରେ ୨୫୨ ରନ ସଂଗ୍ରହ କରିଥିଲେ। ଗତ ବର୍ଷ ମୁମ୍ବାଇ ଇଣ୍ଡିଆନ୍ସ ୮ଟି ମ୍ୟାଚ୍ ଜିତି ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲା। ମାତ୍ର ଦ୍ୱିତୀୟ କ୍ୱାଲିଫାୟରରେ ପଞ୍ଜାବ କିଙ୍ଗ୍‌ସ ଠାରୁ ପରାଜିତ ହୋଇ ବିଦାୟ ନେଇଥିଲା।

ଆସନ୍ତା ୨୯ ତାରିଖରେ ମୁମ୍ବାଇ ଇଣ୍ଡିଆନ୍ସ ଅଭିଯାନ ଆରମ୍ଭ କରିବ। ପ୍ରଥମ ମ୍ୟାଚରେ ଦଳ କୋଲକାତା ନାଇଟ୍ ରାଇଡର୍ସକୁ ଭେଟିବ। ଜୟପୁରରେ ଅଭ୍ୟାସ, ଗୌହାଟୀରେ ମ୍ୟାଚ୍ ନୂଆ ରୂପରେ ଏଥର ଗ୍ରାଉଣ୍ଡକୁ ଓହ୍ଲାଇବାକୁ ଯାଉଥିବା ରାଜସ୍ଥାନ ରୟାଲ୍ସ ଦଳ ମଙ୍ଗଳବାର ଠାରୁ ପ୍ରସ୍ତୁତି ଆରମ୍ଭ କରିବ। ସୱାଇ ମାନସିଂ ଷ୍ଟାଡ଼ିୟମ୍‌ରେ ହିଁ ଦଳର ପ୍ରସ୍ତୁତି ଶିବିର ଚାଲିବ। ଏଥର ରିୟାନ ପରାଗ ଦଳର ନେତୃତ୍ୱ ନେଉଛନ୍ତି। ଯଶସ୍ୱୀ ଜୈସ୍ୱାଲ, ବୈଭବ ସୂର୍ଯ୍ୟବଂଶୀଙ୍କ ଭଳି ଅନେକ ଯୁବ ଖେଳାଳି ଦଳର ଭାଗ୍ୟ ନିର୍ଦ୍ଧାରଣ କରିବେ। ଆଇପିଏଲ୍‌ର ପ୍ରଥମ ପର୍ଯ୍ୟାୟ କ୍ରୀଡ଼ାସୂଚୀ ଅନୁଯାୟୀ ରାଜସ୍ଥାନ ରୟାଲ୍ସ ପ୍ରଥମ ୨ଟି ଘରୋଇ ମ୍ୟାଚ ଗୌହାଟୀର ବର୍ଷାପଡ଼ା ଗ୍ରାଉଣ୍ଡରେ ଖେଳିବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ସୱାଇ ମାନସିଂ ଷ୍ଟାଡ଼ିୟମ୍ ଦଳର ପ୍ରମୁଖ ଘରୋଇ ଗ୍ରାଉଣ୍ଡ। ତେଣୁ ସେଠାରେ ଦଳ ଅଭ୍ୟାସ ଶିବିର ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି। କିଛି ଦିନ ତଳେ ନାଗପୁରରେ ରାଜସ୍ଥାନ ରୟାଲ୍ସର ଏକ ଫିଟ୍‌ନେସ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ବୈଭବ, ରବି ବିଷ୍ଣୋଇ, ସନ୍ଦିପ ଶର୍ମାଙ୍କ ସମେତ ରବିନ୍ଦ୍ର ଜାଡ଼େଜା ଯୋଗ ଦେଇଥିଲେ। ମୁଖ୍ୟ କୋଚ୍ କୁମାର ସାଙ୍ଗାକାରା ମଧ୍ୟ ଉପସ୍ଥିତ ଥିଲେ।

# ଜାନିକ୍ ସିନର ଜିତିଲେ ଇଣ୍ଡିଆନ୍ ୱେଲସ୍ ଓପନ୍



**ଇଣ୍ଡିଆନ୍ ୱେଲସ୍**

ଇଟାଲୀର ଜାନିକ୍ ସିନର ପ୍ରଥମ ଥର ପାଇଁ ପୁରୁଷ ଏକକ ବର୍ଗରେ ଇଣ୍ଡିଆନ୍ ୱେଲସ୍ ଓପନ୍ ବିଜୟୀ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ୍‌ରେ ସେ ଡାନିଲ୍ ମେଡଭେଡେଭ୍‌ଙ୍କୁ ୭-୬(୬), ୭-୬(୪)ରେ ପରାସ୍ତ କରି ଟାଇଟେଲ୍ ହାତେଇଛନ୍ତି। ଏହି ବିଜୟ ସହ ୬ଟି ଏଟିପି ମାଷ୍ଟର୍ସ ୧୦୦୦ ହାର୍ଡ କୋର୍ଟ ଟାଇଟେଲ୍ ଜିତିବାରେ ତୃତୀୟ ଖେଳାଳି ହୋଇଛନ୍ତି। ପୂର୍ବରୁ ନୋଭାକ୍ ଜୋକୋଭିକ୍ ଓ ରୋଜର ଫେଡେରର ଏହି ସଫଳତା ହାସଲ କରିଥିଲେ। ସେହିପରି ମହିଳା ଏକକ ବର୍ଗରେ ଆରିନା ସାବାଲେଙ୍କା ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ବିଜୟୀ ହୋଇଛନ୍ତି। ଫାଇନାଲ୍‌ରେ ସେ ଏଲେନା ରିବାକିନାଙ୍କୁ ୩-୬,୬-୩,୭-୬(୬)ରେ ପରାସ୍ତ କରିଥିଲେ। ସାବାଲେଙ୍କା ପ୍ରଥମ ସେଟ୍‌ରେ ରିବାକିନାଙ୍କଠାରୁ ୩-୬ରେ ପରାସ୍ତ ହେବା ପରେ ଦ୍ୱିତୀୟ ସେଟ୍‌ରେ ଜୋରଦାର ପ୍ରତ୍ୟାବର୍ତ୍ତନ କରିବା ସହ ୬-୩ରେ ବିଜୟୀ ହୋଇଥିଲେ। ଏହାପରେ ତୃତୀୟ ତଥା ନିର୍ଣ୍ଣାୟକ ସେଟ୍‌ରେ ଉଭୟଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା, ତେବେ ସାବାଲେଙ୍କା ଟାଇବ୍ରେକର ମାଧ୍ୟମରେ ଏହି ସେଟକୁ ଜିତିବା ସହ ଟାଇଟେଲ୍ ବିଜୟୀ ହୋଇଥିଲେ।

# ୨୦୨୬ ଆଇପିଏଲ ସିଜିନ ହେବ ବୈଭବଙ୍କ ପାଇଁ ଏକ ଶିକ୍ଷଣୀୟ ପର୍ଯ୍ୟାୟ : ରବିନ ଉଥାପା



**ନୂଆଦିଲ୍ଲୀ**

ରାଜସ୍ଥାନ ରୟାଲ୍ସ ପାଇଁ ଡେବ୍ୟୁ କରି ବୈଭବ ସୂର୍ଯ୍ୟବଂଶୀ ପୂର୍ବ ଆଇପିଏଲ ସଂସ୍କରଣରେ ଏକ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ଆଇପିଏଲରେ ଦ୍ରୁତତମ ଭାରତୀୟ ଶତକ ହାସଲ କରିଥିବା ବ୍ୟାଟ୍‌ସମ୍ୟାନ ହୋଇଥିଲେ। ପରବର୍ତ୍ତୀ ସମୟରେ, ସେ ୧୯ ବର୍ଷରୁ କମ୍ ଦଳ ସହିତ ଏହି ପ୍ରଭାବଶାଳୀ ଫର୍ମ ବଜାୟ ରଖିଥିଲେ। ପ୍ରକୃତରେ, ସେ ସେବେଠାରୁ ଖେଳିଥିବା ପ୍ରତ୍ୟେକ ଫର୍ମାଟ ଏବଂ ଟୁର୍ଣ୍ଣାମେଣ୍ଟରେ ପ୍ରଭାବିତ କରିଛନ୍ତି। ତଥାପି ୨୦୨୬ ଆଇପିଏଲ ସିଜିନ ପୂର୍ବରୁ, ପୂର୍ବତନ କ୍ରିକେଟର ରବିନ ଉଥାପ୍ପା ତାଙ୍କ ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି। ଉଥାପ୍ପାଙ୍କ ଅନୁସାରେ, ବୈଭବ ଖୁବ୍ ଭାଗ୍ୟଶାଳୀ।

ରବିନ ଉଥାପ୍ପା ବିଶ୍ୱାସ କରନ୍ତି ଯେ ଖେଳର ମାନ ବୃଦ୍ଧି ପାଇବା ସହିତ, ବୈଭବ ସୂର୍ଯ୍ୟବଂଶୀ ଅସୁବିଧାର ସମ୍ମୁଖୀନ ହେବେ; ବର୍ତ୍ତମାନ, ସେ ବଞ୍ଚିବା ପାଇଁ ତାଙ୍କ ଭାଗ୍ୟ ଉପରେ ବହୁତ ନିର୍ଭର କରୁଛନ୍ତି। ଷ୍ଟାର ସ୍ପୋର୍ଟସରେ କଥାବାର୍ତ୍ତା କରି ଉଥାପ୍ପା ଉଲ୍ଲେଖ କରିଥିଲେ ଯେ ସେ ଗତ ୧୨ ମାସ ଧରି ବୈଭବ ଖେଳିଥିବା ପ୍ରତ୍ୟେକ ମ୍ୟାଚ୍ ଉପରେ କଡ଼ା ନଜର ରଖିଛନ୍ତି। ପୂର୍ବତନ କ୍ରିକେଟରଙ୍କ ଅନୁସାରେ, ବୈଭବ ଜଣେ ଚମତ୍କାର ପ୍ରତିଭା, କିନ୍ତୁ ଏହି ମୁହୂର୍ତ୍ତରେ, ସେ ତାଙ୍କ ଭାଗ୍ୟ ଦ୍ୱାରା ପରିଚାଳିତ ହେଉଛନ୍ତି।

ଉଥାପ୍ପା ଆହୁରି କହିଛନ୍ତି ଯେ ପ୍ରତିପକ୍ଷମାନେ ଏବେ ଜାଣିଛନ୍ତି ଯେ ତାଙ୍କୁ କେଉଁଠାରେ ବୋଲିଂ କରିବାକୁ ହେବ। ନୂତନତାର ଉପାଦାନ କ୍ଷୟ ହୋଇଯାଇଛି ଏବଂ ଆଗକୁ ପ୍ରତିଯୋଗିତାର ସ୍ତର ତୀବ୍ର ହେବା ସହିତ ସେ ନିଶ୍ଚିତ ଭାବରେ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ପୂର୍ବତନ କ୍ରିକେଟରଙ୍କ ଅନୁଯାୟୀ, ୨୦୨୬ ଆଇପିଏଲ ସିଜିନ ବୈଭବଙ୍କ ପାଇଁ ଏକ ଶିକ୍ଷଣୀୟ ପର୍ଯ୍ୟାୟ ହେବ। ଉଥାପ୍ପା ବିଶ୍ୱାସ କରନ୍ତି ଯେ ବୈଭବ ଏହି ସିଜିନରେ ମଧ ରନ କରିବେ, ସେ ଭବିଷ୍ୟବାଣୀ କରିଛନ୍ତି ଯେ ଏହା ଗତ ବର୍ଷ ଯେପରି ଅନୁଭବ କରିଥିଲେ ସେପରି ସିଜିନ ହେବ ନାହିଁ।

ରାଜସ୍ଥାନ ରୟାଲ୍ସ ୧.୧୦କୋଟି ମୂଲ୍ୟରେ ତାଙ୍କ ସେବା ହାସଲ କରିଥିଲା। ସେ ଏହି ଲିଗ୍‌ରେ ପ୍ରତିଯୋଗିତା କରୁଥିବା ସବୁଠାରୁ ଯୁବ ଖେଳାଳି। ୨୦୨୫ ରେ ତାଙ୍କର ଡେବ୍ୟୁ ସିଜିନ ସମୟରେ, ସେ ଅନେକ ରେକର୍ଡ ସ୍ଥାପନ କରିଥିଲେ, ଯେଉଁଥିରେ ଶତକ ମାରିଥିବା ସବୁଠାରୁ ଯୁବ ଖେଳାଳି ହେବାର ଗୌରବ ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ଆଇପିଏଲ ଇତିହାସରେ ଜଣେ ବ୍ୟାଟ୍‌ସମ୍ୟାନଙ୍କ ଦ୍ୱାରା ଦ୍ୱିତୀୟ ଦ୍ରୁତତମ ଶତକର ରେକର୍ଡ ତାଙ୍କ ନାମରେ ଅଛି। ସେ କେବଳ ୩୫ ବଲରେ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ଏହି ଐତିହାସିକ ଶତକ ହାସଲ କରିଥିଲେ। ୧୪ ବର୍ଷୀୟ ବୈଭବ ଆଇପିଏଲରେ ଖେଳିଥିବା ୭ଟି ମ୍ୟାଚରୁ ୨୫୨ ରନ ସଂଗ୍ରହ କରିଛନ୍ତି, ଯେଉଁଥିରେ ଗୋଟିଏ ଶତକ ଏବଂ ଗୋଟିଏ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ।

# ଏଲ୍‌ଏଲ୍‌ସିସି ୧୪ ବର୍ଷରୁ କମ୍ କ୍ରିକେଟ୍ : କ୍ୱାର୍ଟରରେ ଏମ୍‌ସିଏ



**ଭୁବନେଶ୍ୱର**

ସ୍ଥାନୀୟ ଆଇଆରସି ଭିଲେଜ୍ ପଡ଼ିଆଠାରେ ଆରମ୍ଭ ହୋଇଥିବା ପଞ୍ଚମ ଏଲ୍‌ଏଲ୍‌ସିସି କପ୍ ୧୪ ବର୍ଷରୁ କମ୍ କ୍ରିକେଟ୍ ପ୍ରତିଯୋଗିତାର ପ୍ରି-କ୍ୱାର୍ଟରରେ କଟକର ମନୋଜ କ୍ରିକେଟ୍ ଏକାଡେମୀ (ଏମ୍‌?ସିଏ) ୨୦୩ ରନ୍‌ର ବଡ଼ ବ୍ୟବଧାନରେ ଏଲ୍‌ଏଲ୍‌ସିସି-ବି'କୁ ପରାସ୍ତ କରି କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛି। ଏହି ମୁକାବିଲାରେ ଏଲ୍‌ଏଲ୍‌ସିସି-ବି' ଟସ୍ ଜିତି ପ୍ରତିପକ୍ଷ ଏମ୍‌ସିଏ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଏହି ନିଷ୍ପତ୍ତି କିନ୍ତୁ ତା' ପାଇଁ ବୁମେରାଂ ସାବ୍ୟସ୍ତ ହୋଇଥିଲା। କୌଶିକ କୁମାର ସାହୁ (୧୧୩)ଙ୍କ ଧୂଆଁଧାର ଶତକ ଏବଂ ସାଇ ପ୍ରଜ୍ୟୋତି ଶତପଥୀଙ୍କ ଦ୍ରୁତ ୮୪ ରନ୍ ବଳରେ ଏମ୍‌ସିଏ ୩୫ ଓଭରରେ ମାତ୍ର ୩ ୱିକେଟ୍ ହରାଇ ୩୧୫ ରନ୍‌ର ବଡ଼ ସ୍କୋର କରିଥିଲା। ଜବାବରେ ଏଲ୍‌ଏଲ୍‌ସିସି-ବି' ଦଳ ୨୬.୫ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୧୦୯ ରନ୍ କରିପାରିଥିଲା। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ସାଇ ପ୍ରଜ୍ୟୋତି (୮୪ ରନ୍, ୩ ୱିକେଟ୍)ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ମ୍ୟାଚ୍ ପୂର୍ବରୁ କର୍ପୋରେଟର ମାନସୀରାଣୀ ସୁନ୍ଦରାୟ, ଭୁବନେଶ୍ୱର ଦୌଡ଼କୁଦ ସଂଘ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଏବଂ ଓଡ଼ିଶା ରଣଜୀ ଦଳର ପୂର୍ବତନ ଅଧିନାୟକ ତଥା ବର୍ତ୍ତମାନ ଉତ୍ତରାଖଣ୍ଡର ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ରଶ୍ମିରଞ୍ଜନ ପରିଡ଼ା ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।

# ଖୁବ୍‌ଶୀଘ୍ର ଘୋଷଣା ହେବ ଆଇପିଏଲ୍ ୨୦୨୬ ସିଡ୍ୟୁଲର ଦ୍ୱିତୀୟ ଫେଜ୍ : ରାଜୀବ ଶୁକ୍ଳା




**ମୁମ୍ବାଇ**

ଆଇପିଏଲ୍ ୨୦୨୬ ପ୍ରଥମ ଫେଜର ସିଡ୍ୟୁଲ ଆସିସାରିଛି। ଯାହାର ଆରମ୍ଭ ୨୦ ମାର୍ଚ୍ଚର କାର୍ଯ୍ୟକ୍ରମ ଜାରି କରାଯାଇଥିଲା। ଏବେ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟର ସିଡ୍ୟୁଲକୁ ନେଇ ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଳା ବଡ଼ ଅପଡେଟ୍ ଦେଇଛନ୍ତି। ପ୍ରକାଶ ଯେ, ନିର୍ବାଚନ ଆୟୋଗ ରବିବାର ୫ ରାଜ୍ୟରେ ହେବାକୁ ଥିବା ନିର୍ବାଚନ ତାରିଖର ଘୋଷଣା କରିଦେଇଛନ୍ତି। ନିର୍ବାଚନର ତାରିଖକୁ ଦେଖି ଆଇପିଏଲ ସିଡ୍ୟୁଲ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଜାରି କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଗତ ବୁଧବାର ସିଡ୍ୟୁଲର ପ୍ରଥମ ପର୍ଯ୍ୟାୟର ଘୋଷଣା ହୋଇଥିଲା। ରାଜୀବ ଶୁକ୍ଳା କହିଛନ୍ତି, ନିର୍ବାଚନ ତାରିଖ ଘୋଷଣା ହୋଇସାରିଛି। ଚାରି ସ୍ଥାନରେ ମତଦାନ ଗୋଟିଏ ପର୍ଯ୍ୟାୟରେ ହେବ ଏବଂ ପଶ୍ଚିମବଙ୍ଗରେ ଦୁଇଟି ପର୍ଯ୍ୟାୟରେ ହେବ। ଏବେ ଆଇପିଏଲର ସିଡ୍ୟୁଲ ଖୁବ୍‌ଶୀଘ୍ର ଜାରି ହେବ।

ଚଳିତ ବର୍ଷର ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳ ସହ ପ୍ରାୟ ୫ ରାଜ୍ୟରେ ନିର୍ବାଚନ ହେବ। ଯେଉଁଥି ପାଇଁ ନିର୍ବାଚନ ଆୟୋଗର ତାରିଖ ଘୋଷଣା କରିଛନ୍ତି। ଏହି ରାଜ୍ୟରେ ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳ ଏବଂ ପଣ୍ଡୁଚେରୀ ସାମିଲ ଅଛି। ପ୍ରକାଶ ଯେ, ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଆସାମରେ ଆଇପିଏଲର ମ୍ୟାଚ୍ ଖେଳାଯାଇଥାଏ। ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ ଅଧିକ ମ୍ୟାଚ୍ ହୋଇଥାଏ। ଯାହାକି ଆସାମରେ କମ୍ ମ୍ୟାଚ୍ ହୋଇଥାଏ। ପଶ୍ଚିମବଙ୍ଗର କୋଲକାତା, ତାମିଲନାଡୁର ଚେନ୍ନାଇ ଏବଂ ଆସାମର ଗୌହାଟୀରେ ଇଣ୍ଡିଆନ ପ୍ରିମିୟର ଲିଗ ମ୍ୟାଚ୍ ହେବ।

# ବାପା ହେବାକୁ ଯାଉଛନ୍ତି ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ



**ନୂଆଦିଲ୍ଲୀ**

ଭାରତୀୟ ଟି-୨୦ ଦଳର ଅଧିନାୟକ ତଥା ବିଶ୍ୱକପ ବିଜୟୀ ହିରୋ ସୂର୍ଯ୍ୟକୁମାର ଯାଦବଙ୍କ ଘରକୁ ଆସିବାକୁ ଯାଉଛି ନୂଆ ଅତିଥି। ଖୁବ୍‌ଶୀଘ୍ର ସୂର୍ଯ୍ୟକୁମାର ବାପା ହେବାକୁ ଯାଉଥିବା ବେଳେ ଏବେ ପତ୍ନୀ ଦେବିଶା ଶେଟ୍ଟୀଙ୍କ 'ବେବି ସାୱାର' ଉତ୍ସବର ଏକ ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।

ଭାଇରାଲ ହେଉଥିବା ଭିଡିଓରେ ସୂର୍ଯ୍ୟକୁମାର ଏବଂ ଦେବିଶା ଏକ ସୁସଜ୍ଜିତ ହଲ୍‌କୁ ପ୍ରବେଶ କରୁଥିବା ଦେଖିବାକୁ ମିଳିଛି। ସେଠାରେ ବେବି ସାୱାର କାର୍ଯ୍ୟକ୍ରମ ଚାଲିଥିବା ବେଳେ ପରିବାର ଓ ସମ୍ପର୍କୀୟଙ୍କ ଗହଣରେ ଏହି ଖୁସିର ମୁହୂର୍ତ୍ତକୁ ପାଳନ କରୁଛନ୍ତି ଏହି ଦମ୍ପତି। ଦେବିଶା ଗର୍ଭବତୀ ଥିବା ନେଇ ବେଶ୍ କିଛି ଦିନ ହେବ ଚର୍ଚ୍ଚା ଚାଲିଥିବା ବେଳେ ଏହି ଭିଡିଓ ସାମ୍ନାକୁ ଆସିବା ପରେ ଏହା ଉପରେ ମୋହର ବାଜିଛି।

ସୂର୍ଯ୍ୟକୁମାର ଯାଦବ, ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ଆଇସିସି ଅଧ୍ୟକ୍ଷ ଜୟ ଶାହଙ୍କ ସହ ମୁମ୍ବାଇର ପ୍ରସିଦ୍ଧ ସିଦ୍ଧିବିନାୟକ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ସେମାନେ ଟି-୨୦ ବିଶ୍ୱକପ ଟ୍ରଫି ସହ ଗଣପତି ବାପ୍ପାଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ।

# କାବ୍ୟାଙ୍କ ଉପରେ ବର୍ଷିଲେ ଲିଟିଲ୍ ମାଷ୍ଟର



**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ପୂର୍ବତନ କ୍ରିକେଟର ଲିଟିଲ ମାଷ୍ଟର ଭାବେ ଜଣାଶୁଣା ସୁନୀଲ ଗାଭାସ୍କର ସନରାଇଜର୍ସ ହାଇଦ୍ରାବାଦର ମାଲିକାଣି କ୍ୟାବାଙ୍କ ଉପରେ ବର୍ଷିଛନ୍ତି। ଇଂଲଣ୍ଡର ଦି ହଣ୍ଡ୍ରେଡରେ ସନରାଇଜର୍ସ ଲିଡ୍ସର ମାଲିକାଣି ଥିବା କାବ୍ୟା ପାକିସ୍ତାନୀ ସ୍ପିନର ଅବରାର ଅହମ୍ମଦଙ୍କୁ ଦଳରେ ସାମିଲ କରିବା ପରେ ଭାରତରେ ସମାଲୋଚନାର ଶିକାର ହେଉଛନ୍ତି। ଯେଉଁଥିରେ ସାମିଲ ହୋଇଛନ୍ତି ଗାଭାସ୍କର। ସେ ମିଡ୍-ଡେ'ରେ ଏକ ସ୍ତମ୍ଭ ଲେଖିଛନ୍ତି। ଯେଉଁଥିରେ ସେ କାବ୍ୟାଙ୍କୁ କଡ଼ା ସମାଲୋଚନା କରିଥିବା ଦେଖିବାକୁ ମିଳିଛି।

ଗାଭାସ୍କର ନିଜର ସ୍ତମ୍ଭରେ ଲେଖିଛନ୍ତି କି, ଭାରତ-ପାକିସ୍ତାନ ମଧ୍ୟରେ ଦୀର୍ଘବର୍ଷ ଧରି ଚାଲିଥିବା ଘଟଣାବଳୀକୁ ଭୁଲିଗଲେ କି କାବ୍ୟା? ୨୦୦୮ ମସିହାର ମୁମ୍ବାଇ ଆକ୍ରମଣ ଘଟଣା ପରେ ପାକିସ୍ତାନୀ ଖେଳାଳିଙ୍କୁ ଆଇପିଏଲ ବ୍ୟାନ୍ ହୋଇଛି। ଏହାପରେ ୨୦୧୯ରେ ପୁଲୱାମା ଏବଂ ୨୦୨୫ରେ ଘଟିଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣକୁ କେମିତି ଭୁଲିଗଲେ। ଭାରତୀୟ ମାଲିକାନାରେ ଥିବା ଫ୍ରାଞ୍ଚାଇଜ ଯଦି ପାକିସ୍ତାନୀ ଖେଳାଳିଙ୍କୁ କିଣେ ଏବଂ ଟଙ୍କା ଦିଏ ଏହା ପାକିସ୍ତାନ ସରକାର ଟିକସ ପାଇବେ।

ପାକିସ୍ତାନ ସରକାର ଏଭଳି ଟିକସ ପାଉଥିବାବେଳେ ସେ ଏହି ଟଙ୍କାରେ ଗୁଳି ବାରୁଦ କିଣିବା ସହ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନରେ ବିନିଯୋଗ କରିବେ। ଯଦି ପରୋକ୍ଷରେ ଏଭଳି ଟଙ୍କା ପ୍ରଦାନ କରୁଛନ୍ତି ତାହେଲେ ଭାରତୀୟ ସେନାକୁ ଟଙ୍କା ଦିଅନ୍ତୁ। ଭାରତୀୟଙ୍କ ଧନ ପାକିସ୍ତାନ ସରକାରଙ୍କ କାମରେ କାହିଁକି ଲଗାଉଛନ୍ତି। ଏଭଳି ଏକ ଟୁର୍ଣ୍ଣାମେଣ୍ଟ ଜିତିବା କ'ଣ ଏମିତି କରିବେ। ଯେଉଁଥିରେ ଭାରତୀୟ ଖେଳାଳିମାନେ ଖେଳୁନାହାନ୍ତି। ଏତେ ଗୁରୁତର ପାକିସ୍ତାନୀ ଖେଳାଳିଙ୍କ କାହିଁକି ସାମିଲ କଲ ବୋଲି ମଧ ପ୍ରଶ୍ନ କରିଛନ୍ତି।

ସେପଟେ କାବ୍ୟାଙ୍କ ଘଟଣାରେ ବିସିସିଆଇ ନିଜର ପ୍ରତିକ୍ରିୟା ରଖିସାରିଛି। ବିଦେଶୀ ଲିଗ୍‌ରେ ପାକିସ୍ତାନୀ ଖେଳାଳିଙ୍କୁ କିଣିଲେ ଏଥିରେ ଆମେ କୌଣସି ପଦକ୍ଷେପ ନେଇପାରିବୁ ନାହିଁ। ଆମର ଏଥିରେ କୌଣସି କଥା କହିବାର ନାହିଁ। ଏହା ଆମ ଅଧୀନରେ ଆସୁନାହିଁ ବୋଲି ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଳା କହିଛନ୍ତି। ସେପଟେ ଏହି ଲିଗ୍‌ରେ ଅନ୍ୟ ଭାରତୀୟ ଫାଞ୍ଚାଇଜ୍ ଥିଲେ ମଧ କେହି ପାକିସ୍ତାନୀ ଖେଳାଳିଙ୍କୁ ଦଳରେ ସାମିଲ କରିନାହାନ୍ତି।

## ଏଫଏମୟୁରେ ଜାତୀୟ ସ୍ତରୀୟ ତାଇକଣ୍ଡୋ ଚାମ୍ପିଅନ୍‌ସିପ୍

# ଭାଗ ନେଲେ ୧୫୯ଟି ବିଶ୍ୱବିଦ୍ୟାଳୟର ୯୩୨ ଖେଳାଳି



**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦ ତାରିଖ ପର୍ଯ୍ୟନ୍ତ ନୂଆପାଢ଼ୀ କ୍ୟାମ୍ପସରେ ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିଜ୍ (ଏଆଇୟୁ), ନୂଆଦିଲ୍ଲୀଙ୍କ ଅଧୀନରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ତାଇକଣ୍ଡୋ (ମହିଳା) ପ୍ରତିଯୋଗିତା ୨୦୨୫–୨୬ ଆୟୋଜିତ ହେବ। ଏହି ଜାତୀୟ ସ୍ତରର ପ୍ରତିଯୋଗିତାରେ ଦେଶର ୨୫ଟି ରାଜ୍ୟରୁ ୧୫୯ଟି ବିଶ୍ୱବିଦ୍ୟାଳୟର ୯୩୨ ଜଣ ଖେଳାଳିଙ୍କ ସହିତ ତାଙ୍କର କୋଚ୍ ଓ ଟିମ୍ ମ୍ୟାନେଜରମାନେ ଅଂଶଗ୍ରହଣ କରିଛନ୍ତି। ଏହି ବିଶାଳ ଓ ସମ୍ମାନସ୍ପଦ କ୍ରୀଡ଼ା ସମାରୋହର ଆୟୋଜନ ଫକୀରମୋହନ ବିଶ୍ୱବିଦ୍ୟାଳୟ ପାଇଁ ଏକ ଐତିହାସିକ ସଫଳତା, କାରଣ ଏହା ବିଶ୍ୱବିଦ୍ୟାଳୟରେ ପ୍ରଥମ ଥର ପାଇଁ ଆୟୋଜିତ ହେବାକୁଥିବା ଜାତୀୟ ସ୍ତରର କ୍ରୀଡ଼ା ପ୍ରତିଯୋଗିତା। ଏହି ପ୍ରତିଯୋଗିତାକୁ ସୁଚାରୁ ଓ ସଫଳ ଭାବେ ଆୟୋଜନ କରିବା ପାଇଁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କର୍ତ୍ତୃପକ୍ଷ, କର୍ମଚାରୀ ଓ ପ୍ରତିଯୋଗିତା ଆୟୋଜନ ସହ ଜଡ଼ିତ ବିଭିନ୍ନ କମିଟିର ସଦସ୍ୟମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ସଂପର୍କିତ ସବିଶେଷ ଆଲୋଚନା କରିଥିଲେ। ଏହି ଅବସରରେ କୁଳପତି ପ୍ରଫେସର ତ୍ରିପାଠୀ କହିଥିଲେ ଯେ, ଶିକ୍ଷା ସହ କ୍ରୀଡ଼ାର ସମନ୍ୱୟ ଛାତ୍ରଛାତ୍ରୀଙ୍କ ସମଗ୍ର ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ। ଏପରି ଗରିମାମୟ ଜାତୀୟ ସ୍ତରର ପ୍ରତିଯୋଗିତା ଆୟୋଜନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କ୍ରୀଡ଼ାମନୋଭାବ, ଶୃଙ୍ଖଳିତ ଦର୍ଶନ ଓ ଆତ୍ମବିଶ୍ୱାସକୁ ବୃଦ୍ଧି କରିବା ସହ ଦେଶର ମହିଳା ଖେଳାଳିମାନଙ୍କୁ ତାଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ଜାତୀୟ ମଞ୍ଚ ପ୍ରଦାନ କରିବ। ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟର ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଓ ଏସୋସିଏସନ୍ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିଜ୍‌ର ସକ୍ରିୟ ସହଯୋଗରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଏହି ଚ୍ୟାମ୍ପିଅନ୍‌ସିପ୍‌କୁ ଶୃଙ୍ଖଳାବଦ୍ଧ ଓ ସଫଳ ଭାବେ ଆୟୋଜନ କରିବା ପାଇଁ ପ୍ରସ୍ତୁତ ବୋଲି ବିଶ୍ୱାସ ପ୍ରକାଶ କରିଛି। ଏହି ଆୟୋଜନ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଜାତୀୟ ସ୍ତରର ଶିକ୍ଷା ଓ କ୍ରୀଡ଼ା ଆୟୋଜନର ଏକ ଉଦୀୟମାନ କେନ୍ଦ୍ର ଭାବେ ଆହୁରି ସୁଦୃଢ଼ କରିବାର ଆଶାବ୍ୟକ୍ତ କରାଯାଇଛି।

# ଚଳିତ ସିଜନରେ ସିଏସ୍‌କେ ପାଇଁ ଡେବ୍ୟୁ କରିବେ ସାମସନ-ସର୍ଫରାଜ

**ନୂଆଦିଲ୍ଲୀ**

୨୦୨୬ ଆଇପିଏଲ ସିଜିନ ପୂର୍ବରୁ, ଚେନ୍ନାଇ ସୁପର କିଙ୍ଗସ ସେମାନଙ୍କର ଦଳକୁ ଆହୁରି ମଜବୁତ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛି। ଏଥର, ଦଳ ପାଞ୍ଚ ଜଣ ନୂତନ ଖେଳାଳିଙ୍କୁ ସ୍ୱାଗତ କରିଛି ଯେଉଁମାନେ ପ୍ରଥମ ଥର ପାଇଁ ସିଏସକେ ଜର୍ସି ପିନ୍ଧି ପଡ଼ିଆକୁ ଓହ୍ଲାଇବେ। ନୂତନ ୫ ଖେଳାଳଙ୍କ ଆଗମନ ଦଳର ବ୍ୟାଟିଂ ଏବଂ ବୋଲିଂ ବିଭାଗକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି। ଏହି ନୂତନ ଖେଳାଳିମାନଙ୍କ ମଧ୍ୟରେ ସବୁଠାରୁ ବଡ଼ ନାମ ହେଉଛି ଭାରତୀୟ ୱିକେଟକିପର-ବ୍ୟାଟ୍‌ସମ୍ୟାନ ସଞ୍ଜୁ ସାମସନ, ଯାହାଙ୍କୁ ଏହି ସିଜିନ ପୂର୍ବରୁ ଦଳ ଏକ ବଡ଼ ଟ୍ରେଡ ଡିଲ ମାଧ୍ୟମରେ ଅଧିଗ୍ରହଣ କରିଥିଲା ଏବଂ ଅନ୍ୟ ଖେଳାଳିମାନେ ହେଲେ ରାହୁଲ ଚହର, ସରଫରାଜ ଖାନ, ମ୍ୟାଟ ହେନରୀ, ଆକିଲ ହୋସେନ।

# ଏଏଫସିର ବଡ଼ ଘୋଷଣା : ଇରାନ ଫିଫା ବିଶ୍ୱକପ୍ ଖେଳିବ !



**କୁଆଲାଲୁମ୍ପୁର**

ଆସନ୍ତା ଜୁନରେ ଆମେରିକା, କାନାଡା ଓ ମେକ୍ସିକୋରେ ହେବାକୁ ଥିବା ଫିଫା ବିଶ୍ୱକପ୍‌ରେ ଇରାନ ଖେଳିବ। ଏ ନେଇ ଏସିଆନ ଫୁଟବଲ କନଫେଡେରେଶନ (ଏଏଫ୍‌ସି) ପକ୍ଷରୁ ସୋମବାର ଅବଗତ କରାଯାଇଛି। ବର୍ତ୍ତମାନ ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ଜାରି ରହିଥିବାରୁ ଇରାନ ଦଳ ବିଶ୍ୱକପ୍‌ରେ ଖେଳିବ କି ନାହିଁ, ସେ ନେଇ ଅନିଶ୍ଚିତତା ଦେଖା ଦେଇଛି। ଏହି ସମ୍ପର୍କରେ ଏଏଫ୍‌ସିର ସାଧାରଣ ସମ୍ପାଦକ ୱିଣ୍ଡସର ଜନ କହିଛନ୍ତି, ଇରାନ ଆମ ସଦସ୍ୟ। ଆମେ ଚାହୁଁ ସେମାନେ ଖେଳନ୍ତୁ। ଏହା ଏକ ଖୁବ୍ ଭାବବିହ୍ୱଳ ମୁହୂର୍ତ୍ତ। ଅନେକ ଲୋକ ଅନେକ କଥା କହୁଛନ୍ତି। ଶେଷରେ ଇରାନ ଦଳ ବିଶ୍ୱକପ୍‌ରେ ଖେଳିବ କି ନାହିଁ, ସେ ସମ୍ପର୍କରେ ଇରାନ ଫୁଟବଲ ଫେଡେରେସନ ଅନ୍ତିମ ନିଷ୍ପତ୍ତି ନେବ। ତେବେ ଗତ ସପ୍ତାହରେ ଏକ ସୋସିଆଲ ମିଡିଆ ପୋଷ୍ଟ ଜରିଆରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକପୂର୍ଣ୍ଣ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ଇରାନର ଜାତୀୟ ଫୁଟବଲ ଦଳ ପକ୍ଷରୁ କୁହାଯାଇଥିଲା ଯେ, ଆମକୁ କେହି ବିଶ୍ୱକପ୍‌ରେ ଖେଳିବାରୁ ରୋକିପାରିବେ ନାହିଁ।

**OFFICE OF THE PANCHAYAT SAMITI, SADAR, DHENKANAL.**

No. 898 Date 13/3/26 19001/85/2526

**"e" Procurement Notice**

**BID Identification No. DSB 03/2025-26.**

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

| | | |
|---|---|---|
| 1. Name of the Work | : | Construction work as mentioned in DTCN |
| 2. No. of works | : | 18 nos. |
| 3. Estimated Cost | : | As per Annexure |
| 4. Period of Completion | : | 180 days. |
| 5. Date & Time of availability of Bid documents in the Portal | : | 17.03.26 at 10.00 A.M. to 30.03.26 up to 5.00P.M. |
| 6. Last date & time for receipt of bids in the portal | : | 30.03.26 up to 05:00 P.M. |
| 7. Bids received online shall be opened on | : | 31.03.26 at 11:00 A.M. |
| 8. Name and address of the officer inviting Bid | : | Block Development Officer, Sadar, Dhenkanal |

Further details can be seen from the procurement portal i.e. www.tendersodisha.gov.in

Sd/- Block Development Officer
Sadar Block, Dhenkanal

OIPR-19001/19433/1/25-26/0002



# ପ୍ରାତଃଭ୍ରମଣରେ ଯିବାବେଳେ ପିଟି ଦେଲା କାର୍ : ୩ ମୃତ

**ଭୁବନେଶ୍ୱର, ୧୬/୦୩**
**ନ୍ୟୁଜ ବ୍ୟୁରୋ**



ରାଜଧାନୀ ଉପକଣ୍ଠ ଉତ୍ତରା ଅଞ୍ଚଳରେ ଭୟଙ୍କର ଦୁର୍ଘଟଣା ଘଟିଛି। କୃପାଜଳ ଇଂଜିନିୟରିଂ କଲେଜ ସାମ୍ନା ଭୁବନେଶ୍ୱର-ପୁରୀ ୩୧୬ ନଂ ଜାତୀୟ ରାଜପଥରେ କାର୍ ଧକ୍କାରେ ଦୁଇ ମହିଳାଙ୍କ ମୃତ୍ୟୁ ହୋଇଛି। ଏଥିସହ ଦୁର୍ଘଟଣା ଘଟାଇଥିବା କାର୍ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ସେଥିରେ ଥିବା ଅନ୍ୟ ଜଣେ ଯୁବକ ମଧ୍ୟ ଗୁରୁତର ହୋଇଛନ୍ତି । ଭୋର ପ୍ରାୟ ୬ଟା ୩୦ ସମୟରେ ମହିଳା ଦୁଇ ଜଣ ପ୍ରାତଃଭ୍ରମଣରେ ଯାଇଥିବା ବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି। ମୃତ ମହିଳା ହେଲେ ଉତ୍ତରା ଅଞ୍ଚଳର ବିବିଲତା ସାହୁ (୬୦) ଓ ଯାଜପୁର ଜିଲ୍ଲା ଅଧଳିଆ ଅଞ୍ଚଳର ଦୀପାଞ୍ଜଳି ରାଉତ (୩୮) । ତେବେ ମୃତ କାର୍ ଚାଳକଙ୍କ ନାମ ରୋନକ୍ ହୋଇଥିବା ବେଳେ ଆହତଙ୍କ ପରିଚୟ ଜଣାପଡିନାହିଁ । କାର୍ ଚାଳକଙ୍କ ମୃତଦେହ କ୍ୟାପିଟାଲ ହସ୍ପିଟାଲର ବ୍ୟବଚ୍ଛେଦ ଗୃହରେ ରଖାଯାଇଥିବା ବେଳେ ଅନ୍ୟ ଆହତ ଯୁବକଙ୍କୁ ପଟିଆ ଅଞ୍ଚଳର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଭୟ ଛାତ୍ର ବୋଲି ଜଣାପଡିଛି । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, କାର୍ ମଧ୍ୟ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି । ପିପିଲି ପୋଲିସ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରି ଥାନାକୁ ନେଇଛି । ଏନେଇ ମୃତ ବିବିଲତାଙ୍କ ପୁତୁରା ସତ୍ୟପ୍ରକାଶ ସାହୁ ଥାନାରେ ଏତଲା ଦେଇଛନ୍ତି । ପିପିଲି ଥାନା ପୋଲିସ ଏସମ୍ପର୍କରେ ମାମଲା (ନଂ.୧୭୬/୨୦୨୬) ରୁଜୁ କରି ତଦନ୍ତ ଜାରି ରଖିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମୃତା ମହିଳା ଦୁଇଜଣ ପ୍ରତିଦିନ ପ୍ରାତଃଭ୍ରମଣରେ ଯାଉଥିଲେ । ଜାତୀୟ ରାଜପଥରେ କିଛି ଦୂର ଚାଲି ଚାଲି ଯାଇ ପୁଣି ଘରକୁ ଫେରୁଥିଲେ । ସୋମବାର ଘରୁ ବାହାରି ରାସ୍ତା କଡ଼ରେ ଚାଲୁଥିବା ବେଳେ ଭୁବନେଶ୍ୱର ପାର୍ଶ୍ୱରୁ ଦ୍ରୁତଗତିରେ ଯାଉଥିବା କାର୍‌ଟି ଉଭୟଙ୍କୁ ପଛରୁ ଧକ୍କା ଦେଇଥିଲା । ଫଳରେ ଉଭୟଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ସେହିପରି କାର୍‌ରୁ ଛିଟିକି ପଡି ଜଣେ ଯୁବକଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା । ଅପରପକ୍ଷରେ କ୍ୟାପିଟାଲ ହସ୍ପିଟାଲରେ ମୃତା ଦୁଇ ମହିଳାଙ୍କ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି, 'ମହିଳା ଦୁଇ ଜଣ ଚାଲି ଚାଲି ଯାଉଥିବା ବେଳେ ଭୁବନେଶ୍ୱର ପାର୍ଶ୍ୱରୁ ଆସୁଥିବା କାର୍‌ଟି ପଛରୁ ଧକ୍କା ଦେଇଥିଲା। କାର୍‌ଟି ସେମାନଙ୍କୁ ଧକ୍କା ଦେଇ ଏକ ଖୁଣ୍ଟରେ ପିଟି ହୋଇ ଓଲଟି ପଡିଥିଲା। ଏନେଇ ଅଧିକ ତଦନ୍ତ ଜାରି ରହିଛି ।

# ଚର୍ଲାପାଲ୍ଲିରୁ କାମାକ୍ଷା ଓ ଶାଲିମାରକୁ ଦୁଇଟି ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ ସେବା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ଦୂରଗାମୀ ରେଳ ସଂଯୋଗୀକରଣ ବୃଦ୍ଧି କରିବା ଏବଂ ଯାତ୍ରୀମାନଙ୍କୁ ଉନ୍ନତ ଯାତ୍ରା ସୁବିଧା ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଭାରତୀୟ ରେଳବାଇ ଦୁଇଟି ନୂତନ ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ, ଟ୍ରେନ ନମ୍ବର ୧୫୬୭୩/୧୫୬୭୪ ଚର୍ଲାପାଲ୍ଲି -କାମାକ୍ଷା- ଚର୍ଲାପାଲ୍ଲି ଏବଂ ଟ୍ରେନ ନମ୍ବର ୧୭୦୬୫/୧୭୦୬୬ ଚର୍ଲାପାଲ୍ଲି - ଶାଲିମାର- ଚର୍ଲାପାଲ୍ଲି ଅମୃତ ଭାରତ ଏକ୍ସପ୍ରେସ ପ୍ରଚଳନ କରିଛି । ଏହି ଟ୍ରେନ ଗୁଡିକ ଦକ୍ଷିଣ, ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକୁ ସଂଯୋଗ କରିବ ଏବଂ ଯାତ୍ରୀମାନଙ୍କ ପାଇଁ ସୁଲଭ ଏବଂ ଆରାମଦାୟକ ଯାତ୍ରା ସୁବିଧା ପ୍ରଦାନ କରିବ।



ଟ୍ରେନ ନମ୍ବର ୧୫୬୭୩ ଚର୍ଲାପାଲ୍ଲି-କାମାକ୍ଷା ଅମୃତ ଭାରତ ଏକ୍ସପ୍ରେସ ଏକ ସାପ୍ତାହିକ ସେବା ଭାବରେ ଚାଲିବ, ଯାହା ୧୮ ମାର୍ଚ୍ଚ ୨୦୨୬ ରୁ ପ୍ରତି ବୁଧବାର ଚର୍ଲାପାଲ୍ଲିରୁ ସନ୍ଧ୍ୟା ୭ଟା ୪୦ ମିନଟରେ ଛାଡି ଶୁକ୍ରବାର ଦିନ ରାତି ୧୦ ଟାରେ କାମାକ୍ଷାରେ ପହଞ୍ଚିବ। ଫେରିବା ସମୟରେ , ଟ୍ରେନ ନମ୍ବର ୧୫୬୭୪ କାମାକ୍ଷା-ଚାର୍ଲାପାଲି ଅମୃତ ଭାରତ ଏକ୍ସପ୍ରେସ୍ ୨୨ ମାର୍ଚ୍ଚ ୨୦୨୬ ଠାରୁ ପ୍ରତି ରବିବାର ଦିନ ସନ୍ଧ୍ୟା ୭ଟାରେ କାମାକ୍ଷାରୁ ଛାଡିବ ଏବଂ ମଙ୍ଗଳବାର ଦିନ ଅପରାହ୍ନ ୨ଟା ୪୦ ମିନଟରେ ଚାର୍ଲାପାଲିରେ ପହଞ୍ଚିବ।

ଏହାର ଯାତ୍ରା ସମୟରେ, ଟ୍ରେନଟି ପୂର୍ବ ତଟ ରେଳପଥ ଅଧିକାର କ୍ଷେତ୍ର ଅନ୍ତର୍ଗତ ଅନେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଦେଇ ଗତି କରିବ ଯେପରିକି ଦୁଭାଡା, ପେଣ୍ଡୁର୍ଟି, ବିଜୟନଗରମ୍, ଶ୍ରୀକାକୁଲମ୍ ରୋଡ୍, ପଲାସା, ବ୍ରହ୍ମପୁର, ବାଲୁଗାଁ, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର କେନ୍ଦୁଝର ରୋଡ୍ ଏବଂ ଭଦ୍ରକ ଇତ୍ୟାଦି।

ସେହିଭଳି ଟ୍ରେନ ନମ୍ବର ୧୭୦୬୫ଚର୍ଲାପାଲ୍ଲି- ଶାଲିମାର ଅମୃତ ଭାରତ ଏକ୍ସପ୍ରେସ୍ ପ୍ରତି ମଙ୍ଗଳବାର ଚର୍ଲାପାଲ୍ଲିରୁ ୭ ଏପ୍ରିଲ ୨୦୨୬ ରୁ ସକାଳ ୬:୫୫ ରେ ଛାଡିବ ଏବଂ ବୁଧବାର ଦିନ ୧୧:୨୦ ରେ ଶାଲିମାରରେ ପହଞ୍ଚିବ। ଫେରିବା ସମୟରେ , ଟ୍ରେନ ନମ୍ବର ୧୭୦୬୬ ଶାଲିମାର – ଚର୍ଲାପାଲ୍ଲି ଅମୃତ ଭାରତ ଏକ୍ସପ୍ରେସ୍ ପ୍ରତି ବୁଧବାର ୮ ଏପ୍ରିଲ ୨୦୨୬ ରୁ ଦିନ ୧୨:୫୦ ରେ ଶାଲିମାରରୁ ଛାଡ଼ିବ ଏବଂ ଗୁରୁବାର ଦିନ ସନ୍ଧ୍ୟା ୭ଟାରେ ଚର୍ଲାପାଲ୍ଲିରେ ପହଞ୍ଚିବ।

ଯାତ୍ରା ସମୟରେ, ଟ୍ରେନଟି ପୂର୍ବ ତଟ ରେଳପଥ ଅଧିକାର କ୍ଷେତ୍ର ଅନ୍ତର୍ଗତ ଅନେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଦେଇ ଗତି କରିବ ଯେପରିକି ଦୁଭାଡା, ବିଜୟନଗରମ୍, ଶ୍ରୀକାକୁଲମ୍ ରୋଡ୍, ପଲାସା, ବ୍ରହ୍ମପୁର, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର କେନ୍ଦୁଝର ରୋଡ୍ ଏବଂ ଭଦ୍ରକ ଇତ୍ୟାଦି।

ଅମୃତ ଭାରତ ଏକ୍ସପ୍ରେସ ହେଉଛି ଏକ ଆଧୁନିକ ଏଲ୍‌ଏଚ୍‌ବି ରେକ୍ ଟ୍ରେନ ଯାହା ଉନ୍ନତ ପୁସ୍-ପୁଲ୍ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ, ଉନ୍ନତ ଗତି, ସୁଗମ କାର୍ଯ୍ୟ ଏବଂ ବର୍ଦ୍ଧିତ ଯାତ୍ରୀ ଆରାମ ପ୍ରଦାନ କରେ। ଏହି ଟ୍ରେନରେ ଏରଗୋନୋମିକାଲି ଡିଜାଇନ୍ ହୋଇଥିବା ବର୍ଥ, ମଡ୍ୟୁଲାର୍ ଶୌଚାଳୟ, ଏଲ୍‌ଇଡି ଆଲୋକୀକରଣ, ସିସିଟିଭି ନିରୀକ୍ଷଣ ଏବଂ ମୋବାଇଲ୍ ଚାର୍ଜିଂ ଭଳି ସୁବିଧା ସମେତ ଆଧୁନିକ ଯାତ୍ରୀ ସୁବିଧା ପ୍ରଦାନ କରାଯାଇଛି।

ଏହି ଟ୍ରେନର ପ୍ରଚଳନ ଦ୍ୱାରା ରେଳ ସଂଯୋଗୀକରଣ ଆହୁରି ସୁଦୃଢ଼ ହେବ ଏବଂ ପୂର୍ବତଟ ରେଳପଥର ଅଧୀନରେ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ଦେଇ ଯାତ୍ରା କରୁଥିବା ଯାତ୍ରୀମାନେ ଉପକୃତ ହେବେ। ଏହି ନୂତନ ସେବା ଛାତ୍ରଛାତ୍ରୀ, ଶ୍ରମିକ ଏବଂ ବ୍ୟବସାୟୀଙ୍କ ପାଇଁ ଗତିଶୀଳତାକୁ ଉନ୍ନତ କରିବ ବୋଲି ଆଶା କରାଯାଉଛି ଏବଂ ଏହି ଟ୍ରେନ୍ ଦ୍ୱାରା ସେବା ପ୍ରଦାନ କରାଯାଉଥିବା ଅଞ୍ଚଳରେ ପର୍ଯ୍ୟଟନ, ତୀର୍ଥଯାତ୍ରା ଯାତ୍ରା ଏବଂ ସ୍ଥାନୀୟ ଅର୍ଥନୈତିକ କାର୍ଯ୍ୟକଳାପକୁ ମଧ୍ୟ ପ୍ରୋତ୍ସାହନ ମିଳିବ।

# ୫ କିମି ପାହାଡ ଚଢି ଲୋକଙ୍କ ସମସ୍ୟା ବୁଝିଲେ ଦୁଇ ଯୁବ ଆଇଏଏସ୍

**ଗୁଣୁପୁର/ଗୁଡାରି, ନ୍ୟୁଜ ବ୍ୟୁରୋ**
ଦୁର୍ଗମ ଅଞ୍ଚଳରେ ଆଜି ବି ସ୍ୱାଧିନତାର ସ୍ୱାଦ ଚାଖିନାହାଁନ୍ତି ରାୟଗଡା ଜିଲ୍ଲାର ଅନେକ ଗ୍ରାମ। ଏପରି ଅନେକ ଗ୍ରାମ ରହିଛି ଯେଉଁଠି ପ୍ରଶାସନର ପାଦ ପଡିନି। କିନ୍ତୁ ଏକ ଭିନ୍ନ ଏକ ଦୃଶ୍ୟ ଦେଖିବାକୁ ମିଳିଛି। ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଓ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲିପ୍ ଆଜି ଗୁଡାରି ବ୍ଲକରେ ଥିବା ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିଥିଲେ। ଏହାପରେ ଦୁଇ ଯୁବ ଆଇଏଏସ୍ ଗୁଡାରି ବ୍ଲକର ମଧୁବନ ପଞ୍ଚାୟତର ଦୁର୍ଗମ ଅଞ୍ଚଳ କର୍ଲାଗୁଡି, ରେଙ୍ଗଲପଦର କେପିଟିରେ ଥିବା ତିନୋଟି ଗ୍ରାମକୁ ୫ କିମି ପାହାଡ ଚଢି ପହଞ୍ଚିଥିଲେ। ଜଙ୍ଗଲ ମଧ୍ୟରେ ପଥୁରିଆ ପାଦଚଲା ରାସ୍ତାରେ ବୋହି ଯାଉଥିବା ଝରଣାରେ ଜିଲ୍ଲାପାଳ ମୁହଁ ଧୋଇଥିଲେ । ଗ୍ରାମରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିଥିଲେ। ଜିଲ୍ଲା ଗଠନ ହେବା ଠାରୁ ଏହି ଦୁର୍ଗମ ଅଞ୍ଚଳରେ ପ୍ରଥମ ଥର ପ୍ରଶାସନିକ ଅଧିକାରିଙ୍କ ପାଦ ପଡିଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ରାସ୍ତା ଘାଟର ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା କାମ ସାମିଲ କରିବା ପାଇଁ ବିଭାଗୀୟ ଅଧିକାରିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାସ୍ତା ନଥିବାରୁ ଗ୍ରାମରେ ବିଦ୍ୟୁତ୍ ପହଞ୍ଚି ପାରିନି। ସୋଲାର ଲାଇଟ୍ ମାଧ୍ୟମରେ ବିଦ୍ୟୁତ୍ ସେବା ଗ୍ରାମବାସୀ ପାଉଥିବା ଜାଣିବାକୁ ପାଇଥିଲେ। ସରକାରଙ୍କ ବିଭିନ୍ନ ଯୋଜନା କଣ ପହଞ୍ଚିଛି ପଚାରି ବୁଝିଥିଲେ। ସ୍ୱାଧିନତାର ଦୀର୍ଘ ବର୍ଷପରେ ବି ସେମାନଙ୍କ ପାଖରେ ଆଧାରକାର୍ଡ, ରେସନ କାର୍ଡ ନଥିବା ଜାଣିବାକୁ ପାଇଥିଲେ। ବିଦ୍ୟୁତ୍ ସେବା ଶିକ୍ଷା ,ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ମିଳି ନାହିଁ । ଏପରିକି ଅଙ୍ଗନବାଡି, ବିଦ୍ୟାଳୟ କାର୍ଯ୍ୟ ତୁରନ୍ତ କରିବା ପାଇଁ ଜିଲ୍ଲାପାଳ କହିଥିଲେ। ଦୁର୍ଗମ ଗ୍ରାମାଞ୍ଚଳରେ ମୌଳିକ ସୁବିଧା ପହଞ୍ଚି ନଥିବାରୁ ଜିଲ୍ଲାପାଳ ସମସ୍ତ ପ୍ରଶାସନ ଅଧିକାରିଙ୍କୁ ତାଗିଦ କରିଥିଲେ। ଆଧାରକାର୍ଡ ନଥିବାରୁ ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ ରହୁଛନ୍ତି ଗ୍ରାମବାସୀ। ଏମାନଙ୍କ ପାଇଁ ସରକାରଙ୍କ ସମସ୍ତ ଯୋଜନା ଉପହାସ ପାଲଟିଥିବା ବେଳେ ଆବାସ ଘର ସ୍ୱପ୍ନ ପାଲଟିଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ତାଗିତ୍ କରିବା ସହ କ୍ୟାମ୍ପ କରି ଲୋକଙ୍କ ସେବା ଯୋଗାଇବା ପାଇଁ କହିଥିଲେ। ତିନୋଟି ଗ୍ରାମାଞ୍ଚଳରେ ପ୍ରଶାସନ ର ପାଦ ପଡିନଥିବା ବେଳେ ଦୁଇ ଯୁବ ଆଇଏଏସ୍ ଙ୍କ ସହ ସମସ୍ତ ବିଭାଗର ପ୍ରଶାସନିକ ଅଧିକାରିଙ୍କୁ ଦେଖି ଗ୍ରାମବାସି ଯେତିକି ଆଶ୍ଚର୍ଯ୍ୟ ହୋଇଥିଲେ ସେତିକି ଆନନ୍ଦିତ ହୋଇଥିଲେ। ଯୁବ ଆଇଏଏସ୍ ରାୟଗଡା ଜିଲ୍ଲାପାଳ ଓ ଗୁଣୁପୁର ଉପଜିଲ୍ଲାପାଳଙ୍କ ଗସ୍ତ ସମୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଡାରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଚିସ୍ମିତା ବେହେରା, ଗୁଡାରି ତହସିଲଦାର ଆଡାଲା ସ୍ନେହଲତା, ଗୁଡାରି ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ମଧୁବନ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ଗସ୍ତ କରିଥିଲେ ।

## ଖଡ଼ଗପୁର-ଟାଙ୍ଗୀ-ବିଶାଖାପାଟଣା-ବିଜୟୱାଡ଼ା ହାଇସ୍ପିଡ୍ କରିଡ଼ର ନେଇ ଉଚ୍ଚସ୍ତରୀୟ ବୈଠକ

# ଓଡ଼ିଶା ମଧ୍ୟ ଦେଇ ନିର୍ମାଣ ହେବ ୫୨୨ କିଲୋମିଟର ହାଇସ୍ପିଡ୍ କରିଡ଼ର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଖଡ଼ଗପୁର-ଟାଙ୍ଗୀ-ବିଶାଖାପାଟଣା-ବିଜୟୱାଡ଼ା ଏକ୍ସପ୍ରେସ୍ ୱେ ତଥା ହାଇସ୍ପିଡ୍ କରିଡ଼ର ନିର୍ମାଣ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶା ରାଜ୍ୟ ମଧ୍ୟ ଦେଇ ନିର୍ମାଣ ହେବାକୁ ଥିବା ୬ ଲେନ୍ ବିଶିଷ୍ଟ ଏହି ନୂତନ ଗ୍ରିନ୍ ଫିଲଡ ହାଇସ୍ପିଡ୍ କରିଡ଼ର ନିର୍ମାଣ ନେଇ ପ୍ରସ୍ତାବିତ ନକ୍ସା, ଜିଲ୍ଲା, ଅର୍ଥନୈତିକ ଅଂଚଳ ଏବଂ ସହର ସଂଯୋଗୀକରଣ ଓ ଜମି ଅଧିଗ୍ରହଣ ଆଦି ବିଷୟରେ ଆଲୋଚନା ହୋଇଥିଲା । ଓଡ଼ିଶା ରାଜ୍ୟ ମଧ୍ୟ ଦେଇ ମୋଟ ୫୨୨ କିଲୋମିଟର ଦୀର୍ଘ ଏହି ନୂଆ ଗ୍ରିନ୍ ଫିଲଡ କରିଡ଼ର ମୟୂରଭଞ୍ଜ, କେଉଁଝର, ଢେଙ୍କାନାଳ, କଟକ, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା ଏବଂ କୋରାପୁଟ ଆଦି ୯ଟି ଜିଲ୍ଲାର ୨୭ଟି ସହରକୁ ସଂଯୋଗ କରିବ । ଏଥି ସହିତ ଏହି କରିଡ଼ର ରାଜ୍ୟର ଖଣିଜ ତଥା ଅର୍ଥନୈତିକ ଅଞ୍ଚଳକୁ ଯୋଗାଯୋଗ ସୁଦୃଢ଼ କରିବା ସହିତ ରାଜ୍ୟର ବିକାଶକୁ ଏକ ନୂଆ ଦିଗ ପ୍ରଦାନ କରିବ । ପଶ୍ଚିମବଙ୍ଗ, ଝାରଖଣ୍ଡ, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ଦେଇ ଯାଉଥିବା ୧୧୦୨ କିଲୋମିଟର ରାସ୍ତାରୁ ଓଡ଼ିଶାରେ ହେବାକୁ ଥିବା ୫୨୨ କିମି ରାସ୍ତା ସମ୍ପୂର୍ଣ୍ଣ ନୂତନ ଭାବେ ନିର୍ମାଣ ହେବ । ଏଥିରୁ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୯୭ କିଲୋମିଟର ରାସ୍ତା ନିର୍ମିତ ହେବାକୁ ଥିବାବେଳେ ଢେଙ୍କାନାଳରେ ୮୮ କିମି, ମୟୂରଭଞ୍ଜ ଓ କେଉଁଝରରେ ୮୬ କିମି ଏବଂ ରାୟଗଡ଼ା ଜିଲ୍ଲାରେ ୫୩ କିମି ରାସ୍ତା ନିର୍ମିତ ହେବ ବୋଲି ବୈଠକର ଆଲୋଚନା ହୋଇଥିଲା । ଏହି ବୈଠକରେ ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି (ସିଭିଲ୍ ତଥା ରୋଡ୍‌ସ-୨) ଇଂ ସତ୍ୟବ୍ରତ ବେହେରା, ଇଆଇସି (ରୋଡ୍‌ସ-୧) ଇଂ ଧାନଚାନ୍ଦ ନାୟକ, କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟର ଆଂଚଳିକ ଅଧିକାରୀ ଶ୍ରୀ ସୁନୀଲ କୁମାର, ମୁଖ୍ୟ ଯନ୍ତ୍ରୀ (ରୋଡ୍‌ସ) ଇଂ ଶିବବ୍ରତ ତରିଆ, ମୁଖ୍ୟଯନ୍ତ୍ରୀ (ଜାତୀୟ ରାଜପଥ) ଇଂ ନାରାୟଣ ପଟେଲଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପର୍ଯ୍ୟଟକମାନଙ୍କ ସୁବିଧା ନିମନ୍ତେ ରେଳ ରାସ୍ତାର ଆବଶ୍ୟକତା ରହିଛି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱର ସମତେ ଏହାର ପାଖ ଅଞ୍ଚଳମାନଙ୍କରେ ପର୍ଯ୍ୟଟକମାନଙ୍କ ସୁବିଧା ନିମନ୍ତେ ଅଧିକ ରେଳ ରାସ୍ତାର ସଂଯୋଗ ରହିଥିବାର ଜଣାପଡ଼ିଛି । ବର୍ତ୍ତମାନ ପୁରୀରୁ କୋଣାର୍କ ପର୍ଯ୍ୟନ୍ତ ରେଳଧାରଣା ପଡ଼ିବାର ସର୍ଭେ ସରିଗଲାଣି ଓ ସେହିପରି ନରାଜରୁ ଅସ୍ତରଙ୍ଗ ବନ୍ଦର ପର୍ଯ୍ୟନ୍ତ ରେଳଧାରଣା ନିମନ୍ତେ ଆଦାନି ଗ୍ରୁପ୍ ପକ୍ଷରୁ କଟକ ଜିଲ୍ଲାର ନିଆଳୀ ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ସରିଯାଇଥିବାର ଏକ ଅସମର୍ଥିତ ସମ୍ବାଦରୁ ଜଣାପଡ଼ିଛି । କୋଣାର୍କ ପର୍ଯ୍ୟନ୍ତ ହୋଇଆସିଥିବା ସର୍ଭେ କାର୍ଯ୍ୟକୁ ଆଗକୁ ନିଆଗଲେ ଏହା ଅସ୍ତରଙ୍ଗ, କାକଟପୁର ଦେଇ ପୂର୍ବୋକ୍ତ ନିଆଳୀ ପର୍ଯ୍ୟନ୍ତ ଯାଇପାରନ୍ତା ଓ ଏହାଦ୍ୱାରା 'ଠ' ଆକୃତିର ଏକ ବିଶାଳ ରେଳପଥର ସଂଯୋଗ ହୋଇପାରନ୍ତା। ଅସ୍ତରଙ୍ଗଠାରୁ ଏହାମଧ୍ୟ ପାରାଦ୍ୱୀପ ବନ୍ଦରକୁ ସଂଯୋଗ ହୋଇପାରନ୍ତା। ଏହାଦ୍ୱାରା ପୁରୀ, ଭୁବନେଶ୍ୱର, କଟକ ଓ ଜଗତସିଂହପୁର ଅଞ୍ଚଳର ଲୋକ ଆଢୁଆଳରେ ରହିଯାଇଥିବା ବହୁ ପୁରାତନ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବାସହ ପର୍ଯ୍ୟଟକମାନଙ୍କ ଦୃଷ୍ଟିକୁ ଆସିପାରନ୍ତା। ଏହି ରେଳ ରାସ୍ତା ନିର୍ମାଣ ହେଲେ ସ୍ଥାନୀୟ ବହୁ ଚାଷୀ ଓ ବ୍ୟବସାୟୀମାନେ ମଧ୍ୟ ଉପକୃତ ହୋଇପାରନ୍ତେ। ଏହାଦ୍ୱାରା କୋଣାର୍କ ସହିତ କାଟକପୁର, ନିଆଳୀ ସମେତ ଭୁବନ ବିଖ୍ୟାତ ଶ୍ରୀଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁବିଲ୍ୱ ମଧ୍ୟ ଲୋକଲୋଚନର ଆଢୁଆଳରେ ଆଉ ରହନ୍ତା ନାହିଁ। ଏହିସବୁ ସ୍ଥାନ ଦେଖିବା ନିମନ୍ତେ ପର୍ଯ୍ୟଟକମାନଙ୍କ ଭିଡ଼ ବର୍ଷର ସବୁ ସମୟରେ ରହିଥାଏ। ଦେଶର ବର୍ତ୍ତମାନର ମାନନୀୟ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କଟକର ଜିଲ୍ଲାପାଳ ଥିବାବେଳେ ଏପରି ପ୍ରସ୍ତାବଟିକୁ ଭଲ ଭାବରେ ନିରୀକ୍ଷଣ କରିଥିବାର ଜଣାଯାଏ। ବର୍ତ୍ତମାନ ସମ୍ପୃକ୍ତ ଜିଲ୍ଲାର ଜନପ୍ରତିନିଧିମାନେ ଏଥିପ୍ରତି ଅଧିକ ଧ୍ୟାନ ଦେବା ନିମନ୍ତେ ଉଦ୍ୟମ କରିବାକୁ ବରିଷ୍ଠ ଇତିହାସ ଗବେଷକ ତଥା ଐତିହାସିକ ଓ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଓ ସଭାପତି ତଥା ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ଡ. ଅଜିତ କୁମାର ତ୍ରିପାଠୀ ମତ ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଜେପିରୁ ମନମୋହନ...

ସ୍ୱାର୍ଥ, ଉନ୍ନତି ଓ ଲୋକସେବାର ସ୍ୱରକୁ ରାଷ୍ଟ୍ରୀୟ ସ୍ତରରେ ଆହୁରି ଦୃଢ଼ କରିବ। ଆଦରଣୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ 'ସବକା ସାଥ୍, ସବକା ବିକାଶ' ମନ୍ତ୍ରରେ ଅନୁପ୍ରାଣିତ ହୋଇ ସେମାନଙ୍କର ଏହି ଯାତ୍ରା ଯଶସ୍ୱୀ ହେଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କୃପା ସର୍ବଦା ସମସ୍ତଙ୍କ ଉପରେ ରହିଥାଉ।

## ଏସ୍‌ସିବି ମେଡ଼ିକାଲରେ...

ସମ୍ପର୍କୀୟମାନେ ଉଠିବା ବେଳକୁ ସ୍ଥିତି ଅଣାୟତ୍ତ ହୋଇଥିଲା। ଅଗ୍ନିକାଣ୍ଡ ଘଟିବା ମାତ୍ରେ ହସ୍ପିଟାଲ କର୍ମଚାରୀ ଏବଂ ଅଗ୍ନିଶମ ବାହିନୀ ତୁରନ୍ତ ପଦକ୍ଷେପ ନେଇଥିଲେ। ହସ୍ପିଟାଲର ନିଜସ୍ୱ ଅଗ୍ନିଶମ ବିଭାଗ ପ୍ରଥମେ ନିୟୋଜିତ ହୋଇଥିଲେ। ବାହାରୁ ତିନୋଟି ଅଗ୍ନିଶମ ଗାଡି ମଧ୍ୟ ଶୀଘ୍ର ଘଟଣାସ୍ଥଳରେ ପହଞ୍ଚିଥିଲା। ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରାଯାଇଥିଲା। କିନ୍ତୁ ଧୂଆଁ ଏବଂ ନିଆଁ ଯୋଗୁଁ ଅନେକ ରୋଗୀଙ୍କ ପ୍ରବଳ କ୍ଷତି ହୋଇଥିଲା। ଆଇସିୟୁରେ ଭର୍ତ୍ତି ହୋଇଥିବା ଗୁରୁତର ରୋଗୀଙ୍କୁ ତୁରନ୍ତ ସ୍ଥାନାନ୍ତର କରାଯାଇଥିଲା। ଗୁରୁତର ଅବସ୍ଥାରେ ଥିବା ରୋଗୀମାନଙ୍କୁ ହସ୍ପିଟାଲର ନ୍ୟୁ ମେଡିସିନ୍ ଆଇସିୟୁ କୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଅଗ୍ନିକାଣ୍ଡ କେଉଁ ପରିସ୍ଥିତିରେ ଘଟିଲା ତାହା ଜଣାପଡ଼ି ନାହିଁ। ପ୍ରଶାସନିକ ଅବହେଳା ନାଁ ସର୍ଟସର୍କିଟ ଅଗ୍ନିକାଣ୍ଡର କାରଣ, ତାହା ତଦନ୍ତ ପରେ ଜଣାପଡ଼ିବ। ଯଦି ମେଡିକାଲ କଲେଜର ତ୍ରୁଟି ପାଇଁ ନିରୀହ ରୋଗୀମାନଙ୍କର ଜୀବନ ଯାଇଥାଏ, ତା'ହେଲେ ସଂପୃକ୍ତ ବ୍ୟକ୍ତି କାର୍ଯ୍ୟାନୁଷ୍ଠାନର ଶିକାର ହେବେ। ଅନ୍ୟପଟରେ ରାଜ୍ୟର ସର୍ବବୃହତ ମେଡିକାଲ କଲେଜରେ ବାରମ୍ବାର ଅଗ୍ନିକାଣ୍ଡ ଘଟଣାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। ଅଗ୍ନିକାଣ୍ଡ ଘଟଣା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଏସ୍‌ସିବି ମେଡିକାଲର ଅଗ୍ନିକାଣ୍ଡ ସ୍ଥଳ ବୁଲି ଦେଖିଛନ୍ତି। ସେ ବରିଷ୍ଠ ପଦାଧିକାରୀଙ୍କ ସହ ସ୍ଥିତିର ସମୀକ୍ଷା କରିଛନ୍ତି। ସ୍ଥାନାନ୍ତର ସମୟରେ ୧୦ ଜଣ ରୋଗୀଙ୍କ ମୃତ୍ୟୁ ହୋଇଥିବା ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି। ମୃତକଙ୍କୁ ନେଇ ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିଥିବା ବେଳେ ଶୋକସନ୍ତପ୍ତ ପରିବାର ପ୍ରତି ସେ ସମବେଦନା ଜଣାଇଛନ୍ତି। ଅଗ୍ନିକାଣ୍ଡ ଘଟଣାର ଉଚ୍ଚସ୍ତରୀୟ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ...

ଗଭୀର ଭାବେ ଦୁଃଖିତ ହୋଇଛି। ଶୋକାକୁଳ ପରିବାରମାନଙ୍କ ପ୍ରତି ମୋର ହୃଦୟରୁ ସମବେଦନା। ଆହତ ହୋଇଥିବା ସମସ୍ତଙ୍କ ଶୀଘ୍ର ସୁସ୍ଥତା ପାଇଁ ମୁଁ କାମନା କରୁଛି। ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରିଛନ୍ତି। ପିଏମ୍‌ଓ ପକ୍ଷରୁ ଟୁଇଟ୍ ଯୋଗେ କୁହାଯାଇଛି ଯେ, ଓଡ଼ିଶାର କଟକ ହସ୍ପିଟାଲରେ ଘଟିଥିବା ଦୁର୍ଘଟଣା ଗଭୀର ଯନ୍ତ୍ରଣାଦାୟକ। ଯେଉଁମାନେ ନିଜ ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ସମବେଦନା। ଆହତମାନଙ୍କ ଆଶୁ ଆରୋଗ୍ୟ ପାଇଁ ମୁଁ ପ୍ରାର୍ଥନା କରୁଛି। ପ୍ରତ୍ୟେକ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ପିଏମଏନଆରଏଫରୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ। ଆହତମାନଙ୍କୁ ୫୦,୦୦୦ ଟଙ୍କା ଦିଆଯିବ। ଅନୁରୂପ ଭାବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ କଟକ ଏସ୍‌ସିବିରେ ଘଟିଥିବା ଦୁଃଖଦ ଅଗ୍ନିକାଣ୍ଡ ନେଇ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ଜଣାଇଛନ୍ତି।

## ବିଜେପି ଘୋଡା ...

ପ୍ରାର୍ଥୀଙ୍କୁ ଭୋଟ ଦେବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ବିଜେଡ଼ି ଏବଂ କଂଗ୍ରେସର ମିଳିତ ପ୍ରାର୍ଥୀ ଥିବା ଡ. ଦତ୍ତେଶ୍ୱର ହୋତା କେବଳ ଏହି କାରଣ ପାଇଁ ପରାଜୟର ସମ୍ମୁଖୀନ ହୋଇଥିବା ଜଣାପଡିଛି।

## କ୍ରସ ଭୋଟିଂ ...

ଏମାନଙ୍କ ସହିତ ଦଳରୁ ନିଲମ୍ବିତ ବିଧାୟକ ସନାତନ ମହାକୁଡ ଏବଂ ଅରବିନ୍ଦ ମହାପାତ୍ର ମଧ୍ୟ କ୍ରସ୍ ଭୋଟିଂ କରିଥିବା ସେ ସୂଚନା ଦେଇଛନ୍ତି । ସେହିପରି କଂଗ୍ରେସର ବିଧାୟକ ଦାଶରଥୀ ଗମାଙ୍ଗ, ରମେଶ ଜେନା ଓ ବିଧାୟିକା ସୋଫିଆ ଫିର୍ଦ୍ଦୋଷ କ୍ରସ ଭୋଟିଂ କରିଥିବା ସ୍ପଷ୍ଟ ହୋଇଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏ ସମ୍ପର୍କରେ କହିଛନ୍ତି ଦଳୀୟ ନିଷ୍ପତ୍ତି ବିରୋଧରେ ଯେଉଁମାନେ ଭୋଟ ଦେଇଛନ୍ତି ସେମାନଙ୍କ ବିରୁଦ୍ଧରେ ଦଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

## ଆଜି ଓଡ଼ିଶା ...

ସଫଳ କରିବା ଦିଗରେ ଆମେ ଅଧିକ ପ୍ରୟାସୀ ହେବୁ। ଆମର ବିଜୟୀ ପ୍ରାର୍ଥୀ ମନମୋହନ ସାମଲ, ସୁଜିତ କୁମାର ଓ ଦିଲ୍ଲୀପ ରାୟ ରାଜ୍ୟସଭାରେ ଓଡ଼ିଶାର ସ୍ୱାର୍ଥରକ୍ଷା କରିବା ସହ ଓଡ଼ିଶାର ସ୍ୱରକୁ ଶାଣିତ ଭାବେ ଉଠାଇବେ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିକଶିତ ଭାରତ ଗଠନ ଯାତ୍ରାକୁ ଅଧିକ ତ୍ୱରାନ୍ୱିତ କରିବାରେ ଭୂମିକା ନିର୍ବାହ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟସଭା ନିର୍ବାଚନରେ ଘୋଡା ବେପାର ହୋଇଥିବା ଏବଂ ଅପରାଧୀକ ପୃଷ୍ଠ ଭୂମି ଥିବା ବିଧାୟକମାନେ ଏପରି କରିଥିବା ନେଇ ବିରୋଧୀ ଦଳ ନେତା ଦେଇଥିବା ମନ୍ତବ୍ୟକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ବିରୋଧୀ ଦଳ ନେତାଙ୍କ ମନ୍ତବ୍ୟ ଅପରିପକ୍ୱତା ଭଳି ଦର୍ଶାଉଛି। କାରଣ ଯେଉଁ ବିଧାୟକମାନଙ୍କୁ ସେ ତାଙ୍କର ଦୀର୍ଘକାଳୀନ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ପାଖରେ ରଖି ବୁଲାଉଥିଲେ ସେମାନଙ୍କ ପାଇଁ ନିର୍ବାଚନ ସଭାରେ ଭାଷଣ ଦେଉଥିଲେ ଏବଂ ସେମାନଙ୍କୁ ନିର୍ବାଚନରେ ପ୍ରାର୍ଥୀ କରୁଥିଲେ ପରବର୍ତ୍ତୀ ସମୟରେ ସେମାନଙ୍କର ଅପରାଧୀକ ପୃଷ୍ଠଭୂମି ଥିବା କହିବା ଦୁର୍ଭାଗ୍ୟଜନକ।

## ଅନଲାଇନ୍‌ରେ...

ଗ୍ୟାସ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ଗେଲ୍) ବିଭିନ୍ନ ସିଟି ଗ୍ୟାସ୍ ବଣ୍ଟନକାରୀ (ସିଜିଡି)ଙ୍କ ସହିତ ଏକ ବୈଠକ କରି ଯେଉଁ ସବୁ ଅଞ୍ଚଳରେ ପିଏନଜି (ପାଇପ୍ ଯୋଗେ ଗ୍ୟାସ୍ ଯୋଗାଣ) ସୁବିଧା ରହିଛି ସେଠାରେ ସଂଯୋଗକୁ ତ୍ୱରାନ୍ୱିତ କରିବାକୁ କହିଛି। ଏଥିସହ ଏଲପିଜି ସିଲିଣ୍ଡର ଡେଲିଭରି ଅଥେଣ୍ଟିକେସନ୍ କୋଡ୍ ବା ଓଟିପି ମାଧ୍ୟମରେ କରାଯାଉଛି। ୨୦୨୬ ଫେବ୍ରୁଆରୀରେ ଏହା ୫୩ ପ୍ରତିଶତ ଥିଲା। ମାର୍ଚ୍ଚ ୧୫ରେ ଏହା ୭୨ ପ୍ରତିଶତକୁ ବୃଦ୍ଧି ପାଇଛି। କଳାବଜାରୀକୁ ରୋକିବା ପାଇଁ ମାର୍ଚ୍ଚ ୧୫ ତାରିଖରେ ରାଷ୍ଟ୍ରାୟତ୍ତ ତେଲ କମ୍ପାନୀର ଅଧିକାରୀମାନେ ଦେଶର ୧୧୦୦ରୁ ଅଧିକ ଏଲପିଜି ବିତରଣ ସ୍ଥାନ ଓ ରିଟେଲ୍ ଆଉଟଲେଟ୍‌ରେ ଅଚାନକ ଯାଞ୍ଚ କରିଛନ୍ତି। ସରକାର ଦେଶରେ ସିଏନଜି ଓ ପିଏନଜି ଗ୍ରାହକଙ୍କ ପାଇଁ ଯୋଗାଣକୁ ପୂର୍ଣ୍ଣ ମାତ୍ରାରେ ବଜାୟ ରଖିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ପିଏନଜି ସଂଯୋଗ ପାଇଁ କେତେକ କମ୍ପାନୀ ପ୍ରୋତ୍ସାହନ ଦେଉଛନ୍ତି। ଇନ୍ଦ୍ରପ୍ରସ୍ଥ ଗ୍ୟାସ୍ ଲିମିଟେଡ୍ କହିଛି ଯେ ଯଦି ଜଣେ ଡୋମେଷ୍ଟିକ ଗ୍ରାହକ ମାର୍ଚ୍ଚ ୩୧ ପୂର୍ବରୁ ପିଏନଜି ସଂଯୋଗ ନେଇ ଗ୍ୟାସ କିଣିବା ଆରମ୍ଭ କରନ୍ତି ତାହେଲେ ତାଙ୍କୁ ୫୦୦ ଟଙ୍କାର ମାଗଣା ଗ୍ୟାସ୍ ପ୍ରଦାନ କରାଯିବ। ସେହିଭଳି ଗେଲ୍ ଏବଂ ବିପିସିଏଲ୍ ମଧ୍ୟ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି। ପୂର୍ବରୁ କେତେକ କ୍ଷେତ୍ର ଲାଗି ବିକଳ୍ପ ଇନ୍ଧନ ଭାବେ କୋଇଲା ଏବଂ କିରାସିନି ବ୍ୟବହାରକୁ ସରକାର ଅନୁମତି ଦେଇଛନ୍ତି।

# ସୂଚନା ଅଧିକାର ଆଇନ ସମ୍ବନ୍ଧୀୟ ୪ ଦିନିଆ ଦକ୍ଷତା ବିକାଶ ତାଲିମ ଓ କର୍ମଶାଳା ଶୁଭାରମ୍ଭ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୁଲ୍ୟରେ ସୂଚନା ଅଧିକାର ଆଇନ-୨୦୦୫ ସମ୍ବନ୍ଧୀୟ ଏକ ଚାରି ଦିବସୀୟ ଦକ୍ଷତା ବିକାଶ ତାଲିମ୍ ତଥା କର୍ମଶାଳା ଉଦଘାଟିତ ହୋଇଯାଇଛି । ଏହି ଅବସରରେ ପୂର୍ବତନ ସୂଚନା ଆୟୁକ୍ତ ଦିଲ୍ଲୀପ୍ କୁମାର ବିଷୋୟୀ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ନୋଡାଲ୍ ପିଆଇଓ, ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ଓ ଅଧିକାରୀମାନଙ୍କୁ ସୂଚନା ଅଧିକାର ଆଇନ୍ ସମ୍ବନ୍ଧୀୟ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି । ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗର ସମ୍ମିଳନୀ କକ୍ଷରେ କର୍ମଶାଳାର ଉଦଘାଟନରେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ ଓ ସମବାୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଉଷାରାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ଅବସରରେ ଶ୍ରୀ ବିଶୋୟୀ ସୂଚନା ଅଧିକାର ଆଇନ-୨୦୦୫ର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଆଇନ ନାଗରିକମାନଙ୍କୁ ସରକାରୀ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ପାଇବାକୁ କ୍ଷମତା ଦିଏ ଏବଂ ଦାୟିତ୍ୱପୂର୍ଣ୍ଣ ପ୍ରଶାସନକୁ ପ୍ରୋତ୍ସାହିତ କରେ । ସରକାରୀ କର୍ତ୍ତୃପକ୍ଷଙ୍କୁ ଦକ୍ଷ କରିବା ପାଇଁ ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅତ୍ୟନ୍ତ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଛନ୍ତି । ସେହିପରି ସୂଚନା ଅଧିକାର ଆଇନର ବିଭିନ୍ନ ଧାରା, ଏହାର କାର୍ଯ୍ୟପ୍ରଣାଳୀ ଓ ନିଜ ଅନୁଭବ ଆଧାରିତ ଅନେକ ଉଦାହରଣ ମାଧ୍ୟମରେ ସେ ଅଂଶଗ୍ରହଣକାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ସେହିପରି ନିର୍ଦ୍ଦେଶକ ଶ୍ରୀ ଦାସ ପଟ୍ଟନାୟକ ସୂଚନା ଅଧିକାର ଆଇନର ଗୁରୁତ୍ୱ ଉପରେ ଆଲୋକପାତ କରି ସରକାରୀ ପ୍ରଶାସନର ସ୍ୱଚ୍ଛତା ଓ ଉତରଦାୟିତ୍ୱ ବୃଦ୍ଧିରେ ଏହି ଆଇନର ଭୂମିକା ବିଷୟରେ ଉଲ୍ଲେଖ କରିଥିଲେ । ସେହିପରି ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ ଆରଟିଆଇ ଆବେଦନ ଗ୍ରହଣ କରିବା ଏବଂ ଉଚିତ୍ ସମୟରେ ଉତ୍ତର ରଖିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହି ଚାରି ଦିବସୀୟ କର୍ମଶାଳାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିବେ । ୪ ଟି ପର୍ଯ୍ୟାୟରେ ସମସ୍ତ ବିଭାଗର କର୍ତ୍ତୃପକ୍ଷଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ।

# କଟକ ଏସ୍‌ସିବି ଅଗ୍ନିକାଣ୍ଡ ଘଟଣା ପରିଚାଳନା ଓ ପ୍ରଶାସନିକ ଅବହେଳାର ଚରମ ନିଦର୍ଶନ : କଂଗ୍ରେସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଏସ୍ ସି ବି ବଡ଼ ମେଡ଼ିକାଲରେ ଅଗ୍ନିକାଣ୍ଡ ରେ ୧୧ ଜଣ ଚିକିତ୍ସାଧୀନ ରୋଗୀଙ୍କର ମର୍ମନ୍ତୁଦ ହୃଦୟବିଦାରକ ମୃତ୍ୟୁ ଦୁର୍ଭାଗ୍ୟଜନକ ଓ ଏଥିପାଇଁ ପ୍ରଶାସନିକ ଅବହେଳା, ପରିଚାଳନାଗତ ତ୍ରୁଟି ସର୍ବୋପରି ସରକାରୀ ଉଦାସୀନତା ଦାୟୀ ବୋଲି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆସିଥିବା ଏକ ଉଚ୍ଚ ସ୍ତରୀୟ ପ୍ରତିନିଧି ମଣ୍ଡଳୀ ଘଟଣାସ୍ଥଳ ପରିଦର୍ଶନ କରି ମତବ୍ୟକ୍ତ କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆସିଥିବା ତଥ୍ୟ ଅନୁସନ୍ଧାନ କାରୀ ପ୍ରତିନିଧି ମଣ୍ଡଳୀ ସୋମବାର ପୂର୍ବାହ୍ନରେ ବଡ଼ ମେଡିକାଲରେ ପହଂଚି ଶବ ନିଆଁ ଲାଗିଥିବା ଘଟଣାସ୍ଥଳ, ଶବବ୍ୟବଚ୍ଛେଦ ଗୃହ ରେ ମୃତକଙ୍କୁ ଦେଖିବା ପରେ ଉପସ୍ଥିତ ମୃତକଙ୍କ ପରିବାର ସଦସ୍ୟ ଙ୍କୁ ସାନ୍ତ୍ୱନା ଓ ସମବେଦନା ଜଣାଇଥିଲେ। ମୃତକଙ୍କ ପରିବାର ବର୍ଗଙ୍କୁ ୧ କୋଟି ଟଙ୍କାର ସହାୟତା ରାଶି ସରକାର ତୁରନ୍ତ ପ୍ରଦାନ କରିବା ସହ ପରିବାର ର ଜଣକୁ ଚାକିରି ଦେବାପାଇଁ ବ୍ୟବସ୍ଥା କରିବାକୁ ସେମାନେ ଦାବି ଜଣାଇଛନ୍ତି। ଏଥିସହ ଏପରି ଦାୟୀତ୍ୱ ହୀନତା ରେ ସଂପୃକ୍ତ ଅଧିକାରୀ ମାନଙ୍କ ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନର ଦାବି ରଖିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନିଜର ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ନଚେତ୍ ମୁଖ୍ୟ ମନ୍ତ୍ରୀ ତାଙ୍କୁ ବହିଷ୍କାର କରନ୍ତୁ ବୋଲି ନେତୃମଣ୍ଡଳୀ ଏକ ଖବରଦାତା ସମ୍ମିଳନୀରେ ମତବ୍ୟକ୍ତ କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟି ର ସଭାପତି ଭକ୍ତ ଚରଣ ଦାସ ଙ୍କ ଦ୍ୱାରା ଗଠିତ ଏହି କମିଟି ମେଡିକାଲ ପରିଦର୍ଶନ କରିବା ପରେ ଏକ ଖବରଦାତା ସମ୍ମିଳନୀରେ ସରକାର ଙ୍କ ଅପାର ଗତା ସଂପର୍କ ରେ ବର୍ଷିବା ସହ ଘଟଣାର ବିଦ୍ଧିବଦ୍ଧ ତଦନ୍ତ ଦାବି କରିଥିଲେ। ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ କୁମାର ଦାସ ଙ୍କ ସଂଯୋଜନା ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରତିନିଧି ମଣ୍ଡଳୀ ର ଅଧ୍ୟକ୍ଷ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ନଗେନ୍ଦ୍ର କୁମାର ପ୍ରଧାନ, ପୂର୍ବତନ ବିଧାୟକ ରବିନ୍ଦ୍ର କୁମାର ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର, ବିଶ୍ୱଜିତ ଦାସ, ତ୍ରିଲୋଚନ ମହାନ୍ତି, କର୍ପୋରେଟର କାମେଶ୍ୱର ରାଓ, ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ସିବି ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ରାଜ୍ୟ ବିଜେପିର ଶୋକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଅଗିକାଣ୍ଡ ଯୋଗୁ ସ୍ଥାନାନ୍ତର ସମୟରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫ଜଣ ଗୁରୁତର ହୋଇଛନ୍ତି । ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ରାଜ୍ୟ ସଭାପତି ମନମୋହନ ସାମଲ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସ୍ୱର୍ଗତଃ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁପରିଜନଙ୍କୁ ସମବେଦନା ଜଣାଇବା ସହ ଅସୀମ ଧୈର୍ଯ୍ୟ ପ୍ରଦାନ କରିବାକୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ଶ୍ରୀ ସାମଲ ପ୍ରାର୍ଥନା କରିଛନ୍ତି। ଏଥିସହ ଗୁରୁତରମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହି ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୁରନ୍ତ ୨୫ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଥିବାବେଳେ ସମସ୍ତ ପ୍ରକାର ସହଯୋଗ ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ରହିଛନ୍ତି ବୋଲି ଶ୍ରୀ ସାମଲ କହିଛନ୍ତି।

ଭୁବନେଶ୍ୱର, ୧୭ମାର୍ଚ୍ଚ, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ବିଚାରପତି ବଦଳିବାର ଦାବି ନେଇ ସୁପ୍ରିମକୋର୍ଟରେ ପହଞ୍ଚିଲେ ଅରବିନ୍ଦ କେଜ୍ରିୱାଲ

**ନୂଆଦିଲ୍ଲୀ, ୧୬/୦୩**

ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜ୍ରିୱାଲ ମଦ ଦୁର୍ନୀତି ମାମଲାରେ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାମଲାର ଶୁଣାଣି କରୁଥିବା ବିଚାରପତି ସ୍ୱର୍ଣ୍ଣକାନ୍ତ ଶର୍ମାଙ୍କ ବଦଳି ପାଇଁ କେଜରିୱାଲଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରି ଦେଇଥିଲେ। କେଜ୍ରିୱାଲ ବିଚାରପତିଙ୍କ ଉପରେ ପକ୍ଷପାତିତାର ଅଭିଯୋଗ ଆଣି ଥିଲେ। କିନ୍ତୁ ହାଇକୋର୍ଟରୁ ଝଟକା ପାଇବା ପରେ, କେଜ୍ରିୱାଲ ଏବେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।



ଅରବିନ୍ଦ କେଜ୍ରିୱାଲ ଏବଂ ଅନ୍ୟମାନେ ମଦ ଦୁର୍ନୀତି ମାମଲାରେ ସେମାନଙ୍କ ଦୋଷମୁକ୍ତି ବିରୋଧରେ ସିବିଆଇର ଆବେଦନକୁ ,ବିଚାରପତି ସ୍ୱର୍ଣ୍ଣକାନ୍ତ ଶର୍ମାଙ୍କ ବଦଳରେ ଅନ୍ୟ ଜଣେ ବିଚାରପତିଙ୍କ ସମ୍ମୁଖରେ ତାଲିକାଭୁକ୍ତ କରିବାକୁ ଆବେଦନ କରିଥିଲେ।

ଘଟଣାକ୍ରମ ସହିତ ଜଡିତ ସୂତ୍ର ଅନୁଯାୟୀ, ଜଷ୍ଟିସ୍ ଉପାଧ୍ୟାୟ କହିଥିଲେ ଯେ, ରୋଷ୍ଟର ଅନୁସାରେ ଜଷ୍ଟିସ୍ ଶର୍ମା ଅଧିନସ୍ଥ କୋର୍ଟଙ୍କ ନିଷ୍ପତ୍ତି ବିରୁଦ୍ଧରେ ସିବିଆଇର ଆବେଦନର ଶୁଣାଣି କରୁଛନ୍ତି ଏବଂ ଅନ୍ୟ କୌଣସି ବିଚାରପତିଙ୍କ ସମ୍ମୁଖରେ ଆବେଦନକୁ ତାଲିକାଭୁକ୍ତ କରିବାର କୌଣସି କାରଣ ନାହିଁ। ମୁଖ୍ୟ ବିଚାରପତି ସ୍ପଷ୍ଟ କରିଛନ୍ତି ଯେ, କେବଳ ସମ୍ପୃକ୍ତ ବିଚାରପତି ହିଁ ଆବେଦନରୁ ନିଜକୁ ଓହରି ଯିବା ପାଇଁ ନିଷ୍ପତ୍ତି ନେଇ ପାରିବେ। ସୋମବାର ଦିନ ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତ ଶର୍ମାଙ୍କ ସମ୍ମୁଖରେ ସିବିଆଇ ଆବେଦନ ତାଲିକାଭୁକ୍ତ ହୋଇଛି। କେଜ୍ରିୱାଲ, ଆମ୍ ଆଦମୀ ପାର୍ଟି (ଆପ୍) ନେତା ମନୀଷ ସିସୋଦିଆ ଏବଂ ଅନ୍ୟମାନେ ମାର୍ଚ୍ଚ ୧୧ ତାରିଖରେ ମୁଖ୍ୟ ବିଚାରପତି ଉପାଧ୍ୟାୟଙ୍କ ସମ୍ମୁଖରେ ଏକ ପ୍ରତିବେଦନ ଦାଖଲ କରି, ସିବିଆଇର ଆବେଦନ ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତଙ୍କ ବଦଳରେ ଜଣେ ନିରପେକ୍ଷ ବିଚାରପତିଙ୍କୁ ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲା । ରିପୋର୍ଟରେ କେଜରିୱାଲ ଦାବି କରିଛନ୍ତି ଯେ, ତାଙ୍କୁ ଏହି ମାମଲାରେ ନିରପେକ୍ଷ ଶୁଣାଣି ନହେବାର ଗମ୍ଭୀର, ବାସ୍ତବିକ ଏବଂ ଯୁକ୍ତିଯୁକ୍ତ ଆଶଙ୍କା ରହିଛି। କହି ରଖୁଛୁ ଯେ, ୨୭ ଫେବ୍ରୁୟାରୀରେ, ତଳ କୋର୍ଟ କେଜ୍ରିୱାଲ, ସିସୋଦିଆ ଏବଂ ଅନ୍ୟ ୨୧ ଜଣଙ୍କୁ ଦୋଷମୁକ୍ତ କରିଥିଲେ ଏବଂ ସିବିଆଇକୁ ଭର୍ତ୍ସନା କରିଥିଲେ ।



ନୂଆଦିଲ୍ଲୀ : ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ସୋମବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଛନ୍ତି।







ଭୁବନେଶ୍ୱର : ରାଜସଭା ନିର୍ବାଚନ ପାଇଁ ମତଦାନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। (ଫଟୋ : ସମ୍ବାଦ କଳିକା)

# ନିତା ଅମ୍ବାନୀଙ୍କୁ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ-୨୦୨୫

**ଭୁବନେଶ୍ୱର,୧୬ ।୩**
**ନ୍ୟୁଜ ବ୍ୟୁରୋ**

ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ଓ ଚେୟାରପର୍ସନ ନିତା ଏମ୍. ଅମ୍ବାନୀଙ୍କୁ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ସୋମବାର କିସ୍ ଦୂତି ଚାନ୍ଦ ଆଥ୍ଲେଟିକ୍ ଷ୍ଟାଡିୟମରେ ଅନୁଷ୍ଠିତ ଏକ ଭବ୍ୟ ଉତ୍ସବରେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ନିତା ଅମ୍ବାନୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଶ୍ରୀଲଙ୍କାର ନୋବେଲ ବିଜେତା ପ୍ରଫେସର ମୋହନ ମୁନାସିଂହେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଓ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରିଥିଲେ। ରିଲାଏନ୍ସ ଫାଉଣ୍ଡେସନ ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ଗ୍ରାମୀଣ ପରିବର୍ତ୍ତନ, ମହିଳା ସଶକ୍ତିକରଣ ଏବଂ କ୍ରୀଡା ପ୍ରୋତ୍ସାହନ ମାଧ୍ୟମରେ ସାମାଜିକ ବିକାଶରେ ଉଲ୍ଲେଖନୀୟ ଅବଦାନ ସକାଶେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।





ଏହି ସମ୍ମାନ ଗ୍ରହଣ କରିବା ସହ କିସ୍ ଓ ଏହାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଦେଇ ଶ୍ରୀମତୀ ଅମ୍ବାନୀ କହିଲେ ଓଡ଼ିଶାରେ ଅନେକ ଭବ୍ୟ ମନ୍ଦିର ରହିଛି। ଡ. ଅଚ୍ୟୁତ ସାମନ୍ତ ଦୁଇଟି ମନ୍ଦିର ନିର୍ମାଣ କରିଛନ୍ତି। ତାହା ହେଉଛି ଦୁଇଟି ଆଧୁନିକ ଶିକ୍ଷା ମନ୍ଦିର-କିଟ୍ ଓ କିସ୍। ଏହି ଦୁଇଟି ଅନୁଷ୍ଠାନ ଆମ ଦେଶ ପାଇଁ ଗର୍ବ। ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ପୁରସ୍କାର ପାଇ ନିଜକୁ ଗର୍ବିତ ଅନୁଭବ କରୁଛନ୍ତି ଏବଂ ଏହି ସମ୍ମାନ କେବଳ ତାଙ୍କର ନୁହେଁ ବରଂ ରିଲାଏନ୍ସ ଫାଉଣ୍ଡେସନର ସମସ୍ତ ସଦସ୍ୟଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଥିଲେ। କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ସେ କହିଲେ, ତୁମେ ମୋତେ ଏଠାରେ ଦେଇଥିବା ସମ୍ମାନ ଓ ଭଲପାଇବାକୁ ମୁଁ କେବେବି ଭୁଲି ପାରିବି ନାହିଁ। କିଟ୍ ଓ କିସ୍ ପରିଦର୍ଶନ କରିବା ତାଙ୍କ ପାଇଁ ପ୍ରକୃତରେ ସୌଭାଗ୍ୟର ବିଷୟ ବୋଲି ସେ କହିଥିଲେ। ଭଗବାନ ଶ୍ରୀଜଗନ୍ନାଥଙ୍କ ପବିତ୍ର ଭୂମିକୁ ଆସି ବେଶ୍ ଅଭିଭୂତ ବୋଲି ପ୍ରକାଶ କରିବା ସହ ଓଡ଼ିଶାର ଏକ ସମୃଦ୍ଧ ସଂସ୍କୃତି, ପରମ୍ପରା ଓ ମୂଲ୍ୟବୋଧ ରହିଛି। ଓଡ଼ିଶାବାସୀ ପ୍ରକୃତି ସହ ଏକ ଗଭୀର ସଂଯୋଗ ରହିଛି।

ଏହି ଅବସରରେ ସେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଲେ, ପୁଅ ଓ ଝିଅଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ପୁଅମାନେ ଯାହା କରିପାରିବେ, ଝିଅମାନେ ମଧ୍ୟ ତାହା କରିପାରିବେ। ଛାତ୍ରମାନଙ୍କୁ ପରାମର୍ଶ ଦେଇ ସେ କହିଲେ, ଏହା କେବଳ ଆରମ୍ଭ, ତୁମର ଅନ୍ତିମ ଲକ୍ଷ୍ୟ ନୁହେଁ। ତୁମେମାନେ ବଡ଼ ବଡ଼ ସ୍ୱପ୍ନ ଦେଖିବା ଉଚିତ୍ ଏବଂ ସେହି ସ୍ୱପ୍ନଗୁଡିକ ହାସଲ କରିବା ପାଇଁ ନିଷ୍ଠାର ସହିତ କଠିନ ପରିଶ୍ରମ କରିବା ଉଚିତ୍ ବୋଲି ସେ କହିଥିଲେ। ଜୀବନରେ ସତ୍ୟପଥରୁ କେବେ ବି ବିଚ୍ୟୁତ ନ ହେବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। 'ମୁଁ କିସ୍‌ରେ ଭାରତର ଭବିଷ୍ୟତ ଦେଖିପାରୁଛି। ଏଠାରେ ପିଲାମାନଙ୍କୁ ଦେଖିବା ପରେ ମୋର ବିଶ୍ୱାସ ହେଉଛି, ଭାରତର ଭବିଷ୍ୟତ ଉଜ୍ଜ୍ୱଳ'ବୋଲି ସେ କହିଥିଲେ।

ସ୍ୱାଗତ ଭାଷଣରେ ଡ. ସାମନ୍ତ କହିଲେ, ସଫଳତାର ଅର୍ଥ କେବଳ ନିଜ ପାଇଁ କିଛି ହାସଲ କରିବା ନୁହେଁ; ଅନ୍ୟମାନଙ୍କ ଜୀବନରେ ଖୁସି ଆଣିପାରିଲେ ତାହା ପ୍ରକୃତ ସଫଳତା ବୋଲି କୁହାଯାଏ। ନୀତା ଅମ୍ବାନୀଙ୍କ ଉଦାହରଣ ଦେଇ ସେ କହିଲେ, ଯଦି ଆପଣ ଉତ୍ସର୍ଗୀକୃତ ଭାବରେ ଚେଷ୍ଟା କରନ୍ତି ତେବେ ପରିଶ୍ରମ କେବେ ବୃଥା ହୁଏ ନାହିଁ। ତାଙ୍କର ବହୁମୁଖୀ ସାମାଜିକ କାର୍ଯ୍ୟ ପାଇଁ ସେ ନୀତାଙ୍କୁ ପ୍ରଶଂସା କରିଥିଲେ। ଏହି ବସ୍ତୁବାଦୀ ଦୁନିଆରେ ପ୍ରେମ ଏବଂ ସମ୍ମାନ ପାଇବା ସହଜ ନୁହେଁ। ଶ୍ରୀମତୀ ଅମ୍ବାନୀ ତାଙ୍କର ଉତ୍ତମ ସାମାଜିକ ତଥା ମାନବିକ କାର୍ଯ୍ୟ ପାଇଁ ସମସ୍ତଙ୍କଠାରୁ ଭଲପାଇବା ଓ ସମ୍ମାନ ଅର୍ଜନ କରିଛନ୍ତି ବୋଲି ଡ. ସାମନ୍ତ କହିଥିଲେ। ୨୦୦୮ରେ ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଆରମ୍ଭ ହୋଇଥିବା କିସ୍ ହ୍ୟୁମାନିଟାରିଆନ୍ ପୁରସ୍କାର ହେଉଛି କିସ୍‌ର ସର୍ବୋଚ୍ଚ ସମ୍ମାନ। ଏହା ବିଶ୍ୱବ୍ୟାପୀ ମାନବିକତାର କାର୍ଯ୍ୟ ଜରିଆରେ ବିଶ୍ୱକୁ ସେବା ଯୋଗାଉଥିବା ବ୍ୟକ୍ତି ତଥା ସଂଗଠନକୁ ପ୍ରଦାନ କରାଯାଇଥାଏ।

# ଏସ୍‌ସିବି ଅଗ୍ନିକାଣ୍ଡରେ ଆହତ ହୋଇଥିବା ରୋଗୀଙ୍କୁ ଭେଟିଲେ ବିଜେଡି ସୁପ୍ରିମୋ

**ଭୁବନେଶ୍ୱର, ୧୬/୦୩ ନ୍ୟୁଜ ବ୍ୟୁରୋ**

ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସୋମବାର ସନ୍ଧ୍ୟାରେ କଟକ ଯାଇ ଅଗ୍ନିକାଣ୍ଡ କ୍ଷତିଗ୍ରସ୍ତ ଏସସିବି ମେଡିକାଲ କଲେଜର ଆଇସିୟୁ ବୁଲି ଦେଖିବା ସହ ସ୍ଥାନାନ୍ତର ହୋଇଥିବା ଆହତ ରୋଗୀଙ୍କୁ ଭେଟି ଥିଲେ ଓ ସେମାନଙ୍କ ଚିକିତ୍ସା ସମ୍ପର୍କରେ ଡାକ୍ତର ମାନଙ୍କ ସହ ଆଲୋଚନା କରିଥିଲେ।

କଟକ ବଡ଼ ଡାକ୍ତରଖାନା ପରି ଦେଶର ଏକ ପ୍ରତିଷ୍ଠିତ ସ୍ୱାସ୍ଥ୍ୟ ଅନୁଷ୍ଠାନର ଆଇସିୟୁରେ ଏଭଳି ଦୁର୍ଘଟଣାରେ ଶ୍ରୀ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ।



ବିରୋଧୀ ଦଳ ନେତାଙ୍କ ସହ କଟକ ମେୟର ସୁବାସ ସିଂଙ୍କ ସମେତ ବିଜେଡିର ନେତୃବର୍ଗ କଟକ ମେଡିକାଲ କଲେଜକୁ ଯାଇଥିଲେ।

## ଉପାସନା ମହାପାତ୍ରଙ୍କ ଭୋଟ୍‌କୁ ନେଇ ବିବାଦ

# ବିଧାୟିକା ଉପାସନା ଭୋଟଦାନରେ ତ୍ରୁଟି କରିଛନ୍ତି : ନବୀନ

**ଭୁବନେଶ୍ୱର,୧୬/୦୩ ନ୍ୟୁଜ ବ୍ୟୁରୋ**

ରାଜ୍ୟସଭା ନିର୍ବାଚନରେ ଭୋଟିଂ ବେଳେ ନବୀନଙ୍କ ବଡ଼ ଅଭିଯୋଗ । ବିଜେପି ବିଧାୟିକା ଉପାସନା ମହାପାତ୍ରଙ୍କ ଭୋଟକୁ ନେଇ ସଙ୍ଗୀନ ଅଭିଯୋଗ ଆଣିଲେ ବିରୋଧୀ ଦଳ ନେତା। ଉପାସନା ଭୋଟ ଦେବା ବେଳେ ଭୁଲ କରିଛନ୍ତି । କିନ୍ତୁ ପୋଲିଂ ଅଫିସର ଉପସନାଙ୍କ ଭୋଟକୁ ବେଆଇନ ଭାବେ ଗ୍ରହଣ କରିଛନ୍ତି। ବେଆଇନ୍ ଭାବେ ତାଙ୍କୁ ଦ୍ୱିତୀୟ ବାଲଟ ପେପର ପ୍ରଦାନ କରିଛନ୍ତି । ଏହାଦ୍ୱାରା ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାକୁ ଧ୍ୱଂସ କରାଯାଉଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୬/୦୩/୨୦୨୬
୯,୧୧,୮୦୦/- ଟଙ୍କା
ସୁନା:-୦୩ଗ୍ରାମ୍୩୦୦ ମିଲିଗ୍ରାମ୍
ରୂପା:-୫୨ଗ୍ରାମ୍୭୦୦ ମିଲିଗ୍ରାମ

## ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ବେତନଟୀ, ୧୬/୦୩ ନ୍ୟୁଜ ବ୍ୟୁରୋ**

ବେତନଟୀ ବ୍ଲକ ତଥା ବୈଶିଙ୍ଗା ଥାନା ଅଧୀନ ପ୍ରତିମାଦେଇପୁର ଗ୍ରାମର ମହେନ୍ଦ୍ର ଦଳେଇଙ୍କ ସାନ ପୁଅ ବିଜୟ କୁମାର ଦଳେଇ (୪୪) ଦାଦନ ଘଟିବାକୁ ଯାଇଥିଲା ସୁଦୂର ତାମିଲନାଡୁ। ହେଲେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ରବିବାର ପ୍ରାଣ ହରାଇଛନ୍ତି ବିଜୟ।

# ମମତା କାଳିୟା ଓ ଗିରିଜା ବଳୀୟାରସିଂହ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର



**ନୂଆଦିଲ୍ଲୀ/ ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ହିନ୍ଦୀ ଭାଷାର ବରିଷ୍ଠ କଥାକାର ମମତା କାଳିୟାଙ୍କୁ ୨୦୨୫ ମସିହା ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ଦେବାକୁ ଘୋଷଣା କରାଯାଇଛି। ମମତା କାଳିୟାଙ୍କୁ ଏହି ପୁରସ୍କାର ତାଙ୍କର ମେମୋୟର ପୁସ୍ତକ 'ଜିତେ ଜି ଆହ୍ଲାବାଦ' ପାଇଁ ଦିଆ ଯାଇଛି। ସାହିତ୍ୟ ଏକାଡେମୀ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତି ମୁତାବିକ ଏକାଡେମୀ ଦ୍ୱାରା ମାନ୍ୟତା ପ୍ରାପ୍ତ ୨୪ଟି ଭାରତୀୟ ଭାଷାରେ ବାର୍ଷିକ ସାହିତ୍ୟ ଏକାଡେମୀ ପୁରସ୍କାର ଦିଆଯିବ। ଏହି ସବୁ ପୁରସ୍କାରରେ ଆଠଟି କବିତା ସଂଗ୍ରହ, ଚାରୋଟି ଉପନ୍ୟାସ, ଛଅଟି କାହାଣୀ ସଂଗ୍ରହ, ଦୁଇଟି ନିବନ୍ଧ, ଗୋଟିଏ ସାହିତ୍ୟିକ ସମାଲୋଚନା, ଗୋଟିଏ ଆତ୍ମଜୀବନୀ ଓ ଦୁଇଟି ମେମୋୟର ପୁସ୍ତକ ଅନ୍ତର୍ଭୁକ୍ତ। ବିଜ୍ଞପ୍ତିରେ ଆହୁରି କୁହାଯାଇଛି ଯେ, ସାହିତ୍ୟ ଏକାଡେମୀ ପୁରସ୍କାର ୨୦୨୫ର ପ୍ରକ୍ରିୟା ଜାନୁଆରୀ ୨୦୨୫ରେ ଆରମ୍ଭ ହୋଇଥିଲା ଏବଂ ୩୦ ଜାନୁଆରୀ ୨୦୨୫ରେ ଏକ ବିଜ୍ଞାପନ ଜାରି କରାଯାଇଥିଲା। ସେହିପରି ବିଶିଷ୍ଟ କବି ଗିରିଜା କୁମାର ବଳୀୟାରସିଂହ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। କବିତା ପୁସ୍ତକ 'ପାଦପୂରଣ' ପାଇଁ ୨୦୨୫ ମସିହା ନିମନ୍ତେ ସମ୍ମାନ ଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ସେ ମନୋନୀତ ହୋଇଛନ୍ତି। ସୋମବାର ୨୪ ଭାଷାରେ ପୁରସ୍କାର ପାଇଁ ମନୋନୀତ ତାଲିକା ପ୍ରକାଶ ପାଇଛି। ଆସନ୍ତା ୩୧ରେ ନୂଆଦିଲ୍ଲୀରେ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ। ଏ ଖବର ପ୍ରଚାର ହେବା ପରେ ସାହିତ୍ୟିକ ମହଲରେ ବେଶ୍ ଆନନ୍ଦ ପ୍ରକାଶ ପାଇଛି । ଗିରିଜାଙ୍କ ପାଖକୁ ଛୁଟିଛି ଶୁଭେଚ୍ଛାର ସୁଅ। ଶ୍ରୀ ବଳୀୟାରସିଂହ ରାଜ୍ୟର ଜଣେ ଆଗଧାଡ଼ିର ବେଶ୍ ଜଣାଶୁଣା କବି। ଜଣେ ଶବ୍ଦଭେଦୀ କାବ୍ୟପୁରୁଷ ଭାବରେ ସେ ଓଡ଼ିଶାର ସାରସ୍ୱତ ଜଗତରେ ସୁପରିଚିତ । 'ଭାରତବର୍ଷ' କାବ୍ୟକୃତି ପାଇଁ ୨୦୦୬ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ। ୧୯୭୬ରୁ ୨୦୨୪ ମସିହା ଯାଏଁ ପ୍ରାୟ ଅର୍ଦ୍ଧ ଶତାବ୍ଦୀର ଅବଧି ମଧ୍ୟରେ ସେ ଆମକୁ ଦେଇସାରିଛନ୍ତି ୧୫ଟି କାବ୍ୟକୃତି। ଓଡ଼ିଆ ସନେଟ୍ ସାହିତ୍ୟରେ ସେ ଏକ ଅଭିନବ ଧାରାପ୍ରବାହର ପ୍ରବର୍ତ୍ତକ । ତାଙ୍କର ବହୁ ରଚନା ପାଠକଙ୍କୁ ବେଶ୍ ବିମୁଗ୍ଧ କରି ଆସିଛି। ତାଙ୍କର ଏ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଗିରିଜାଙ୍କର ଉପଲବ୍ଧି ଓଡ଼ିଆ ସାହିତ୍ୟକୁ ଜାତୀୟ ସ୍ତରରେ ନୂତନ ପରିଚୟ ପ୍ରଦାନ କରିଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି ।

# ଭିଜିଲାନ୍ସ ଜାଲରେ ଆକାଉଣ୍ଟାଣ୍ଟ

**ଅତାବିରା ୧୬/୦୩ ନ୍ୟୁଜ ବ୍ୟୁରୋ**

ବକେୟା ଦରମା ନେବ ତ । ମାଗଣା ମିଳିବିନି । ତମକୁ କିଛି କରିବାକୁ ପଡିବ । ୬ହଜାର ଦିଅ, ତମ କାମ ହୋଇଯିବ । ଏମିତି ଭେଳିକି ଦେଖାଇ ଜଣେ କର୍ମଚାରୀଙ୍କ ଠାରୁ ଟଙ୍କା ନେଉଥିଲେ ବିଇଓ ମହାଶୟ । କର୍ମଚାରୀ ବି ବେଶ୍ ଚାଲାକ । ଏପଟେ ଟଙ୍କା ଦେବାକୁ ହଁ କରି ସେପଟେ ଭିଜିଲାନ୍ସକୁ ଖବର ଦେଇଦେଲେ । ଲାଞ୍ଚୁଆ ବାବୁ ଜଣକ ଟଙ୍କା ଧରିବା ବେଳକୁ ତାଙ୍କୁ ମାଡିବସିଥିଲା ଭିଜିଲାନ୍ସ। ଲାଞ୍ଚୁଆ ବାବୁ ଜଣକ ହେଉଛନ୍ତି ବରଗଡ ଜିଲ୍ଲା ବରପାଲି ବ୍ଲକ ଏଜୁକେସନ ଅଫିସ୍‌ର ଜୁନିଅର କ୍ଲର୍କ ତଥା ଆକାଉଣ୍ଟାଣ୍ଟ ରଜନୀକାନ୍ତ କର । ଅଭିଯୋଗକାରୀଙ୍କ ଦରମା ବାକି ଥିଲା। ବକେୟା ବେତନ ବିଲ୍ ପ୍ରସ୍ତୁତ କରିବାକୁ ସେ ରଜନୀକାନ୍ତ କରଙ୍କୁ ବାରମ୍ବାର ଅନୁରୋଧ କରୁଥିଲେ । କିନ୍ତୁ ରଜନୀକାନ୍ତ ଆଜି ହୋଇଯିବ, କାଲି ଆସ ଏମିତି କହି ଦିନ ଗଡାଇ ଚାଲିଥିଲେ ।

କର୍ମଚାରୀ ଜଣଙ୍କ ବେଶୀ ବାଧ କରିବାରୁ ଅସଲ ରୂପ ଦେଖାଇଥିଲେ ବିଇଓ ରଜନୀକାନ୍ତ। ୬ହଜାର ଟଙ୍କା ଦେଲେ ବାକି ଦରମା ମିଳିଯିବ କହିଥିଲେ। କର୍ମଚାରୀ ଜଣକ ଲାଞ୍ଚୁଆ ବାବୁକୁ ପାନେ ଦେବାକୁ ଭାବିଲେ, ଆଉ ଭିଜିଲାନ୍ସକୁ ଖବର ଦେଇଦେଲେ । ଅଭିଯୋଗ ପାଇବା ପରେ ଟ୍ରାପ୍ ଅପରେସନ୍ ଆରମ୍ଭ ହୋଇଥିଲା। କର୍ମଚାରୀଙ୍କ ଠାରୁ ୬ ହଜାର ଟଙ୍କା ନେବାବେଳେ ଧରିଥିଲା ଭିଜିଲାନ୍ସ। ତାଙ୍କ ଠାରୁ ୬ ହଜାର ଟଙ୍କା ଜବତ କରାଯାଇଛି। ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ବିଇଓଙ୍କ ଦୁଇଟି ସ୍ଥାନରେ ସମ୍ପତ୍ତି ତଦନ୍ତ ଚାଲିଛି । ଭିଜିଲାନ୍ସ ଟିମ୍‌ର ଖୋଳତାଡ ପରେ ସବୁକିଛି ସ୍ପଷ୍ଟ ହେବ।





**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# କଟକ ଏସିବି ଅଗ୍ନିକାଣ୍ଡ ପରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନି ନିରାପତ୍ତା ଯାଞ୍ଚ

**ପୁରୀ, ୧୬/୦୩ ନ୍ୟୁଜ ବ୍ୟୁରୋ**

କଟକ ଏସସିବି ମେଡିକାଲରେ ଅଗ୍ନିକାଣ୍ଡ ପରେ ପୁରୀ ଜିଲ୍ଲା ପ୍ରଶାସନ ତତ୍ପର ହୋଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଏସ୍‌ପି ପ୍ରତୀକ ସିଂ ନିଜେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଆଇସିୟୁ, ଓଟି, ମହିଳା ଓ ଶିଶୁ ବିଭାଗ ବିଲ୍ଡିଂ ସହ ବିଭିନ୍ନ ୱାର୍ଡ ପରିଦର୍ଶନ କରି ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି । କେତେକ ସ୍ଥାନରେ ଅସୁରକ୍ଷିତ ଭାବରେ ଇଲେକ୍ଟ୍ରି ତାର ଥିବାରୁ ଏହାକୁ ତୁରନ୍ତ ବଦଳାଇବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଆହୁରି ଅତିରିକ୍ତ ସୁରକ୍ଷା ବ୍ୟବସ୍ଥା କିଭଳି ନିଆଯାଇପାରିବ ସେନେଇ ଏକ ରିପୋର୍ଟ ଦେବାକୁ ପୁରୀ ଜିଲ୍ଲା ଅଗ୍ନିଶମ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅଗ୍ନିଶମ ଅଧିକାରୀ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏକ ମିଳିତ ଟିମ୍ ପୁରୀ ଜିଲ୍ଲା ଚିକିତ୍ସାଳୟକୁ ସମ୍ପୂର୍ଣ୍ଣ ତଦାରଖ କରି ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି । ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଯାହାକିଛି ଆବଶ୍ୟକ ରହିଛି ତାହା ଖୁବ୍‌ଶୀଘ୍ର ପୂରଣ କରାଯିବ ବୋଲି ପୁରୀ ଜିଲ୍ଲାପାଳ କହିଛନ୍ତି ।





ସାମାଜିକକର୍ମୀ ଆଦିତ୍ୟ ନାରାୟଣ ବାରିକ ଅଭିଯୋଗ ଆଣିଛନ୍ତି ଯେ, ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି । ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପର୍ଯ୍ୟାପ୍ତ ଅଗ୍ନି ନିର୍ବାପକ ଯନ୍ତ୍ର ନାହିଁ । ନିଆଁ ଲାଗିଲେ ଏହାକୁ ପ୍ରାଥମିକ ଭାବେ କିଭଳି ନିଆଁକୁ ଆୟତ୍ତ କରିହେବ ସେନେଇ ମେଡିକାଲ କର୍ମଚାରୀଙ୍କୁ ନିୟମିତ ତାଲିମ ଦିଆଯାଉନାହିଁ । ଲୋକଙ୍କ ଧନ ଜୀବନ ସୁରକ୍ଷା ପ୍ରତି ପୁରୀ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ନଦେଲେ ଆଗାମୀ ଦିନରେ ଏହାର ଦୃଢ଼ ପ୍ରତିବାଦ କରାଯିବ। ପର୍ଯ୍ୟଟନ ସହର ପୁରୀକୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି। ସେମାନେ ସ୍ୱାସ୍ଥ୍ୟାବସ୍ଥା ନେଇ ଚିକିତ୍ସା ପାଇଁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଛନ୍ତି। ପୁରୀ ଜିଲ୍ଲାର ହଜାର ହଜାର ଲୋକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରନ୍ତି। ଲୋକଙ୍କର ଜୀବନ ସୁରକ୍ଷା ପାଇଁ ମେଡିକାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ କଡାକଡି କରାଯିବା ପାଇଁ ଦାବି କରିଛନ୍ତି ପୁରୀ ବାସିନ୍ଦା ଓ ରୋଗୀଙ୍କ ସମ୍ପର୍କୀୟ। ସେହିପରି ହଠାତ ଅଗ୍ନିକାଣ୍ଡ ଘଟିଲେ ନିଆଁକୁ ପ୍ରାଥମିକ ଅବସ୍ଥାରେ କିଭଳି ଆୟତ୍ତ କରିହେବ ସେନେଇ ମେଡିକାଲରେ ଥିବା କର୍ମଚାରୀଙ୍କୁ ଫାୟାର ଫାଇଟିଂ ତାଲିମ୍ ଦେବାର ଆବଶ୍ୟକତା ଥିବା କହିଛନ୍ତି ସାମାଜିକକର୍ମୀ ଓ ପୁରୀ ବାସିନ୍ଦା ।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ମହିଳା ଓ ଶିଶୁ ବିଭାଗର ଛଅ ମହଲା ବିଲ୍ଡିଂରେ ବ୍ୟାପକ ଭାବରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରାଯିବାର ଆବଶ୍ୟକତା ରହିଛି । ଏହା ବହୁ ଉଚ୍ଚତମ ବିଲ୍ଡିଂ ହୋଇଥିବାରୁ ଉପର ମହଲାରେ ଅଗ୍ନିକାଣ୍ଡ ଘଟିଲେ ରୋଗୀଙ୍କୁ ଉଦ୍ଧାର କରିବାରେ ବ୍ୟାପକ ସମସ୍ୟା ସୃଷ୍ଟି ହୋଇପାରେ। ତେଣୁ ବହୁତଳ ପ୍ରାସାଦ ବିଲ୍ଡିଂଗୁଡିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ କଡାକଡି କରାଯିବାର ଆବଶ୍ୟକତା ରହିଛି।

ପୁରୀ ଅଗ୍ନିଶମ କେନ୍ଦ୍ରର ଅଗ୍ନିଶମ ଅଧିକାରୀ ପ୍ରଭାତ କୁମାର ରାଉତ କହିଛନ୍ତି, 'ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଯାହା କିଛି ଅଳ୍ପ ସମସ୍ୟା ରହିଛି, ଏହାର ତାଲିକା କରାଯାଇଛି। ଏହି ସମସ୍ୟା ଦୂର ପାଇଁ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ । ମେଡିକାଲରେ ଏକ ମକ ଡ୍ରିଲ୍ କରି କର୍ମଚାରୀଙ୍କୁ ଅଗ୍ନିକାଣ୍ଡ ବେଳେ କିଭଳି ଲୋକଙ୍କୁ ଉଦ୍ଧାର କରିବେ, ଅଗ୍ନିକାଣ୍ଡକୁ କିଭଳି ଆୟତ୍ତ କରିବେ ସେନେଇ ପ୍ରଶିକ୍ଷଣ ଦିଆଯିବ। ସହରରେ ଥିବା ବଡ ବିଲ୍ଡିଂ ଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରିବୁ ବୋଲି ଶ୍ରୀ ରାଉତ କହିଛନ୍ତି।'

ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକ୍ଷକ ଡାକ୍ତର ରବୀନ୍ଦ୍ର ନାଥ ମିଶ୍ର କହିଛନ୍ତି, 'ଆମ ପାଖରେ ସବୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଛି। ଯାହା କିଛି ଆଉ ଅଧିକ ଆବଶ୍ୟକତା ଥିବ ଅଗ୍ନିଶମ ଅଧିକାରୀ ଆମକୁ ଜଣାଇଲେ ଆମେ ତାହା ପୂରଣ ପାଇଁ ପଦକ୍ଷେପ ନେବୁ । ଅଗ୍ନିକାଣ୍ଡକୁ ନିୟନ୍ତ୍ରଣ ପାଇଁ ଆମ ମେଡିକାଲ କର୍ମଚାରୀଙ୍କୁ ଆମେ ପ୍ରଶିକ୍ଷଣ ଦେଇଛୁ । ଏବେ ପୁଣି ଥରେ ସେମାନଙ୍କୁ ତାଲିମ ଦିଆଯିବ । ଏହି ପରିପ୍ରେକ୍ଷୀରେ ଅଗ୍ନିଶମ ଅଧିକାରୀ, ପୁରୀ ଏସ୍‌ପି, ମେଡିକାଲ ପରିଚାଳକ, ବୈଷୟିକ ଅଧିକାରୀଙ୍କୁ ନେଇ ଏକ ମିଳିତ ଟିମ୍ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଯାଞ୍ଚ କରିଛନ୍ତି। ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସବୁ ପ୍ରକାର ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଛି । ଆଉ ଯାହା କିଛି ସମସ୍ୟା ରହିଛି ତାହା ଶୀଘ୍ର ଦୂର କରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରାଯାଉଛି । ଖୁବଶୀଘ୍ର ଏହାକୁ କାର୍ଯ୍ୟକାରୀ କରାଯିବ । ପୁରୀ ଜିଲ୍ଲାରେ ଥିବା ସବୁ ସରକାରୀ ଚିକିତ୍ସାଳୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ପାଇଁ କମିଟି ରହିଛି। ସେମାନଙ୍କୁ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପୁରୀ ସହରରେ ଯେତେ ଉଚ୍ଚ ଅଟ୍ଟାଳିକା ରହିଛି ତାହାର ସର୍ଭେ କରାଯାଇଛି। ସେଠାରେ ସବୁ ପ୍ରକାରର ଅଗ୍ନି ନିରାପତ୍ତା ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି ।